

# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS

RNI Regn No- ODIODI/2014/57766.



ବର୍ଷ- ୧୧ ସଂଖ୍ୟା-୧୫୧ ଭୁବନେଶ୍ୱର ଗୁରୁବାର, ଫେବୃୟାରୀ ୧୩.୨୦୨୫ | ପୃଷ୍ଠା - ୮ | ମୂଲ୍ୟ : ୨.୦୦/- | Vol.11 . No.151 Bhubaneswar, Thursday, Februarry 13, 2025


## ଗୃହର ଗୌରବ ବୃଦ୍ଧି କରିବ ପେପରଲେସ୍ ହାଉସ୍

ଭୁବନେଶ୍ୱର,୧୨/୨: ଇ-ବିଧାନ ଆପ୍ଲିକେସନ୍ ଅଧୀନରେ ବିଧାନସଭାରେ 'ଡିଜିଟାଲ ହାଉସ୍'ର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ସେ କହିଛନ୍ତି ଯେ, ପେପରଲେସ୍ ହାଉସ୍ ଯୋଗୁଁ ଗୃହର ଗୌରବ ବୃଦ୍ଧି ହେବ। ଏହି ପଦକ୍ଷେପ ଫଳରେ ଆମର ବିଧାନସଭା ଏକ ଡିଜିଟାଲ ଯୁଗକୁ ଆଉ ଏକ ପାଦ ଅଗ୍ରସର ହୋଇଛି। ବୁଧବାର ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଇ-ବିଧାନସଭା ଆପ୍ଲିକେସନ ଅଧୀନରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଜିଠାରୁ ଏହି ଗୃହ 'ନେଭା ଡିଜିଟାଲ ହାଉସ୍' ଭାବରେ ପରିଗଣିତ ହେଲା। ଏଣିକି ବିଧାନସଭାରେ ଗୃହର ସବୁ କାର୍ଯ୍ୟକ୍ରମ ଡିଜିଟାଲ ମାଧ୍ୟମରେ ଉପଲବ୍ଧ ହେବ। ଏହା ମୋ ପାଇଁ ଏବଂ ଗୃହର ସମସ୍ତ ସଦସ୍ୟଙ୍କ ପାଇଁ ନିଶ୍ଚିତ ଭାବରେ ଗୌରବର ବିଷୟ। ଏହାଦ୍ୱାରା ବିଧାନସଭାର ସମସ୍ତ ସଦସ୍ୟ ସେମାନଙ୍କ ମୋବାଇଲ କିମ୍ବା ଅନ୍ୟ କୌଣସି ଡିଜିଟାଲ ଡିଭାଇସରେ ରିଏଲ ଟାଇମ ତଥ୍ୟ ପାଇପାରିବେ। ଗୃହର କାର୍ଯ୍ୟକ୍ରମର ଯେ'କୌଣସି ସମୟର ତଥ୍ୟ ସେହି ସମୟରେ ହିଁ ମିଳିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ବାସ୍ତବିକ୍ ଏକ ଯୁଗାନ୍ତକାରୀ ପରିବର୍ତ୍ତନ। ଏକ ପେପରଲେସ୍ ହାଉସ ଭାବରେ ଗୃହର ଗୌରବ ବୃଦ୍ଧି ହେବ। ଡିଜିଟାଇଜେସନ ବିପ୍ଳବ ସହିତ ତାଳ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନେତୃତ୍ୱରେ ଭାରତ ସରକାର ଏକ ଫ୍ଲାଗସିପ୍ କାର୍ଯ୍ୟକ୍ରମ ଭାବରେ 'ଡିଜିଟାଲ ଇଣ୍ଡିଆ' ଏବଂ 'ଗୋ ଗ୍ରୀନ' କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହା ଦ୍ୱାରା ଭାରତଏକ ଡିଜିଟାଲ ସଶକ୍ତ ସମାଜ ଓ ଜ୍ଞାନଭିତ୍ତିକ ଅର୍ଥନୀତିରେ ପରିଣତ ହେବା ଦିଗରେ ଦ୍ରୁତ ଗତିରେ ଅଗ୍ରସର ହେଉଛି। କେବଳ ସେତିକି ନୁହେଁ, ପ୍ରଧାନମନ୍ତ୍ରୀ ଏବେ ଫ୍ରାନସ୍‌ରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ସମିଟ୍ ?ରେ ମଧ୍ୟ ସହ-ଅଧ୍ୟକ୍ଷ ଭାବରେ ଯୋଗଦେଇ ଭାରତ ସହିତ ସମଗ୍ର ବିଶ୍ୱର କଲ୍ୟାଣରେ କିପରି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଉପଯୋଗ ହୋଇପାରିବ, ତାହା ଉପରେ ଗୁରୁତ୍ୱାରୋପ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜାତୀୟ ଇ-ବିଧାନ ଆପ୍ଲିକେସନ୍ ବା ନେଭା ହେଉଛି ଭାରତ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ୪୪ଟି ମିଶନ ମୋଡ ପ୍ରକଳ୍ପ ମଧ୍ୟରୁ ଗୋଟିଏ। ବର୍ତ୍ତମାନ ସୁଦ୍ଧା ପୂରା ଦେଶରେ ଲୋକସଭା ଓ ରାଜ୍ୟସଭା ବ୍ୟତୀତ, ଓଡ଼ିଶା, ଗୁଜୁରାଟ, ଆସାମ, ହିମାଚଳ ପ୍ରଦେଶ, ରାଜସ୍ଥାନ, ପଂଜାବ, ବିହାର କାଉନସିଲ, ନାଗାଲାଣ୍ଡ, ଉତ୍ତରପ୍ରଦେଶ (ଉଭୟ ଗୃହ), ହରିୟାଣା, ମିଜୋରାମ, ମଣିପୁର, ମେଘାଳୟ, ତାମିଲନାଡୁ, ତ୍ରିପୁରା ଓ ସିକିମ ଭଳି ୧୬ଟି ବିଧାନସଭା ଗୃହରେ ନେଭା କାର୍ଯ୍ୟକାରୀ ହୋଇ ସାରିଲାଣି। ଏହି ପଦକ୍ଷେପ ଦ୍ୱାରା ଓଡ଼ିଶା, ନେଭା ମାଧ୍ୟମରେ ବ୍ୟବସ୍ଥାପକ ପଦ୍ଧତିର ଡିଜିଟାଇଜେସନ କାର୍ଯ୍ୟକାରୀ କରିବାରେ ଦେଶର ପ୍ରଥମ ରାଜ୍ୟ ବିଧାନସଭାଗୁଡ଼ିକ ମଧ୍ୟରୁ ଅନ୍ୟତମ ହୋଇପାରିଛି। ନେଭା ସଫ୍ଟୱେର ଆପ୍ଲିକେଶନ କାର୍ଯ୍ୟକାରୀ ହେବା ସହିତ ଓଡ଼ିଶା ବିଧାନସଭାର କାଗଜପତ୍ରର ବ୍ୟବହାରରେ ଉଲ୍ଲେଖନୀୟ ହ୍ରାସ ଘଟିଛି। ୨୦୨୧ରେ ବିଧାନସଭାରେ ନେଭା କାର୍ଯ୍ୟକାରୀ ହୋଇଥିଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ ହୋଇନଥିଲା। ହାଉସ୍ ?ରେ ଏହା କାର୍ଯ୍ୟକାରୀ ହେବା ଦ୍ୱାରା ଆମର ବିଧାନସଭା ଗୃହ ନେଭା ଡିଜିଟାଲ ହାଉସ ଭାବେ ସଦସ୍ୟମାନଙ୍କ ପାଇଁ ଖୁବ୍ ଉପଯୋଗୀ ସାବ୍ୟସ୍ତ ହେବ। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆମ ବିଧାନସଭାକୁ ସମ୍ପୂର୍ଣ୍ଣ ଭାବେ ଡିଜିଟାଲ କରିବା ବା କାଗଜବିହୀନ କରିବା। ଏହାର ପ୍ରମୁଖ ମଡ୍ୟୁଲଗୁଡିକ ହେଉଛି, ନେଭା ଇ-ବୁକ୍, ରାଜ୍ୟପାଳଙ୍କ ଅଭିଭାଷଣ, ଗୃହ କାର୍ଯ୍ୟସୂଚୀର ତାଲିକା ଏବଂ ପ୍ରଶ୍ନାବଳୀର ଡିଜିଟାଲ ପ୍ରଦର୍ଶନ, ଇ-ଭୋଟିଂ, ଇ-ଉପସ୍ଥିତି, ହାଉସ୍ , ସ୍ପିଚ ଟାଇମ୍ ମ୍ୟାନେଜମେଣ୍ଟ, ସ୍ପିକର ପ୍ୟାଡ, ମିନିଷ୍ଟରପ୍ୟାଡ, ଡାଇନାମିକ୍ ଇଭେଣ୍ଟସ୍, ଟାଇମ୍ ପୁସ୍, ଜନ୍ମଦିନର ଶୁଭେଚ୍ଛା, ନୋଟ୍, ସର୍କୁଲାର ଏବଂ ଅନ୍ୟାନ୍ୟ ସୂଚନା ଇତ୍ୟାଦି ରହିଛି। ଏହା ଗୃହର ସମସ୍ତ ସଦସ୍ୟଙ୍କ ପାଇଁ ଖୁବ୍ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବାଚସ୍ପତି ସୁରମା ପାଢ଼ୀ କହିଲେ ଯେ, ଆଜି ଓଡ଼ିଶା ବିଧାନସଭା ପାଇଁ ଏକ ସ୍ମରଣୀୟ ଦିନ। ବିଧାନସଭାରେ ଜାତୀୟ ଇ-ବିଧାନ ଆପ୍ଲିକେସନ୍‌ର ଶୁଭାରମ୍ଭ ହୋଇଛି। ଏହାଦ୍ୱାରା ସମସ୍ତ କାର୍ଯ୍ୟ ପେପରଲେସ୍ ହେବା ସହ ଖୁବ୍‌ଶୀଘ୍ର ସମ୍ଭବ ହୋଇପାରିବ। ସମସ୍ତ କାଗଜପତ୍ରର ଇ-ଲେୟିଙ୍ଗ, ଇଲେକ୍‌ଟ୍ରୋନିକ୍ ପ୍ୟାଡ ବ୍ୟବହାର ଜରିଆରେ ବାଚସ୍ପତି ଓ ସଚିବଙ୍କ ମଧ୍ୟରେ ଯୋଗାଯୋଗ ରକ୍ଷା, ଗୃହକାର୍ଯ୍ୟ ସମୟରେ ନୋଟ୍ ବିନିମୟ ପାଇଁ ମନ୍ତ୍ରୀ ଏବଂ ପ୍ରଶାସନିକ ସଚିବମାନଙ୍କ ମଧ୍ୟରେ ଯୋଗାଯୋଗ, ଗୃହର ଯେକୌଣସି କାର୍ଯ୍ୟସୂଚୀର ସୂଚୀ ଉପରେ ଇ-ଭୋଟିଂ, ସଦସ୍ୟ ବା ସଦସ୍ୟାମାନଙ୍କ ଇଉପସ୍ଥିତି, ଗୃହ କାର୍ଯ୍ୟର ସୂଚୀଗୁଡିକର ଡିଜିଟାଲ୍ ଡିସପ୍ଲେ ସିଷ୍ଟମ୍, ବକ୍ତା ଏବଂ ସଦସ୍ୟ ବା ସଦସ୍ୟାମାନଙ୍କ ଆଲୋଚନା ସମୟ ପରିଚାଳନା ଆଦି ଅନେକ କାର୍ଯ୍ୟ ସମ୍ଭବ ହୋଇପାରିବ। ଉକ୍ତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀମଣ୍ଡଳର ସଦସ୍ୟ, ବିଧାୟକବୃନ୍ଦ, କେନ୍ଦ୍ର ସଂସଦୀୟ ବ୍ୟାପାର ବିଭାଗର ଶାସନ ସଚିବ ଉମଙ୍ଗ ନରୁଲ। ରାଜ୍ୟ ସଂସଦୀୟ ବ୍ୟପାର ବିଭାଗ, ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଶକ୍ତି ଓ ଇଲେକ୍‌ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ ଦେବ, ନୂଆଦିଲ୍ଲୀସ୍ଥିତ ନେଭାର ମୁଖ୍ୟ ସଂଜୀବ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



## ତେଜୁଛି ପଦ୍ମଶ୍ରୀ ପୁରସ୍କାର ବିବାଦ

## ୨୪ ତାରିଖରେ ପରବର୍ତ୍ତୀ ଶୁଣାଣି




ଭୁବନେଶ୍ୱର, ୧୨/୨: ଏବେ ଖବର ପଦ୍ମଶ୍ରୀ ପୁରସ୍କାର ବିବାଦକୁ ନେଇ। ୨୦୨୩ରେ ସେ ପାଇବାକୁ ଥିବା ପୁରସ୍କାରକୁ ସମାନ ନାଁଧାରୀ ଅନ୍ୟ ଜଣେ ପାଇଥିବା ନେଇ ଭୁବନେଶ୍ୱରର ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ଅଭିଯୋଗକୁ ନେଇ ଚର୍ଚ୍ଚା। ମାମଲାରେ ତଥ୍ୟ ପ୍ରମାଣ ସହ ଉଭୟ ପକ୍ଷଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଆଜି ପ୍ରତିକ୍ରିୟା ରଖିଛନ୍ତି ପଦ୍ମଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ର। କହିଛନ୍ତି ନ୍ୟାୟିକ ପ୍ରକ୍ରିୟାରେ ବିଶ୍ୱାସ ଅଛି, ମାମଲା ବିଚାରାଧୀନ ଥିବାରୁ ଏନେଇ ଏବେ କିଛି କହିବା ସମ୍ଭବ ନୁହେଁ। ପଦ୍ମଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ର, ସାହିତ୍ୟିକ। ଡକ୍ଟର ଅନ୍ତର୍ଯ୍ୟାମୀ ମିଶ୍ର। ସେ ବି ସାହିତ୍ୟିକ। ଜଣଙ୍କ ଘର ଢେଙ୍କାନାଳ, ଅନ୍ୟ ଜଣେ ରୁହନ୍ତି ଭୁବନେଶ୍ୱରରେ। ୨୦୨୩ରେ ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନୂଆଦିଲ୍ଲୀରେ ରାଷ୍ଟ୍ରପତିଙ୍କଠାରୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ ହୁଅନ୍ତି ଢେଙ୍କାନାଳର ଅନ୍ତର୍ଯ୍ୟାମୀ ମିଶ୍ର। ପେଶାରେ ପ୍ରାଣୀ ଚିକିତ୍ସକ ଓ ସାହିତ୍ୟିକ ଭୁବନେଶ୍ୱରର ଅନ୍ତର୍ଯ୍ୟାମୀ ମିଶ୍ର ନିଜକୁ ପ୍ରକୃତ ପଦ୍ମଶ୍ରୀ ବିଜେତା ଦାବି କରି ହାଇକୋର୍ଟକୁ ଯିବା ଏବଂ କୋର୍ଟ ଉଭୟ ବାଦୀ ଓ ପ୍ରତିବାଦୀଙ୍କୁ ତଥ୍ୟ ପ୍ରମାଣ ସହ ବ୍ୟକ୍ତିଗତ ଭାବେ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେବାକୁ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା। ଭୁବନେଶ୍ୱରର ଅନ୍ତର୍ଯ୍ୟାମୀଙ୍କ କହିବା କଥା, ଓଡ଼ିଆ ଓ ଅନ୍ୟ ଭାରତୀୟ ଭାଷାରେ ତାଙ୍କର ୨୯ଟି ପୁସ୍ତକ ରହିଛି। ସାହିତ୍ୟ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ୨୦୨୩ରେ ତାଙ୍କ ନାଁ ହି ସୁପାରିଶ ହୋଇଥିଲା। ଏପରିକି ଏନେଇ ତାଙ୍କୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟରୁ ଫୋନ୍ କଲ ଆସିଥିଲା ଓ ଅଭିନନ୍ଦନ ଜଣାଯାଇ ପୁରସ୍କାର ଗ୍ରହଣ କରିବାକୁ ନିମନ୍ତ୍ରଣ ପତ୍ରକୁ ଅପକ୍ଷା କରିବାକୁ କୁହାଯାଇଥିଲା। କିନ୍ତୁ ତାଙ୍କ ପରିବର୍ତ୍ତେ ଅନ୍ୟଜଣେ ପଦ୍ମଶ୍ରୀ ପୁରସ୍କାର ଗ୍ରହଣ କଲେ। କେବଳ ସେତିକି ନୁହେଁ, ପୁରସ୍କାର ପାଇଥିବା ବ୍ୟକ୍ତିଙ୍କ ନାଁରେ ଖଣ୍ଡିଏ ବି ବହି ପ୍ରକାଶିତ ହୋଇ ନଥିବାର ବି ଅଭିଯୋଗ କରିଛନ୍ତି ଅନ୍ତର୍ଯ୍ୟାମୀ। ହେଲେ ମାମଲା ବିଚାରାଧୀନ ଥିବାରୁ ଏନେଇ କୌଣସି ପ୍ରତିକ୍ରିୟା ରଖିବାକୁ ପଦ୍ମଶ୍ରୀ ଗ୍ରହଣ କରିଥିବା ଢେଙ୍କାନାଳର ଅନ୍ତର୍ଯ୍ୟାମୀ ମିଶ୍ର ମନା କରିଛନ୍ତି।

## ବଢ଼ିଲା କନିଷ୍ଠ ଶିକ୍ଷକଙ୍କ ଦରମା



ଭୁବନେଶ୍ୱର,୧୨/୨: କନିଷ୍ଠ ଶିକ୍ଷକଙ୍କ ପାଇଁ ବଡ ଖୁସି ଖବର ଦେଇଛନ୍ତି ସରକାର । କନିଷ୍ଠ ଶିକ୍ଷକ(ସ୍କିମାଟିକ୍)ଙ୍କର ଦରମା ବଢାଇଛନ୍ତି । ସ୍କିମାଟିକ୍ କନିଷ୍ଠ ଶିକ୍ଷକମାନଙ୍କ ପାରିଶ୍ରମିକ ମାସିକ ୧୧ ହଜାର ଶହେ ଟଙ୍କାରୁ ୧୬ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ଏନେଇ ସ୍କୁଲ ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଜାରି କରାଯାଇଛି । ଗଣଶିକ୍ଷା ବିଭାଗ ସୂଚନା ଅନୁଯାୟୀ, ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲର ଶିକ୍ଷକଙ୍କୁ ଏହି ବର୍ଦ୍ଧିତ ଦରମା ମିଳିବ । ସମଗ୍ର ଶିକ୍ଷା ସ୍କିମ୍ ଅନୁସାରେ ପୂର୍ବରୁ ମାସିକ ୧୧ ହଜାର ଟଙ୍କା ପାରିଶ୍ରମିକ ପାଉଥିବା ବେଳେ ଏବେ ଏହାକୁ ୧୬ ହଜାରକୁ ସରକାର ବୃଦ୍ଧି କରିଛନ୍ତି । ଆଜିଠାରୁ ହିଁ ଏହି ବର୍ଦ୍ଧିତ ଦରମା ମିଳିବା ନେଇ ସ୍ପଷ୍ଟ କରିଛନ୍ତି ସରକାର । ଏଥିରେ ଉପକୃତ ହେବେ ୧୩ ହଜାର ୭୪୦ ଶିକ୍ଷକ। ତେବେ ପୂର୍ବରୁ ବିଭିନ୍ନ ଦାବି ନେଇ ଭୁବନେଶ୍ୱର ରାଜରାସ୍ତାରେ ହଜାର ହଜାର କନିଷ୍ଠ ଶିକ୍ଷକ ଆନ୍ଦୋଳନ କରିଥିଲେ । ଯାହାକୁ ଦୃଷ୍ଟି ରଖି ସରକାର ଆଜି ତାଙ୍କ ଦରମା ବୃଦ୍ଧି ଦାବି ପୂରଣ କରିଛନ୍ତି ।

## ବୁଡ଼ ପକାଇଲେ କୋଟିଏ ଶ୍ରଦ୍ଧାଳୁ



ପ୍ରୟାଗରାଜ,୧୨/୨: ଆଜି ପବିତ୍ର ମାଘ ପୂର୍ଣ୍ଣିମା । ପ୍ରୟାଗରାଜ ସଙ୍ଗମରେ ବୁଡ଼ ପକାଉଛନ୍ତି ଶ୍ରଦ୍ଧାଳୁ । ବହୁ ସଂଖ୍ୟାରେ ଭକ୍ତ ଆସି ଅମୃତ ସ୍ନାନ କରୁଛନ୍ତି । ମାଘ ପୂର୍ଣ୍ଣିମା ଥିବାରୁ ଭୋରୁ ଭୋରୁ ସଂଗମ ଘାଟରେ କୋଟି କୋଟି ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି । ତେବେ ମାଘ ପୂର୍ଣ୍ଣିମା ପରି ପବିତ୍ର ଦିନରେ ସଂଗମରେ ବୁଡ ପକାଇବାକୁ ଛୁଟି ଆସିଛନ୍ତି ସମସ୍ତେ । ମିଳିଥିବା ସୂଚନା ଅନୁସାରେ ଆଜି ସକାଳ ୮ଟା ସୁଦ୍ଧା ସଂମରେ ୧ କୋଟିରୁ ଅଧିକ ଶ୍ରଦ୍ଧାଳୁ ବୁଡ ପକାଇ ସାରିଲେଣି । ତେବେ ମାଘ ପୂର୍ଣ୍ଣିମା ଅବସରରେ ତ୍ରିବେଣୀ ସଂଗମରେ ପ୍ରଥମେ ନାଗାସାଧୁ ପରେ ଅନ୍ୟ ସାଧୁ ସନ୍ଥଙ୍କ ସହ କୋଟି କୋଟି ଶ୍ରଦ୍ଧାଳୁ ବୁଡ ପକାଇ ସାରିଛନ୍ତି । ଆଜିକୁ ଲଗାଇଲେ ଏଯାଏଁ ମହାକୁମ୍ଭରେ ମୋଟ ୪୬ କୋଟିରୁ ଅଧିକ ଶ୍ରଦ୍ଧାଳୁ ବୁଡ ପକାଇ ସାରିଲେଣି । ମହାଶିବରାତ୍ରୀ ଯାଏଁ ମହାକୁମ୍ଭ ଚାଲିବ ଆଉ ଏଭଳି ସବୁଦିନ ଯଦି ଭିଡ ହୁଏ ତାହାଲେ ଅନୁମାନ କରାଯାଉଥିବା ୫୦ କୋଟିକୁ ଟପି ୬୦ କୋଟି ବି ଛୁଇଁପାରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା । ମାଘ ପୂର୍ଣ୍ଣିମା ପାଇଁ ଭିଡ ବଢୁଥିବାରୁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ପାହାନ୍ତା ପହରର ବହୁ ପୂର୍ବରୁ ଘାଟମାନଙ୍କରେ ବହୁ ସଂଖ୍ୟକ ଜନସମାଗମ ଆରମ୍ଭ ହୋଇଯାଇଛି। ଅନ୍ୟପଟେ ଅମୃତ ସ୍ନାନକୁ ଦୃଷ୍ଟିରେ ରଖି ପ୍ରଶାସନ ମେଳା ଅଞ୍ଚଳରେ ଏକ ନୂତନ ଟ୍ରାଫିକ ନିୟମ ଜାରି କରିଛି । ମେଳା କ୍ଷେତ୍ର ସମେତ ସମଗ୍ର ସହରକୁ ନୋ-ଭେଇକିଲ୍ ଜୋନ୍ ଘୋଷିତ କରାଯାଇଛି ।

## ଯୁବତୀଙ୍କୁ ମାରି ଜାଳିଦେଲେ

ବଣାଇ: ଅଜଣା ଯୁବତୀଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଠାବ । ଚାନ୍ଦିପୋଷ ଥାନା କୁମାକେଲା ବ୍ରିଜ ନିକଟରୁ ଉଦ୍ଧାର କରାଯାଇଛି । ଯୁବତୀଙ୍କୁ ହତ୍ୟା ପରେ କେହି ପୋଡିଥିବା ସନ୍ଦେହ ମିଳିଛି । ଘଟଣାସ୍ଥଳରେ ଚାନ୍ଦିପୋଷ ପୋଲିସ୍ ତଦନ୍ତ ଆରମ୍ଭ କରିଛି ।

## ଟମାଟୋ ୨ଟଙ୍କା ରକ୍ତ କାନ୍ଦୁଛି ଚାଷୀ



ଭୁବନେଶ୍ୱର,୧୨/୨: ଦିନେ କେଜି ପିଛା ୨୦୦ ଥିଲା। ହେଲେ ଆଜି ୨ଟଙ୍କାରେ କିଣୁ ନାହାନ୍ତି। ଟମାଟୋ ବିକ୍ରିକୁ ନେଇ ଚିନ୍ତାରେ ଚାଷୀ। କ୍ଷେତକୁ ଦେଖିଲେ କାନ୍ଦୁଛି ଟମାଟୋ ଚାଷୀ। ଏକର ଏକର ଟମାଟୋ ଚାଷ, ଭରା ଭରା ଦିଶୁଛି କ୍ଷେତ। ଯେଉଁ ଦୃଶ୍ୟକୁ ଦେଖିଲେ ଚାଷୀ ଖୁସି ହେବା କଥା। କିନ୍ତୁ ଏବେ ସେହି ଦୃଶ୍ୟକୁ ଦେଖିଲେ ଚାଷୀର ଚିନ୍ତା ବଢି ଯାଇଛି। ଅମଳକୁ ବିକିବ ନା ରଖିବ। କାହିଁକି ନା ବଜାରରେ ଏବେ ଦର କମ୍। କେଜି ପିଛା ମାତ୍ର ୨ଟଙ୍କାରେ କିଣୁଛନ୍ତି ବେପାରୀ। ରଖିବ ବୋଲି ଭାବୁଛି, ହେଲେ କେଉଁଠି? ଶୀତଳ ଭଣ୍ଡାର ତ ନାହିଁ। ଢେଙ୍କାନାଳ ହାତୀବାରିର ଶହ ଶହ ଚାଷୀଙ୍କ ଅବସ୍ଥା ଏମିତି। ଖାଲି ଢେଙ୍କାନାଳ ନୁହେଁ, ଗଞ୍ଜାମର ଖଲ୍ଲିକୋଟ, କେନ୍ଦୁଝରର ଆନନ୍ଦପୁରରେ ମଧ୍ୟ ଟମାଟୋ ଚାଷୀଙ୍କ ସ୍ଥିତି ସମାନ। ଆନନ୍ଦପୁରରେ ତ ୨୫ କେଜିଆ ଟମାଟୋ ଟ୍ରେ ମାତ୍ର ୩୦ରୁ ୪୦ ଟଙ୍କାରେ ବିକ୍ରି ହେଉଛି। ପଚି ନଷ୍ଟ ହେବା ଅପେକ୍ଷା ଟଙ୍କାଟେରେ ବିକିବାକୁ ବାଧ୍ୟ ହେଉଛି ଚାଷୀ। ରାଜ୍ୟରେ ୧୩୩ଟି ଶୀତଳଭଣ୍ଡାର ଥିବା ବେଳେ ମାତ୍ର ୩୫ଟି କାର୍ଯ୍ୟକ୍ଷମ ରହିଛି। ନୂଆ ସରକାର ଆସିବା ପରେ ୫୮ ସବ୍‌ଡିଭିଜନରେ ଶୀତଳଭଣ୍ଡାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ସହ ପିପିପି ମୋଡରେ ଶୀତଳଭଣ୍ଡାର ନିର୍ମାଣ ପାଇଁ ୬୦ ପ୍ରତିଶତ ଯାଏଁ ସବ୍ ?ସିଡି ସହ ବିଜୁଳି ସବ୍‌ସିଡି ମଧ୍ୟ ଦେଉଛନ୍ତି। ଏହା ସହ ପୁରୁଣା ଶୀତଳ ଭଣ୍ଡାରକୁ କାର୍ଯ୍ୟକ୍ଷମ କରିବା ପାଇଁ ଦେଢ଼କୋଟି ଯାଏଁ ସହାୟତା ମଧ୍ୟ ଯୋଗାଇ ଦେବେ। ବଡ କଥା ହେଲା ଯଦିଓ ନୂଆ ସରକାର ନିଷ୍ପତ୍ତି ନେଇଛନ୍ତି କିନ୍ତୁ କେବେ ଏହି ଶୀତଳଭଣ୍ଡାର ନିର୍ମାଣ ହେବ ଆଉ ଚାଷୀ କେତେ ଦିନ ଏଭଳି ଅଭାବି ବିକ୍ରିର ଶିକାର ହେବ?

## କାର୍ ଦାମୀ ଜୀବନ ଶସ୍ତା

### ରାସ୍ତାରେ ଇନ୍ଦ୍ରଚନ୍ଦ୍ର ମାନୁନାହାନ୍ତି ରାଜଧାନୀର ଦାମୀ କାର୍ ବାଲା



ଭୁବନେଶ୍ୱର, ୧୨/୨: ଦାମୀ କାର୍ ଚଢୁଥିବା ଲୋକଙ୍କ ଆଗରେ ଶସ୍ତା ହୋଇଗଲାଣି କି ମଣିଷ ଜୀବନ କାରଣ କିଛିଦିନ ହେଲା ନାମୀଦାମୀ ଗାଡ଼ି ଦୁର୍ଘଟଣାରେ କେବେ ଆରୋହୀଙ୍କ ଜୀବନ ଯାଉଛି ତ ଆଉ କେବେ ସାମ୍ନାରେ ଥିବା ନୀରିହ ମଣିଷଙ୍କ ପ୍ରାଣହାନୀ ହେଉଛି। ମଡ଼ର୍ଣ୍ଣ ଟେକ୍ନୋଲୋଜି, ହାଇ ସିକ୍ୟୁରିଟି ଫିଚରର ସୌଖୀନ କାର୍ ଏବେ ବିପଦ ବଢ଼ାଇଛି। କେବଳ କାର୍ ନୁହେଁ, ଅସୁରକ୍ଷିତ ଗାଡ଼ି ଚାଳନା ମଧ୍ୟ ଚିନ୍ତା ବଢ଼ାଇଛି। ଗତ ରାତିରେ ଯାହାର ଦୁଇ ଦୁଇଟି ସଦ୍ୟ ଉଦାହରଣ ଦେଖିବାକୁ ମିଳିଛି ରାଜଧାନୀ ଭୁବନେଶ୍ୱରରେ। ଭୁବନେଶ୍ୱର ଶାସ୍ତ୍ରୀନଗରରେ ଘର କରିଥିଲେ ରମା ସାହୁ। ତାଙ୍କ ଘରକୁ ଯେଉଁ ଦାମୀ କାରଟି ଧକ୍କା ଦେଲା, ସେହି କାରର ମାଲିକଙ୍କ ପାଇଁ ଏହି ବୟସ୍କା ମହିଳାଙ୍କ ଘର ବଡ଼ ନୁହେଁ। ବରଂ ସେମାନଙ୍କ ପାଇଁ ଦାମୀ କାର୍ ବଡ଼। ଅର୍ଥାତ ଦାମୀ ଓ ସୌଖୀନ୍ କାର୍ ଚଢ଼ିବାର ଅହଙ୍କାର ଆଗରେ ତୁଚ୍ଛ ହୋଇଗଲା କ୍ଷତିଗ୍ରସ୍ତ ଏହି ବୟସ୍କାଙ୍କ ନିବେଦନ। ଇଏ ହେଉଛି ସେହି ଦାମୀ କାର୍ BMW। ଯିଏ ରାତି ସାଢ଼େ ଗୋଟାଏ ବେଳେ ଫୁଟପାଥ୍ ଡେଇଁ ଆଇରନ୍ ବ୍ୟାରିକେଡ୍ ଭାଙ୍ଗି ଧସେଇ ପଶିଥିଲା। ଆଉ ପିଟିଛି ରମା ସାହୁଙ୍କ ଘର କାନ୍ଥକୁ। ସୌଭାଗ୍ୟକୁ କେହି ମୃତାହତ ହୋଇନାହାଁନ୍ତି। କିନ୍ତୁ ବାହାରି ଯାଇଛି କାରର ୪ଟି ଯାକ ବେଲୁନ୍। ଭାଙ୍ଗିଯାଇଛି ବନେଟ୍। ରମାଙ୍କ କହିବା କଥା, କାରରେ ଥିଲେ ଡ୍ରାଇଭରଙ୍କ ସହ ୨ ଜଣ। ଉଭୟେ ଥିଲେ ନିଶାସକ୍ତ ଅବସ୍ଥାରେ। ଆଉ ବିଳମ୍ବିତ ରାତିରେ BMW କାରରେ ଦ୍ରୁତଗତିରେ ରେଡକ୍ରସ ପଟୁ ଜୟଦେବ ବିହାର ଅଭିମୁଖେ ଯିବାବେଳେ ଶାସ୍ତ୍ରୀନଗର ଛକ ଉପରେ ଏଭଳି ଦୁର୍ଘଟଣା ଭିଆଇ ହୋଇଗଲେ ସୀମାପାର। ହେଲେ କାହାର ଏହି BMW କାର୍, କାରରେ ଥିଲେ କେଉଁମାନେ, ତାହା ଏଯାଏଁ ସ୍ପଷ୍ଟ ହୋଇନି। ଠିକ୍ ସେମିତି ଏକ ଦୁର୍ଘଟଣା ବଡ଼ଗଡ଼ ଥାନା ଅଞ୍ଚଳରେ ଘଟିଛି। ସେ ମଧ୍ୟ ଏକ ସୌଖିନ୍ କାର୍। ଯାହାକୁ ଚୁରମାର୍ ଅବସ୍ଥାରେ ଦୁର୍ଘଟଣାସ୍ଥଳରୁ ଉଦ୍ଧାର କରି ଆଣିଛି ପୋଲିସ। ଟାଟା ହାରିୟର୍ ସେଭେନ୍ ସିଟର୍ କାର୍ ଦାମ୍ ପାଖାପାଖି ୩୦ ଲକ୍ଷ। ଗତରାତି ପ୍ରାୟ ୨ଟାରେ ଟଙ୍କପାଣି ସାଇ ମନ୍ଦିର ନିକଟରେ ଏହି କାର୍ ନେଇଛି ୩ ବାଇକ ଚାଳକଙ୍କ ଜୀବନ। ତେବେ କେମିତି ଦୁର୍ଘଟଣା ଘଟିଲା, କାର୍ ସହ ଜୀବନ ବଞ୍ଚିଯାଇଥିବା ଡ୍ରାଇଭରଙ୍କୁ ଅଟକ ରଖି ସିସିଟିଭି ଫୁଟେଜ ଆଧାରରେ ଯାଞ୍ଚ କରୁଛି ପୋଲିସ। ଗତ କିଛି ମାସ ହେଲା, ରାଜଧାନୀରେ ନାମୀଦାମୀ କାର୍ ଚକ ତଳେ ଗଲାଣି ବହୁ ଜୀବନ। ୨୦୨୪ ମସିହା ଜୁନ୍ ୨୯ ତାରିଖରେ ଜୟଦେବ ବିହାରରେ ଡ୍ୟୁଟି ସାରି ଘରକୁ ଫେରୁଥିବା ବେଳେ କାର ଦୁର୍ଘଟଣାରେ ଟ୍ରାଫିକ କନେଷ୍ଟବଳ ମଧୁସୂଦନ କିଷାନୀଙ୍କ ପ୍ରାଣହାନୀ ହୋଇଥିଲା। ୨୦୨୩ ନଭେମ୍ବର ୧ ତାରିଖି ସ୍ୱର୍ଗତ ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ପୁଅ ବିଶାଳ ଦାସଙ୍କ ନାଁରେ ଥିବା ରେଞ୍ଜ ରୋଭର୍ ଗାଡ଼ି ଦୁର୍ଘଟଣାର ଶିକାର CISF ଯବାନ କାହ୍ନୁଚରଣ ନାୟକ ଏପର୍ଯ୍ୟନ୍ତ ସୁସ୍ଥ ହୋଇନାହାଁନ୍ତି। ୨୦୨୫ ମସିହା ଜାନୁଆରୀ ୧୭ ତାରିଖରେ ରାଜଭବନ ଛକରେ ଏକ କାର ଧକ୍କାରେ ୨ ଅବସରପ୍ରାପ୍ତ ପୋଲିସ କର୍ମଚାରୀ ଓ ୨୦୨୫ ମସିହା ଜାନୁଆରୀ ୩୧ ତାରିଖରେ ନିଳାଦ୍ରୀବିହାର ଶନିମନ୍ଦିର ନିକଟରେ ଅବସରପ୍ରାପ୍ତ ସେନା ଅଧିକାରୀ କର୍ଣ୍ଣେଲ ରବୀନ୍ଦ୍ର ବେହେରାଙ୍କ ପ୍ରାଣହାନୀ ହୋଇଥିଲା। ବଡ଼ବଡ଼ିଆଙ୍କ କ୍ରମାଗତ କାର୍ ଦୁର୍ଘଟଣାକୁ ନେଇ ବିଭିନ୍ନ ବର୍ଗ ଉଦବେଗ ପ୍ରକାଶ ପାଉଛି।

## ବିବାହ ବିଚ୍ଛେଦ ରୋକିବାକୁ ଖୋଲିବ ପ୍ରାକ୍



ଭୁବନେଶ୍ୱର, ୧୨/୨: ରାଜ୍ୟରେ ବଢୁଥିବା ବିବାହ ବିଚ୍ଛେଦ ମାମଲାକୁ ହ୍ରାସ ପାଇଁ ପ୍ରାକ୍ ବିବାହ ପରାମର୍ଶ କେନ୍ଦ୍ର ଖୋଲିବ । ଏହା ବିବାହ ପୂର୍ବରୁ ଯୁବକଯୁବତୀଙ୍କ ପାଇଁ ମାନସିକ ସ୍ୱାସ୍ଥ୍ୟ ଓ ପରାମର୍ଶ କେନ୍ଦ୍ର ଭାବେ କାର୍ଯ୍ୟ କରିବ । ଆସନ୍ତା ମାର୍ଚ୍ଚ ୮ ଆନ୍ତର୍ଜାତିକ ମହିଳା ଦିବସରେ ଓଡ଼ିଶା ସମେତ ସମଗ୍ର ଦେଶର ବିଭିନ୍ନ ସ୍ଥାନରେ ଏଭଳି ପରାମର୍ଶ କେନ୍ଦ୍ର ଖୋଲାଯିବାର ଯୋଜନା ରହିଛି । ଏହାସହିତ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଗ୍ରାମସଭାର ଆୟୋଜନ ମଧ୍ୟ କରାଯିବ । ଜାତୀୟ ମହିଳା କମିଶନ ଅଧ୍ୟକ୍ଷା ବିଜୟା ରାହତକର ଓଡ଼ିଶା ଗସ୍ତରେ ଆସି ମଙ୍ଗଳବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତବେଳେ ଏହି ସୂଚନା ଦେଇଛନ୍ତି । ବର୍ତ୍ତମାନ ପରିସ୍ଥିତିରେ ସମାଜରେ ଅଧିକ ମାତ୍ରାରେ ହେଉଥିବା ବିବାହ ବିଚ୍ଛେଦକୁ ରୋକିବା ଉଦ୍ଦେଶ୍ୟରେ ରାଜ୍ୟରେ ପ୍ରାକ୍ ବିବାହ ପରାମର୍ଶ କେନ୍ଦ୍ର ଖୋଲାଯିବ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମଧ୍ୟ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଥିବାରୁ ଏନେଇ ସହମତି ପ୍ରଦାନ କରିଛନ୍ତି । ପରାମର୍ଶ କେନ୍ଦ୍ର ମାଧ୍ୟମରେ ବିବାହ ପୂର୍ବରୁ ସାଂସାରିକ ଜୀବନ ସମ୍ବନ୍ଧରେ ଉପଯୁକ୍ତ ପରାମର୍ଶ ମିଳିଲେ ବିବାହ ବିଚ୍ଛେଦ ହାର ନିଶ୍ଚୟ କମିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିବା ସହ ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାରର ସହଯୋଗ ଯୋଗାଇ ଦିଆଯିବ ବୋଲି କହିଛନ୍ତି । ଏହାସହିତ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଗ୍ରାମସଭା, ବାଲ୍ୟ ବିବାହ ଓ ମହିଳା ହିଂସାକୁ ରୋକିବା, କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ଉପରେ ହେଉଥିବା ଯୌନ ନିର୍ଯାତନା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପ୍ରସଙ୍ଗରେ ଆଲୋଚନା ହୋଇଥିଲା । ମହିଳାଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ସୁଭଦ୍ରା ଯୋଜନାକୁ ନେଇ ଜାତୀୟ ମହିଳା କମିଶନ ଅଧ୍ୟକ୍ଷା ଖୁସି ବ୍ୟକ୍ତ କରିଥିଲେ ।ସେହିପରି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମହିଳା କମିଶନ ଅଧ୍ୟକ୍ଷା ବିଜୟା ରାହତକର କହିଛନ୍ତି ଯେ, ଓଡ଼ିଶାରେ ପ୍ରିମାରିଟାଲ ମେଂଟାଲ ହେଲଥ ଆଣ୍ଡ କାଉନସେଲିଂ ସେଂଟର ଖୋଲିବ । ଭାରତରେ ଯୌଥ ପରିବାର ପଦ୍ଧତି ଥିଲା । ଏବେ କିନ୍ତୁ ଏହା ହ୍ରାସ ପାଇବାରେ ଲାଗିଛି । ପରିବାରର ଝଗଡ଼ା ସିଧା ପୁଲିସ, କମିଶନ ଓ କୋର୍ଟକୁ ଯାଉଛି । ଯେଉଁଥିପାଇଁ ବିଭିନ୍ନ ସଂସ୍ଥା ଉପରେ ଚାପ ବଢ଼ିଛି । ଏହା ମଧ୍ୟ ଚିନ୍ତାର ବିଷୟ । ପିଲାଙ୍କ ବିବାହ ପରେ ସେମାନଙ୍କ ଜୀବନରେ କ'ଣ ପରିବର୍ତ୍ତନ ହେବ ତାହା ଉପରେ ଘରେ କି ପରିବାରରେ ଚର୍ଚ୍ଚା ହେଉନି । ଯାହାକି ହେବା ଦରକାର । ସେଥିପାଇଁ ପ୍ରାକ୍ ବିବାହ କାଉନସେଲିଂ ସେଂଟର ଖୋଲାଯିବା ଗୁରୁତ୍ୱପୂର୍ଣ୍ଣ । ମାର୍ଚ୍ଚ ୮ ମହିଳା ଦିବସରେ ଦେଶର ବିଭିନ୍ନ ସ୍ଥାନରେ ଏଭଳି ସେଂଟର ଆରମ୍ଭ ହେବ । ପୁଣେରେ ଏନେଇ ଜାତୀୟସ୍ତରୀୟ ଆଲୋଚନା ହୋଇଛି । ସରକାର, ଏନଜିଓ, ସିଏସଆର ଦେଉଥିବା କମ୍ପାନୀ, କଲେଜ, କର୍ପୋରେଟ କ୍ଷେତ୍ରକୁ ବି ଏଭଳି ସେଂଟର ଖୋଲିବାକୁ ଅନୁରୋଧ କରାଯିବ । ପରିବାର ବ୍ୟବସ୍ଥାକୁ ସୁରକ୍ଷିତ ରଖିବାରେ ଏହା ଭଲ କାର୍ଯ୍ୟ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ଏବେ ଦେଶ ଓ ରାଜ୍ୟରେ ଛାଡ଼ପତ୍ର ସଂଖ୍ୟା ବଢୁଥିବାରୁ ଏହା ଚିନ୍ତାର ବିଷୟ ପାଲଟିଛି । ଏହି ସଂଖ୍ୟା ହ୍ରାସ ପାଇଁ ପ୍ରାକ୍ ବିବାହ କାଉନସେଲିଂ କେନ୍ଦ୍ର ଖୋଲିବା ସହ ଗ୍ରାମାଂଚଳରେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଗ୍ରାମସଭା କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି । ମାର୍ଚ୍ଚ ୮ରୁ ସମଗ୍ର ଦେଶରେ ଏଭଳି ସ୍ୱତନ୍ତ୍ର ଗ୍ରାମସଭା ଆରମ୍ଭ ହେବ ବୋଲି ମହିଳା କମିଶନ ଅଧ୍ୟକ୍ଷା ସୂଚନା ଦେଇଛନ୍ତି ।

# କୃମି ନାଶକ ଔଷଧ ଉପରେ ତାଲିମ ଶିବିର ଅନୁଷ୍ଠିତ

ବିଜେପୁର, : ଚଳିତ ବର୍ଷ ଫେବୃଆରୀ ପ୍ରଥମ ପର୍ଯ୍ୟାୟରେ ଏକ କୋଟି ୪୬ ଲକ୍ଷ ୫୦ ହଜାର ପିଲାଙ୍କୁ ଏବଂ ୧୭ ଲକ୍ଷ ୭୦ ହଜାର ମହିଳାଙ୍କୁ କୃମି ନାଶକ ଔଷଧ ସେବନ ପାଇଁ ଦିଆଯିବାର କାର୍ଯ୍ୟକ୍ରମ ଥିବା ବେଳେ, ଆଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିଜେପୁର ସ୍ଥିତ ସଭାଗୃହ ଠାରେ ଭାରପ୍ରାପ୍ତ ଗୋଷ୍ଠୀ ଚିକିତ୍ସାଧିକାରୀ ଡ଼ା.ସୁଶାନ୍ତ ମେହେରଙ୍କ ଅଧ୍ୟକ୍ଷତାରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମ ଶିବିରରେ ସମୁଦାୟ ୧୯୮ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ ପ୍ରାପ୍ତ କରିଥିଲେ।ବ୍ଲକ ସ୍ତରର ବିଭିନ୍ନ ସ୍କୁଲର ଶିକ୍ଷକ ଏହି ଶିବିରରେ ଭାଗନେଇ ଥିଲେ। ଓଡ଼ିଶା ରାଜ୍ୟକୁ କୃମି ମୁକ୍ତ କରିବା ଲକ୍ଷ୍ୟରେ ୟୁନିସେଫ ସହଯୋଗରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରିବା ସାଙ୍ଗକୁ ଏକା ସାଥିରେ ରାଜ୍ୟର ୨୪ ଟି ଜିଲ୍ଲା ଯଥା




ବରଗଡ଼, ଝାରସୁଗୁଡ଼ା, ବୌଦ୍ଧ, ଦେବଗଡ଼, ଅନୁଗୁଳ, ବାଲେଶ୍ୱର, ଭଦ୍ରକ, ଗଜପତି, ଗଞ୍ଜାମ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, କେନ୍ଦୁଝର, କୋରାପୁଟ, ଖୋର୍ଦ୍ଧା ପ୍ରମୁଖ ଜିଲ୍ଲାରେ ଏହି କୃମି ନାଶକ ଔଷଧ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ଡା.ମେହେର ସୂଚନା ପ୍ରଦାନ କରିଥିଲେ। ଏହି କୃମି ନାଶକ କାର୍ଯ୍ୟକ୍ରମ ଆସନ୍ତା ତା ୧୦.୦୨.୨୦୨୫ରିଖ ସୋମବାର ଦିନ ଅନୁଷ୍ଠିତ ହେବ। ଯେଉଁମାନେ କୃମି ନାଶକ ଔଷଧରୁ ବଞ୍ଚିତ ହୋଇ ରହିଯାଇଥିବେ ସେମାନେ ତା ୧୭.୦୨.୨୦୨୫ ରିଖ ସୋମବାର ଦିନ ଔଷଧ ପାଇପାରିବେ।ଏହି ଶିବିର ଦୁଇଟି ପର୍ଯ୍ୟାୟରେ ଆରମ୍ଭ ହୋଇଥିଲା। ପ୍ରଥମ ଅଧିବେଶନରେ ଭାରପ୍ରାପ୍ତ ଗୋଷ୍ଠୀ ଚିକିତ୍ସାଧିକାରୀ ଡ଼ା.ସୁଶାନ୍ତ ମେହେର, ଗୋଷ୍ଠୀ ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ସୁଦାମ ଚରଣ ପାଣିଗ୍ରାହୀ,ବିପିଏମ ବିଜୟ କୁମାର ସରାଫ,ଏବିଇଓ ପୂର୍ଣ୍ଣ ଚନ୍ଦ୍ର ପଧାନ, ସୁଶାନ୍ତ ପାଣ୍ଡେ,ସିଡିପିଓ ଏମରେସିଆ ଏକ୍କା ମଞ୍ଚାସୀନ ଥିବାବେଳେ ଦ୍ୱିତୀୟ ଅଧିବେଶନରେ ଡ଼ା.ସୁଶାନ୍ତ ମେହେର,ପିଏଚଇଓ ସୁଦାମ ଚରଣ ପାଣିଗ୍ରାହୀ,ବିପିଏମ ବିଜୟ କୁମାର ସରାଫ,ବିଡିଏମ ନାରାୟଣ ପାଢ଼ୀ,ଏସଟିଏସ ଦେବାଶିଷ ଦେବତା ମଞ୍ଚାସୀନ ହୋଇ କିଭଳି ଭାବେ ଲକ୍ଷ ହାସଲ ସାଧିତ ହୋଇ ପାରିବ ସେ ବିଷୟରେ ପରାମର୍ଶ ଦେଇଥିଲେ।

# ଶିକ୍ଷକ ଗଗନ ବିହାରୀ ଗଡନାୟକଙ୍କ ବିୟୋଗରେ ତ୍ୟାଗ ଇନ୍ଦିରା କ୍ଲବର ଶ୍ରଦ୍ଧାଞ୍ଜଳି

ବୁର୍ଲା, ): ତ୍ୟାଗର ବରିଷ୍ଠ ସଦସ୍ୟ ସ୍ୱର୍ଗତ ଗଗନ ବିହାରୀ ଗଡନାୟକଙ୍କ ସ୍ମୃତିରେ ତ୍ୟାଗ ଓ ଇନ୍ଦିରା କ୍ଲବ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ତାଙ୍କ ସ୍ମୃତିରେ ବୁର୍ଲା ହାଇସ୍କୁଲର ଶ୍ରେଷ୍ଠ ଏନସିସି ଓ ଶ୍ରେଷ୍ଠ ମେଟ୍ରିକ ଛାତ୍ରଙ୍କୁ ' ଗଗନ ବିହାରୀ ଗଡନାୟକ ' ସ୍ମାରକୀ ପୁରସ୍କାର ଦେବାପାଇଁ ନିଷ୍ପତି ନିଆଯାଇଥିଲା। ଏବଂ ବୁର୍ଲା ରକ୍ତ ଭଣ୍ଡାରରେ ବର୍ଷରେ ସର୍ବାଧିକ ରକ୍ତଦାନ କରିଥିବା ସ୍ୱେଚ୍ଛା ରକ୍ତଦାତାଙ୍କୁ ସ୍ମାରକୀ ପୁରସ୍କାର ଦେବାପାଇଁ ନିଷ୍ପତି ବି ନିଆଯାଇଥିଲା । ଏହି ସ୍ମାରକୀ ସମ୍ମାନ ୨୦୨୬ ରୁ ଦିଆଯିବା ପାଇଁ ସ୍ଥିର କରାଯାଇଛି। ଏଥିପାଇଁ ସ୍କୁଲ ପ୍ରଧାନ ଶିକ୍ଷକଙ୍କୁ ଆର୍ଥିକ ଅନୁଦାନ ଦେବା ପାଇଁ ନିଷ୍ପତି ନିଆଯାଇଥିଲା। ସଭାପତି ଦୁର୍ଗା ପାଢ଼ୀ, ଗୁଡୁ ଉପଲ, ସରୋଜ ତ୍ରିପାଠୀ, ପ୍ରଦୀପ ପଣ୍ଡା, ପ୍ରଶାନ୍ତ ମହାନ୍ତି, ଡ ସଞ୍ଜୟ ପଟ୍ଟନାୟକ, ଡ ପରମାଣିକ, ପ୍ରଫେସର ସଂଜତ ସାହୁ , ଡ ସୁଶାନ୍ତ କର, ଲକ୍ଷ୍ମୀ ପ୍ରଧାନ, ବିରଂଚି ମହାପାତ୍ର, ଶିବ ସେଠି, ବିଯିନ୍ଦର ଶର୍ମା, ତପନ ବେହେରା,



ରାଜକିଶୋର ପାଢ଼ୀ, ଅରୁଣ କୁମାର, ପ୍ରକାଶ ଶତପଥୀ, ସୁମନ୍ତ ସ୍ୱାଇଁ, ବିକି ଶର୍ମା, ପ୍ରଦୀପ ରାଉତ , କୋକନା ଶତପଥୀ ,ପଙ୍କଜ ମଜୁମଦାର ଓ ବହୁ ସଭ୍ୟ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏନସିସି ସାର ଓ ଶକ୍ତ ସାହସୀ ସାର ରୂପରେ ପରିଚିତ ଗଡନାୟକ ସାର ସମୟାନୁବର୍ତି, ଛାତ୍ର ବତ୍ସଳ ଓ କର୍ତବ୍ୟନିଷ୍ଠ ଥିଲେ ବୋଲି ସ୍ମୃତତି ଚାରଣ କରାଯାଇଥିଲା। ଦୁର୍ଗା ପାଢ଼ୀ ସ୍ମୃତି ଚାରଣ କରି ତାଙ୍କ ଶିକ୍ଷକ ଜୀବନର ବହୁ ଦିଗ ଉପରେ ଆଲୋକପାତ କରିଥିଲେ। ତାଂକ ଭଳି ଜଣେ ଛାତ୍ର ପ୍ରିୟ ଓ ଶକ୍ତ ଶିକ୍ଷକ ଆଜି ପାଇବା ଭାରି କଠିନ ବୋଲି କହିଥିଲେ । ତାଙ୍କଠାରୁ ନେତୃତ୍ୱ, ସମାଜସେବା ଓ ଶୃଙ୍ଖଳା ମୁଁ ଶିଖିଛି ବୋଲି ଦୁର୍ଗା ପାଢ଼ୀ କହିଥିଲେ। ଗଡ ନାୟକ ସାରଙ୍କ ସମର୍ଥନ ଓ ପ୍ରେରଣା ତ୍ୟାଗକୁ ଅଧିକ ଅନୁପ୍ରେରିତ କରିଛି । ତ୍ୟାଗ ତାଙ୍କୁ ୨୬ ଏପ୍ରିଲ ୨୦୨୬ରେ ତାଙ୍କୁ ହେମାନନ୍ଦ ବିଶ୍ୱାଳ ସ୍ମାରକୀ ସମ୍ମାନ ରେ ସମ୍ମାନୀତ କରିଥିଲା। ସାର୍ ସ୍ୱର୍ଗରୁ ଆମକୁ ଅଧିକ ଆଶିଷ ପ୍ରଦାନ କରନ୍ତୁ ବୋଲି ସବୁ ବକ୍ତା କହିଥିଲେ । ଶେଷରେ ଲକ୍ଷ୍ମୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ପ୍ରାକ୍ତନ ମୁଖ୍ୟ କିରାଣୀ କୁର୍ଣ୍ଣିବାସ ଧଳଙ୍କ ବିୟୋଗ

ପଟ୍ଟାମୁଣ୍ଡାଇ ): ପଟ୍ଟାମୁଣ୍ଡାଇ ଧୋୟା ଅଞ୍ଚଳର ବିଶିଷ୍ଟ ସମାଜସେବୀ ପ୍ରାକ୍ତନ କେନ୍ଦ୍ରାପଡ଼ା ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ କିରାଣୀ ଅଳପୁଆ ଗ୍ରାମର କୁର୍ଣ୍ଣିବାସ ଧଳଙ୍କର ଗତକାଲି ପରଲୋକ ହୋଇଯାଇଛି ଓ ମୃତ୍ୟୁ ବେଳକୁ ତାଙ୍କୁ ୮୪ବର୍ଷ ବୟସ ହୋଇଥିଲା ଓ ତାଙ୍କ ପୁତ୍ର ବଧୂ ଶାନ୍ତିଲତା ଧଳ ଅଳପୁଆ ପଞ୍ଚାୟତର ସରପଞ୍ଚ ଭାବେ ପଞ୍ଚାୟତର ବିକାଶରେ ବିଶେଷ ଭୂମିକା ନିର୍ବାହ କରିଥିଲେ ଓ ସେ ଜଣେ ମିଷ୍ଟଭାଷୀ



ପରୋପକାରୀ ଓ ସ୍ନେହିଁ ଓ ମେଳାବି ମଣିଷ ବା ବ୍ୟକ୍ତି ଥିଲେ ଓ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଗଠନରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା ଓ ତାଙ୍କ ଗ୍ରାମ୍ୟ ସ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ଓ ତାଙ୍କ ଜ୍ୟେଷ୍ଠ ପୁତ୍ର ମାନସ କୁମାର ମୁଖାଗ୍ନି ଦେଇଥିଲା ବେଳେ ତାଙ୍କ ବିୟୋଗରେ ପୂର୍ବତ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ, ଜିଲ୍ଲା ପରିଷଦ ସଭ୍ୟା ପ୍ରିୟଦର୍ଶନୀ ତରାଇ, ଅଳପୁଆ ସରପଞ୍ଚ ପଦ୍ମିନୀ ବେହେରା ଓ ସମିତିସଭ୍ୟ ରାମଚନ୍ଦ୍ର ସେଠୀ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ନିଜ ନିଜର ଶୋକ ପ୍ରକାଶ କରିଥିବା ପରିବାର ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

# କେନ୍ଦ୍ରାପଡାରେ ମୋଦି ଓ ଟ୍ରମ୍ପଙ୍କ କୁଶପୁତ୍ତଳିକା ଦାହ

କେନ୍ଦ୍ରାପଡା, : ଆଜି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘନିଷ୍ଠ ବନ୍ଧୁ ବୋଲି ଦାବି କରୁଥିବା ବେଳେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବେଆଇନ ଅନୁପ୍ରବେଶକାରୀ ବୋଲି କହି ୧୦୪ ଜଣ ଭାରତୀୟଙ୍କୁ ଯେଉଁଭଳି ହାତରେ ହାତକଡି, ଅଣ୍ଟାରେ ଶିକୁଳି ଓ ଗୋଡରେ ବେଡି ପକାଇ ଅତ୍ୟନ୍ତ ଅପମାନଜନକ ଭାବେ ଆଣି ଅ ମୃତସର ବିମାନ ବନ୍ଦରରେ ଛାଡିଲେ ତାହା କେବଳ ଅମାନବୀୟ ନୁହେଁ ବରଂ ଦେଶ ପାଇଁ ଲଜ୍ଜାଜନକ । ମୋଦିଙ୍କ ଗୋଟିଏ ଫୋନକଲରେ ୟୁକ୍ରେନ ଓ ଋଷ ମଧ୍ୟରେ ଯୁଦ୍ଧ ବନ୍ଦ ହୋଇପାରୁଥିବା ବେଳେ ନିଜ ଦେଶର ନାଗରିକଙ୍କୁ ଆମେରିକା ସରକାରର ଏଭଳି ନିଷ୍ଠୁର ଓ ନିର୍ଲଜ ଆଚରଣ ବିରୁଦ୍ଧରେ ମୋଦି ସରକାର କେବଳ ଚୁପ୍ ରହିନାହାନ୍ତି ବରଂ ଓଲଟି ଆମେରିକାର ଓକିଲାତି କରିଛନ୍ତି । ଗତକାଲି ସଂସଦରେ ଏହି ପ୍ରସଙ୍ଗ ଉପରେ ବୈଦେଶିକ ବ୍ୟାପାର ମନ୍ତ୍ରୀ



ଜୟଶଙ୍କର ଯେଉଁଭଳି ସ୍ପଷ୍ଟୀକରଣ ଦେଲେ ସେଥିରୁ ବିଜେପି ଓ ଆରଏସଏସର ଆମେରିକା ନିକଟରେ ଆତ୍ମସମର୍ପଣ ବୋଲି ଅବିହିତ କରି ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଆଜି କେନ୍ଦ୍ରାପଡା ସହରର ପୁରୁଣା ବସଷ୍ଟାଣ୍ଡରେ ପ୍ରତିବାଦ ସଭା କରାଯାଇ ଆମେରିକାର ରାଷ୍ଟ୍ରପତି ଡୋନାଲଡ଼ ଟ୍ରମ୍ପ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତ୍ତଳିକା ପୋଡା ଯାଇଛି।ଟ୍ରମ୍ପ ସରକାର ହାଏ ହାଏ ଦେଶ ବିରୋଧୀ ନରେନ୍ଦ୍ର ମୋଦି ସରକାର ଇସ୍ତଫା ଦିଅ ନାରା ଦେଇ ଅନୁଷ୍ଠିତ ସଭାରେ ଅଧ୍ୟାପକ ଅଜୟ ସାମଲ ସଭାପତିତ୍ୱ କରିଥିଲେ।ଏହି ସଭାରେ ସଂଯୁକ୍ତ କିଷାନ ମୋର୍ଚ୍ଚାର ଆବାହକ ଗୟାଧର ଧଳ,ରମଣୀ ରଞ୍ଜନ ରାଉତରାୟ, ସୂର୍ଯ୍ୟକାନ୍ତ ପରିଡା, ପ୍ରକାଶ ଚନ୍ଦ୍ର ମଳିକ, ପ୍ରକାଶ ଚନ୍ଦ୍ର ମହାନ୍ତି, ବିଦ୍ୟୁଭୁଷଣ ମହାପାତ୍ର, ଆଦିକନ୍ଦ ରାଉଳ,କେଦାର ସାମନ୍ତରାୟ,ଜଗତଜିବନ ଦାଶ, ବୈଷ୍ଣବ ସ୍ୱାଇଁ, ଅମରେନ୍ଦ୍ର ଦାସ, ସୁହାନା ବେଗମ, ସୁରେଶ ପଟ୍ଟନାୟକ, ରୁଦ୍ରପ୍ରତାପ ବେହେରା, ସେଖ ସାହିଲ,ଲଜମାନ ନିଶା,ଫହିମ ବେଗମ, ଜାହିଦୁର ରହେମାନ,ଶେଖ ଇସମାଇଲ ପ୍ରମୁଖ ବକ୍ତବ୍ୟ ରଖି ମୋଦି ସରକାରଙ୍କ ଇସ୍ତଫା ଦାବି କରିଥିଲେ।ଶେଷରେ ମୋଦି ଓ ଟ୍ରମ୍ପଙ୍କ କୁଶପୁତ୍ତଳିକା ଦାହ କରା ଯାଇଥିଲା ।

# ସ୍ୱର୍ଣ୍ଣପଦକ ବିଜେତା ପାର୍ବତୀ ହାଁସଦାଙ୍କୁ ରିଙ୍କୁଲରାଜ୍ ସଂସ୍କୃତ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା

କରଞ୍ଜିଆ- ମୟୁରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକ ଅନ୍ତର୍ଗତ ତାଟୋ ବଡଗାଁ ସ୍ଥିତ ରିଙ୍କୁଲରାଜ୍ ସଂସ୍କୃତ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଉପଶାସ୍ତ୍ରୀ ଦ୍ୱିତୀୟ ବର୍ଷର ଛାତ୍ରୀ ସୁଶ୍ରୀ ପାର୍ବତୀ ହାଁସଦା ଉତ୍ତରାଖଣ୍ଡ ଠାରେ ଆୟୋଜିତ ହୋଇଥିବା ଜାତୀୟ ସ୍ତରୀୟ କ୍ରୀଡା ପ୍ରତିଯୋଗୀତା ରେ ରଗ୍ ବୀ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲକରି ଅଞ୍ଚଳ ଏବଂ ଜିଲ୍ଲା ସହ ବିଦ୍ୟାଳୟ କୁ ଗୌରବାନ୍ୱିତ କରିଥିବା ବେଳେ ଉକ୍ତ ଗୌରବମୟ ସଫଳତା ନିମନ୍ତେ ରିଙ୍କୁଲରାଜ୍ ସଂସ୍କୃତ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ତଥା ଅଞ୍ଚଳର ଅଭିଭାବକ ଏବଂ କ୍ରିଡାବିତ ମାନେ ଧନ୍ୟବାଦ ର ସହ ସୁଭେଚ୍ଛା ଜଣାଇଛନ୍ତି।ସୁଶ୍ରୀ ପାର୍ବତୀ ଉତ୍ତରାଖଣ୍ଡରୁ ଫେରିବା ପରେ ଅଧକ୍ଷା ଶ୍ରୀମତୀ ମଞ୍ଜୁ ମହାନ୍ତ ଙ୍କ ନେତୃତ୍ୱରେ ରେ ଏକ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ



କରାଯାଇ ବିଦ୍ୟାଳୟ ର ସମସ୍ତ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ତାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦେବାସହ ବିଦ୍ୟାଳୟ ପକ୍ଷରୁ ଏକ ରୋଡ୍ ସୋ ଆୟୋଜିତ କରାଯାଇଥିଲା । ଏଥିରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ , ମାନ୍ୟଗଣ୍ୟ ବରିଷ୍ଠ ବ୍ୟକ୍ତି ଏବଂ ଅଭିଭାବକ ଅଂଶ ଗ୍ରହଣ କରିଥିଲେ । ତେବେ 'ପାର୍ବତୀ ବିଦ୍ୟାଳୟ ତଥା ଆମ ଅଞ୍ଚଳ , ଜିଲ୍ଲା, ରାଜ୍ୟ ଓ ଦେଶର ଗର୍ବ ଓ ଗୌରବ । ତାଙ୍କର ଏହି ଅବିସ୍ମରଣୀୟ ଉପଲବ୍ଧି ଭବିଷ୍ୟତରେ ଅନ୍ୟ ଛାତ୍ର ଛାତ୍ରୀଙ୍କୁ ଅନୁପ୍ରେରିତ କରିବ ଏବଂ ତାଙ୍କ ଉଜ୍ୱଳ ଭବିଷ୍ୟତ ସହ ମଙ୍ଗଳ କାମନା କରି ବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ଅଂଜୁ ମହାନ୍ତ ନିଜ ବକ୍ତବ୍ୟ ରଖିଥିଲେ।

# କରଞ୍ଜିଆ ଆଇଟିଡିଏ ପକ୍ଷରୁ ଚାଷୀଙ୍କୁ ପାଣିପମ୍ପ ପ୍ରଦାନ କଲେ ଉପଜିଲ୍ଲାପାଳ

କରଞ୍ଜିଆ, ):ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଠାରେ କରଞ୍ଜିଆ ସ୍ୱମନିତ ଆଦିବାସୀ ଉନ୍ନୟନ ସଂସ୍ଥା(ଆଇଟିଡିଏ) ପକ୍ଷରୁ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଆନୁକୂଲ୍ୟରେ ଚାଷୀଙ୍କୁ ପାଣିପମ୍ପ ସହ ଆନୁସଙ୍ଗିକ ଉପକରଣ ପ୍ରଦାନ କରାଯାଇଛି।ଉକ୍ତ କାର୍ଯ୍ୟକ୍ରମ ଆଇଟିଡିଏ କାର୍ଯ୍ୟାଳୟ ପରିସର ଠାରେ ମୁଖ୍ୟମନ୍ତ୍ରୀ ଜୀବନ ଜୀବିକା ମିଶନ ପ୍ରକଳ୍ପ ପରିଚାଳକ ଶ୍ରୀଯୁକ୍ତ ପିୟୁଷ ଦାସ ଙ୍କ ପୌରହିତ୍ୟ ରେ ଉପଜିଲ୍ଲାପାଳ ଶ୍ରୀଯୁକ୍ତ ପ୍ରେମାଂଶୁ ଚାନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ କୁ ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ




ଜୀବନ ଜୀବିକା ମିଶନ ଯୋଜନା ରେ ପ୍ରଦାନ କରାଯାଉଥିବା ଉକ୍ତ ପାଣିପମ୍ପ ଦ୍ୱାରା ଚାଷୀ ଜଳସେଚନ କରି ସମୟର ବଚତ କରିବା ଦ୍ୱାରା ଫସଲ ଯତ୍ନ ରେ ଅଧିକ ସମୟ ଉପଯୋଗ କରି ଶତପ୍ରତିଶତ ଅମଳ କରି ନିଜ ଆର୍ଥିକ ବିକାଶ କରିପାରିବେ ବୋଲି ପ୍ରକାଶ କରାସହ ବିଭିନ୍ନ ବ୍ଲକ ର ଚାଷୀ ମାନଙ୍କୁ ପାଣିପମ୍ପ ପ୍ରଦାନ କରିଥିଲେ ।ତେବେ ଶୁକୃଳି, ରରୁଆଁ, ଯଶିପୁର, ଠାକୁରମୁଣ୍ଡା, କରଞ୍ଜିଆ ଆଦି ବ୍ଲକ ର ୬୪ ଜଣ ଜନଜାତି ପୁରୁଷ ଓ ମହିଳା ଚାଷୀ ଙ୍କୁ ପାଣିପମ୍ପ ଏବଂ ଆବଶ୍ୟକୀୟ ଉପକରଣ ପ୍ରଦାନ କରାଯାଇଥିବା ଜଣାପଡିଛି ।କାର୍ଯ୍ୟକ୍ରମ ଅବସରରେ ଦକ୍ଷତା ବୃଦ୍ଧି ଏସଏମଏସ , କୃଷି ଏସଏମଏସ , ମୁଖ୍ୟମନ୍ତ୍ରୀ ଜୀବନ ଜୀବିକା ମିଶନ ବିଶେଷଜ୍ଞ ପ୍ରମୁଖ ଉପସ୍ଥିତ ଥିବା ବେଳେ ଶତାଧିକ ଚାଷୀ ଉପସ୍ଥିତ ଥିବା ପରିଲକ୍ଷିତ ହୋଇଛି। କାର୍ଯ୍ୟାଳୟ ପକ୍ଷରୁ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଖଜୁରୀପଡାରେ ବିକଶିତ ଗାଁ ଓ ବିକଶିତ ଓଡିଶା ଉଦ୍‌ଘାଟିତ

ଖଜୁରୀପଡା ରାଜ୍ୟ ସରକାର ପରିବର୍ତ୍ତନ ହେବା ପରେ ସରକାର ତରଫରୁ ନୂତନ ଭାବେ ଆରମ୍ଭ ହୋଇ ଥିବା ବିକଶିତ ଗାଁ ଓ ବିକଶିତ ଓଡିଶା କାର୍ଯ୍ୟକ୍ରମ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଖୋର୍ଦ୍ଧା ଜିଲ୍ଲାର ଜଙ୍କିଆ ଠାରେ ଉଦ୍ ଘାଟନ କରିଥିବା ବେଳେ ରାଜ୍ୟରେ ପ୍ରତ୍ୟେକ ବ୍ଲକରେ ଉଦ୍ ଘାଟିତ ହୋଇଯାଇଛି ଏହି ମେମ୍ବର, ମିଶନ ଶକ୍ତି ଏମ୍ ବି କେ ,ସିଆର ପି ସମେତ ଅଞ୍ଚଳର ଏକ ହଜାରରୁ ଉର୍ଦ୍ଧ୍ୱ ଲୋକ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସମସ୍ତ ଗାଁର ବିକାଶ ହେବ ଓଡିଶାର ବିକଶିତ । ମୌଳିକ ଭିତ୍ତିଭୂମି ବିକାଶ ସହ ଗ୍ରାମୀଣ ଯୋଗାଯୋଗ ସୁଦୃଢି କରଣ କରାଯିବା




ପରିପ୍ରେକ୍ଷୀରେ କନ୍ଧମାଳ ଜିଲ୍ଲାର ଖଜୁରୀ ପଡା ବ୍ଲକ ଅନ୍ତର୍ଗତ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପଡ଼ିଆ ଠାରେ ଉକ୍ତ କାର୍ଯ୍ୟକ୍ରମ ଉଦ୍ ଘାଟିତ ହୋଇଯାଇଛି । କାର୍ଯ୍ୟକ୍ରମଟି ଖଜୁରୀ ପଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଶୁଭ ଦତ୍ତାତ୍ରେୟ ବାହିନୀପତି ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇ ଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ଖଜୁରୀ ପଡା ପଞ୍ଚାୟତ ସମିତି ଅଧକ୍ଷା ସୁଶ୍ରୀ ଅନିମା କହଁର ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ରୂପେ ବ୍ଲକ ଉପାଧ୍ୟକ୍ଷ ଅମିତ୍ ଦିଗାଲ, ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ଉର୍ବଶୀ ଦିଗାଲ, ବିଡ଼ିଓ ଶୁଭ ଦତ୍ତାତ୍ରେୟ ବାହିନୀପତି, ସାଂସଦ ପ୍ରତିନିଧି ଶ୍ରୀ ମନୋଜ କୁମାର ପଣ୍ଡା, ବିଧାୟକ ପ୍ରତିନିଧି ଅନନ୍ତ କୁମାର ଦିଗାଲ ଯୋଗ ଦେଇଥିଲେ । ଏଥିରେ ସମସ୍ତ ବ୍ଲକ୍ ଅନ୍ତର୍ଗତ ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ ସହ ଆଭ୍ୟନ୍ତରୀଣ ଗ୍ରାମ୍ୟ ସଂଯୋଗୀ କରଣ ଶିକ୍ଷା ଓ କ୍ରୀଡ଼ା ଭିତ୍ତିଭୂମି ର ସଂପ୍ରସାରଣ ଏବଂ ଆଧୁନିକରଣ କରାଯିବା ।ଏଥି ସହ ଜନମଙ୍ଗଳ କାରୀ ବହୁମୁଖୀ ପ୍ରକଳ୍ପର ନିର୍ମାଣ କରାଯିବା ଲକ୍ଷ୍ୟ ରଖାଯାଇଛି । ଏହି କାର୍ଯ୍ୟକ୍ରମରେ ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ୧୪ଟି ପଞ୍ଚାୟତର ବିକାଶ କରାଯିବା ନିମନ୍ତେ ଏହି ଯୋଜନାର ୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବା ସହ ଗାଁ ଗାଁରେ କଲ୍ୟାଣୀ ମଣ୍ଡପ, ଗୋଷ୍ଠୀ ସଭାଗୃହ, ପୂଜା ପୀଠ, କ୍ଷୁଦ୍ର ପର୍ଯ୍ୟଟନ ସ୍ଥଳୀ, ପିଇବା ପାଣି, ରାସ୍ତା ଘାଟ, ପୋଖରୀ ଖନନ ପରି ଉନ୍ନୟନ କାର୍ଯ୍ୟକ୍ରମ କରାଯିବ । ଏଥି ପାଇଁ ପଞ୍ଚାୟତ ପାଇଁ ଖସଡ଼ା ଓ ଯୋଜନା ପ୍ରସ୍ତୁତ କରାଯାଇ ଥିବା କୁହାଯାଇଥିଲା । ଏଥିରେ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ବିନା ଛୁଟି ଦରଖାସ୍ତରେ ଶିକ୍ଷୟିତ୍ରୀଙ୍କ ଅନୁପସ୍ଥିତି ଅଭିଯୋଗ

ରଣପୁର ରାଜ୍ୟ ସରକାର ପ୍ରାଥମିକ ଶିକ୍ଷାକୁ ଗୁରୁତ୍ୱ ଦେଇ ବିଗତ ଦିନରେ ଗାଁ ଗାଁ ରେ ପ୍ରାଥମିକ ବିଦ୍ୟାଳୟ ମାନ ନିର୍ମାଣ କରି ଶିକ୍ଷକ ଶିକ୍ଷୟତ୍ରୀ ନିଯୁକ୍ତି ସହ ପିଲାମାନଙ୍କ ନିମନ୍ତେ ଖାଦ୍ୟ, ପୁସ୍ତକ, ଯାତାୟାତ ଖର୍ଚ୍ଚ ଆଦି ବିଭିନ୍ନ ବ୍ୟବସ୍ଥା କରିଛନ୍ତି। ବି ଇ ଓ ବନଲତା ବେହେରା ବିଦ୍ୟାଳୟ ଗୁଡ଼ିକର ବିଭିନ୍ନ ଉତ୍ସବ ଗୁଡିକରେ ବ୍ୟସ୍ତ ରହୁଥିବା ବେଳେ ଅନ୍ୟ ବିଦ୍ୟାଳୟ ମାନଙ୍କରେ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଉପସ୍ଥିତିକୁ ପ୍ରତ୍ୟେକ୍ଷ ଭାବେ ଚେକିଂ କରାଯାଉନଥିବାରୁ ଅନେକ ସମୟରେ ଅନେକ ବିଦ୍ୟାଳୟର ଶିକ୍ଷକ ବା ଶିକ୍ଷୟତ୍ରୀ ମାନେ ଛୁଟି ଦରଖାସ୍ତ ନଦେଇ ବିଦ୍ୟାଳୟରେ ଅନୁପସ୍ଥିତ ରହିବା ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । କିଛି ଅଭିଭାବକଙ୍କ ଠାରୁ ଖବର ପାଇ ୬/୨/୨୦୨୫ ରିଖ ଗୁରୁବାର ଦିନ ତାଳକଣି ପଞ୍ଚାୟତର କୋଟପୋଖରି ପ୍ରାଥମିକ ବିଦ୍ୟାଳୟରେ ଅପରାହ୍ନ ୩ ଟାରେ ପହଞ୍ଚି ଦେଖିବାରେ ଜଣା ପଡିଥିଲା ପ୍ରଧାନ ଶିକ୍ଷୟତ୍ରୀ ଦାୟିତ୍ୱରେ ଥିବା ସଂଧ୍ୟା ରାଣୀ ଭଞ୍ଜ ଅନୁପସ୍ଥିତ ଥିଲେ । ଉପସ୍ଥିତ ଥିବା ଅନ୍ୟ ଜଣେ ଶିକ୍ଷକ ତ୍ରୈଲୋକ୍ୟ ନାଥ ପାଣିଙ୍କୁ ସଂଧ୍ୟା ଗୁରୁମାଙ୍କ ଅନୁପସ୍ଥିତ ବିଷୟରେ ପଚାରିବାରୁ ଉତ୍ତରରେ କହି ଥିଲେ ଯେ ସଂଧ୍ୟା ଗୁରୁମାଙ୍କ ସମ୍ପର୍କୀୟ କାହାର ବାହାଘର କାମ ପାଇଁ ସେ ଆଜି ବିଦ୍ୟାଳୟକୁ ଆସି ନାହାଁନ୍ତି । ଛୁଟି ଦରଖାସ୍ତ ଦେଇଛନ୍ତି କି ନାହିଁ ପଚାରିବାରୁ



ସେ କହିଲେ ମୁଁ ଜାଣିନି କିନ୍ତୁ ସି ଆର ସି ସି ଜାଣି ଥିବେ କିମ୍ବା ବି ଇ ଓ ଜାଣି ଥିବେ ବୋଲି କହିଲେ। ଏ ବିଷୟରେ ସି ଆର ସି ସି ସଞ୍ଜୟ କୁମାର ବରାଡଙ୍କୁ ଯୋଗା ଯୋଗ କରିବାରେ ସେ ମଧ୍ୟ ଜାଣି ନାହାନ୍ତି ବୋଲି କହିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ଉପସ୍ଥିତ ଶିକ୍ଷକ ପାଣି ସାର ମିଛରେ କହିଥିଲେ ଯେ ସନ୍ଧ୍ୟା ଗୁରୁମା ଛୁଟୀ ଦରଖାସ୍ତ ଦେଇ ଛନ୍ତି , କିନ୍ତୁ ଛୁଟି ଦରଖାସ୍ତ ଦେଖେଇବାକୁ କହିବାରୁ ଏକ ପୁର୍ବତନ ଛୁଟି ଦରଖାସ୍ତ ଯାହାକି ୨୭/ ୧/ ୨୦୨୫ ର ଦେଖାଇ ଥିଲେ । କୌଣସି ଅଫିସିଆଲ୍ ମେଲ କିମ୍ବା ହ୍ୱାଟସ୍ଅପ୍ ରେ ଛୁଟି ଦରଖାସ୍ତ କୌଣଷି ଉପରିସ୍ଥ ଅଧିକାରୀଙ୍କୁ ଦିଆ ଜାଇଛି କି ପଚାରିବାରୁ ମନା କରି ଦେଇଥିଲେ ଓ ଦେଖାଇ ପାରି ନଥିଲେ । ଏ ସଂକ୍ରାନ୍ତରେ ଅଧିକ ଜାଣିବା ନିମନ୍ତେ ବି ଇ ଓ ମହାଶୟାଙ୍କୁ ଫୋନ୍ ଯୋଗେ ଯୋଗା ଯୋଗ କରାଯାଇ ଥିଲେବି ବି ଇ ଓ ବନଲତା ବେହେରା ଫୋନ୍ ଉଠାଇ ନଥିଲେ । ଏହି ଭଳି ରଣପୁର ଶିକ୍ଷା ସର୍କଲରେ ଅନେକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ, ପ୍ରଧାନଶିକ୍ଷକ ମାନେ ନିଜ ନିଜ ଗ୍ରାମରେ ରହି ଶିକ୍ଷକତା କରୁ ଥିବାରୁ ମନ ଇଚ୍ଛା ଛୁଟିରେ ରହିବା ଓ ବିଦ୍ୟାଳୟରେ ଶିକ୍ଷାଦାନ କରିବାରେ ଅବହେଳା କରିବା ଅଭିଯୋଗ ଆସୁଛି । ପ୍ରତ୍ୟେକ ଛୁଟି ଦରଖାସ୍ତ କୁ ଅଫିସିଆଲ୍ ମେଲରେ ଗ୍ରହଣ କରିବା ସହ ୱେବ୍ ସାଇଟ୍ ରେ ସାର୍ବଜନୀନ କରାଗଲେ ଛୁଟି ମଞ୍ଜୁର ଉଚିତ୍ ହେବ ବୋଲି କିଛି ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି । ସି ଆର ସି ସି ସଞ୍ଜୟ କୁମାର ବରାଡ ଶିକ୍ଷୟତ୍ରୀ ସନ୍ଧ୍ୟାଙ୍କର ଏହି ଅନୁପସ୍ଥିତକୁ ଅନୁସଂଧାନ କରି ଉଚିତ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଛନ୍ତି । ଏ ଭଳି ଦାୟିତ୍ୱ ହିନ ଶିକ୍ଷୟତ୍ରୀଙ୍କ ବିରୋଧରେ କିଭଳୀ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ଦେଖିବାକୁ ସାଧାରଣରେ ଉତ୍କଣ୍ଠା ପରିଲକ୍ଷିତ ହେଉଛି ।

# ଲୋକନୃତ୍ୟ ତାଲିମ୍ ଗୃହ ନିର୍ମାଣ ଏବଂ କଳାକାର ଭତ୍ତା ଅଡ଼ିସନ ପାଇଁ ଦାବିକଲା ମହାସଂଘ

ଟିକାବାଲି : କନ୍ଧମାଳ ଜିଲ୍ଲା ଟିକାବାଲି ଗୋଷ୍ଠୀ ଉର୍ଣ୍ଣୟନ ଅଧିକାରୀ ତଥା ବ୍ଲକ କଳା ସଂକୃତି ସଂଘ ସଭାପତି ଶ୍ରୀ ଯୁକ୍ତ ନାରାୟଣ ଦୀକ୍ଷିତ ଙ୍କୁ ନୂତନ ବର୍ଷ ୨୦୨୫ ଉପଲକ୍ଷେ ଓରଦା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଟିପାରିଗାଁ ଲିଡର ମାନଙ୍କ ସହଯୋଗ କ୍ରମେ ଟିକାବାଲି ଚେୟାରମ୍ୟାନ ଶ୍ରୀ ଯୁକ୍ତ ଦିଲୀପ କହଁର ଙ୍କ ଉପସ୍ଥିତିରେ ବିଡ଼ିଓ ମହୋଦୟ ଙ୍କୁ ଏକ ଦାବି ପତ୍ର ପ୍ରଦାନ ଜରାଯାଇଥିଲା ଯାହାକି, ଲୋକନୃତ୍ୟ ତାଲିମ୍ ଗୃହ ନିର୍ମାଣ ପାଇଁ ଏକ ଶହ ଆର ଜମି, ଭତା ପାଇଁ



ଟିକାବାଲି ଆନୁକୂଲ୍ୟରେ ଗଠିତ ପାରମ୍ପରିକ ଲୋକଜାଳାକାର ମହାସଂଘ, କନ୍ଧମାଳ,ଟିକାବାଲି ତରଫରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ କରି ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି ଏହିପରି ପ୍ରେକ୍ଷୀରେ ମହାସଂଘ ର ସଭାପତି ଶ୍ରୀ ଯୁକ୍ତ କ୍ରିଷ୍ଣା ଚନ୍ଦ୍ର ଡିଗାଲ,ଙ୍କ ନେତୃତ୍ୱ ରେ ଅଧିଶ୍ୱର ମଳିକ, ଗନ୍ଧର୍ବ କହଁର, ବୀରେନ୍ଦ୍ର କହଁର, ଅନିତା ଦିଗାଳ, ପୂର୍ଣ୍ଣମା କହଁର, ରଞ୍ଜୁ ଦିଗାଲ, ସବିତା ମଳିକ, ତଳିମା ଦିଗାଳ, କତଲା ପ୍ରଧାନ, ବୁଟୁ କହଁର, ମାଧବ ଦିଗାଳ ଙ୍କ ପରି ଅନେକ କଳାକାର ଦଳର ଆବେଦନ କରିଥିବା କଳାକାର ଙ୍କ ଅଡ଼ିସନ କରିବା, କଳାକାର ଭତା ସଂଖ୍ୟା ଏକ ଲକ୍ଷ୍ କରିବା, ଭତା ବୃଦ୍ଧି କରିବା, ସରକାରଙ୍କ ଯେ କୌଣସି ସାଂକୃତିକ କାର୍ଯ୍ୟକ୍ରମ କୁ ମହାସଂଘ ର ଲୋକଲୋଚନ କୁ ଆଣିବା ଏହିପରି ଉଲ୍ଲେଖି ଥିବା ଦାବିପତ୍ର ବିଡ଼ିଓଙ୍କୁ ପ୍ରଦାନ କରିଥିବା ଜଣାପଡ଼ିଛି ଏହି ଅବସରରରେ ବିଡ଼ିଓ ନାରାୟଣ ଦୀକ୍ଷିତ ମଧ୍ୟ ଆଗ୍ରହର ସହ କଳାକାର ଦାବି ପ୍ରତି ଗୁରୁତ୍ୱ ଦିଆଯିବ ବୋଲି ମନ୍ତ୍ୟବ ପ୍ରଦାନ କରିଥିଲେ ଯାହା କଳାକାରଙ୍କୁ ବେଶ ଉତ୍ସାହ ଯୋଗାଇଥିଲା

# ନାଁକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ : ପାଣିରେ ପଡିଲା ୨ କୋଟି ୩୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା

■ଫେବୃଆରୀ ୧୩ ତାରିଖରେ ସରିବ ରାସ୍ତା ରକ୍ଷଣା ବେକ୍ଷଣର ଅବଧି
■୫ବର୍ଷ ମଧ୍ୟରେ ଆଦୌ ମରାମତି ହେଲାନି ରାସ୍ତା
■ରାସ୍ତା ମରାମତି ପାଇଁ ରହିଛି ୨୭ଲକ୍ଷ ୧୫ ହଜାର ୧୨୫ ଟଙ୍କା
■ଦୁର୍ଦ୍ଦଶା ଭୋଗୁଛନ୍ତି ଅଞ୍ଚଳବାସୀ, ମାଲାମାଲ ହେଉଛନ୍ତି ଠିକାଦାର
■କାର୍ଯ୍ୟର ଭିଜିଲାନ୍ସ ତଦନ୍ତ ଦାବି କଲେ ଅଞ୍ଚଳବାସୀ





ମାଲକାନଗିରି,୧୨/୨ (ନି.ପ୍ର): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ତାର୍ଲାକୋଟା ପଞ୍ଚାୟତ ଅନ୍ତର୍ଗତ ବାଲିମେଲା -ମାଲକାନଗିରି ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ସି-କଲୋନୀ ଠାରୁ ଉସ୍କାପାଲ୍ଲୀ ଗାଁ ଶେଷ ପର୍ଯ୍ୟନ୍ତ ରାସ୍ତା ସମ୍ପୂର୍ଣ ଭାବେ ଅତି କଦର୍ଯ୍ୟ ହୋଇପଡିଛି ।ଏହି ରାସ୍ତା ଦେଇ ପ୍ରତ୍ୟକ ଦିନ ଯାତାୟାତ କରୁଥିବା ଅନେକ ଗ୍ରାମବାସୀ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ ହୋଇଥିବା ରାସ୍ତା ଏବେ ଲୋକଙ୍କ ପାଇଁ ମାରାଣଯନ୍ତା ପାଲଟିଛି। ନିମ୍ନ ମାନର ରାସ୍ତା କାମ ହୋଇଥିବା ଯୋଗୁ ଖୁବ କମ ଦିନରେ ଏହି ରାସ୍ତା ସମ୍ପୂର୍ଣ ଭାବେ ନଷ୍ଟ ହୋଇଯାଇଛି ।ଫଳରେ ଏ ବାବଦରେ ଖର୍ଚ୍ଚ ହୋଇଥିବା ୨ କୋଟି ୩୬ଲକ୍ଷରୁ ଉର୍ଦ୍ଧ ଟଙ୍କା ପାଣିରେ ପଡିଛି ।ପୂର୍ବରୁ ଥିବା ମାଟି ରାସ୍ତା ଏହା ଅପେକ୍ଷା ବହୁତ ଭଲ ଥିଲା ବୋଲି ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି ।ରାସ୍ତା ନିର୍ମାଣ ହେବାର କିଛି ମାସ ପରଠାରୁ ରାସ୍ତାରୁ ପିଚୁ ଉଠିବା ଆରମ୍ଭ ହୋଇ ଏବେ ବଡ ବଡ ଖାଲ କ୍ଷମା ଭର୍ତ୍ତି ହୋଇଛି ।ଫଳରେ ଏହି ରାସ୍ତାରେ ଯାତାୟାତ କରିବା କଷ୍ଟକର ହୋଇପଡୁଛି ।ଅନେକ ସମୟରେ ଦୁର୍ଘଟଣା ଘଟି ବହୁ ଧନ ଜୀବନ ନଷ୍ଟ ହେଉଛି ।ଠିକାଦାର, ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଏହି ରାସ୍ତା ନିର୍ମାଣ ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି ।ଏହି ରାସ୍ତାରେ ଥରେ ଯିଏ ଯାଇଛି ସିଏହିଁ କହିପାରିବ ରାସ୍ତାର ଅବସ୍ଥା କଣ ହୋଇଛି ।ରାସ୍ତାଟିକୁ ମାଲକାନଗିରି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଠିକାଦାର ସୁଦନ୍ୟ ସରକାର ତିଆରି କରିଥିଲେ। ମୁଖ୍ୟତଃ ଏହି ରାସ୍ତା କାମ ଚାଲିଥିବା ବେଳେ ବିଭାଗର କୌଣସି ଅଧକାରୀ କିମ୍ବା କର୍ମଚାରୀ ଆଦୌ ତଦାରଖ କରିନାହାନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ।ଠିକାଦାର ନିଜ ଇଚ୍ଛାରେ କଞ୍ଚାମାଲ ବ୍ୟବହାର କରି ଏହାକୁ ତିଆରି କରିଛନ୍ତି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି ।ରାସ୍ତାର ଲମ୍ବ ୬ କି.ମି ।ଏଥିପାଇଁ ଖର୍ଚ୍ଚ ହୋଇଛି ୨ କୋଟି ୩୬ ଲକ୍ଷ୍ୟ ୧୬୮୬ ଟଙ୍କା। ଗତ ୨୦୧୭ ନଭେମ୍ବର ୧୬ରେ ଏହି ରାସ୍ତା କାମ ଆରମ୍ଭ ହୋଇ ଗତ ୨୦୨୦ ଫେବୃଆରୀ ୧୩ରେ ଶେଷ ହୋଇଥିଲା ।୫ ବର୍ଷ ଭିତରେ ତଥା ୨୦୨୦ ଫେବୃଆରୀ ୧୪ରୁ ୨୦୨୫ ଫେବୃଆରୀ ୧୩ ପର୍ଯ୍ୟନ୍ତ ରାସ୍ତାର ରାକ୍ଷଣାବେକ୍ଷଣ ଲାଗି ମୋଟ ୨୭ ଲକ୍ଷ୍ୟ ୧୫ହଜାର ୧୨୫ ଟଙ୍କାର ବ୍ୟବସ୍ଥା ମଧ ରହିଛି । ଆଉ ମାତ୍ର ଆସନ୍ତା ୫/୬ଦିନ ପରେ ସରିଯିବ ରାସ୍ତାର ରାକ୍ଷଣା ବେକ୍ଷଣର ସମୟର ଅବଧି। ବିଡମ୍ବନାର ବିଷୟ ବିଗତ ୫ ବର୍ଷ ମଧ୍ୟରେ ଠିକାଦାରଙ୍କ ପକ୍ଷରୁ ଆଦୌ କରାଗଲାନି ରାସ୍ତାର ମରାମତି କାର୍ଯ୍ୟ। ସବୁ ଜାଣି ବିଭାଗୀୟ କର୍ତୃପକ୍ଷ ଚୁପ ରହିଲେ କିପରି ବୋଲି ସ୍ଥାନୀୟ ଲୋକେ ଓଲଟା ପ୍ରଶ୍ନ ବାଢିଛନ୍ତି ।ଠିକାଦାରଙ୍କ ବିରୁଦ୍ଧରେ ବିଭାଗ ପକ୍ଷରୁ ଏନେଇ କୌଣସି ଆଖି ଦୃଷ୍ଟିଆ ଆଇନଗତ ଗ୍ରହଣ କରାଯାଉ ନଥିବାରୁ ରାସ୍ତାର ଅବସ୍ଥା ଏଭଳି ହୋଇଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି ।ଏହି ରାସ୍ତା ଦେଇ ସି-କଲୋନୀ, କେନ୍ଦୁଗୁଡା, ବି-କଲୋନୀ, କୁମ୍ଭାରଗୁଡା, ଚିତାପାରି, ଉସ୍କାପାଲ୍ଲୀ, ପୁରୁଣା ଓର୍କେଲ, ନୀଳାଦ୍ରୀ ନଗର, ବାଲିମେଳା, ତ୍ରିମଟାପାଲ୍ଲୀ, ସୋର୍ଲକୋଣ୍ଡା, ଏମଭି -୧୦୮, ଏମଭି-୫୧, ଏମଭି-୫୨ ଓ କାମ୍ବେଡା ଭଳି ବିଭିନ୍ନ ପଞ୍ଚାୟତର ବହୁ ଗ୍ରାମବାସୀ ପ୍ରତିଦିନ ବିଭିନ୍ନ କାର୍ଯ୍ୟରେ କୋରୁକୋଣ୍ଡା ବ୍ଲକ, ସ୍ୱାସ୍ଥ୍ୟକେନ୍ଦ୍ର, ଲ୍ୟାମ୍ପ, ବ୍ୟାଙ୍କ ଓ ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡିକୁ ଯାତାୟତ କରିଥାନ୍ତି ।ଏନେଇ ସ୍ଥାନୀୟ ଅଞ୍ଚଳବାସୀ ବହୁବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେବି କେହି କର୍ଣ୍ଣପାତ କରୁନଥିବା ଉସ୍କାପାଲ୍ଲୀ ଗ୍ରାମର ୱାର୍ଡ ମେମ୍ବର ଜାଗା ପଡିୟାମୀ, ମୁକ୍କା ପଡିୟାମୀ, ଗଙ୍ଗା ପଡିୟାମୀ, କୁମ୍ଭାରଗୁଡା ଗ୍ରାମର ଗଙ୍ଗାଧର ମାଝୀ, ନରସିଂହ ଗୋଲାରୀ, ପର୍ଶୁରାମ ଖିଲ, ସନିଆ କୁମ୍ଭାର, ତାର୍ଲାକୋଟା ପଞ୍ଚାୟତର ସମିତି ସଭ୍ୟ ପର୍ଶୁରାମ ଖେମୁଡୁ, ସି-କଲୋନୀ ଗ୍ରାମର ଗୋପୀନାଥ ପ୍ରଧାନୀ, ଦେବନା ଖେମୁଡୁ, ସୁରି ଖେମୁଡୁ, ମଙ୍ଗୁ ପାଙ୍ଗି, କେନ୍ଦୁଗୁଡା ଗ୍ରାମର ମୁଖିଆ ଗୋବର୍ଦ୍ଧନ ଜାଲା, କମୁଲୁ ଜାଲା, ଚନ୍ଦ୍ର ପୂଜାରୀ,ବି -କଲୋନୀ ଗ୍ରାମର ମୁଖିଆ ହରି ହନ୍ତାଳ, ରଘୁ ଖିଲ, ବଳରାମ ମୁଦୁଲୀ,, ବଲୁ ଗାଡାଙ୍ଗ ,ଚନ୍ଦ୍ର ଦଳପତିଙ୍କ ସମେତ ବହୁ ଗ୍ରାମବାସୀ ଅଭିଯୋଗ କରିଛନ୍ତି ।ଜିଲ୍ଲା ପ୍ରଶାସନ ଏଦିଗରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ହୋଇଥିବା ରାସ୍ତା କାର୍ଯ୍ୟର ଭିଜିଲାନ୍ସ ତଦନ୍ତ କରିବାକୁ ଅଞ୍ଚଳବାସୀ ଦାବୀ କରିଛନ୍ତି ।ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ଲବ ରାମ ମଝିଙ୍କୁ ପଚାରିବାରୁ ସେ କହିଥିଲେ ଯେ, ମୁଁ ଗତ ୩ ବର୍ଷ ହେବ ଉକ୍ତ ଅଞ୍ଚଳ ଦାୟିତ୍ୱରେ ଅଛି। ଠିକାଦାର ଉକ୍ତ ରାସ୍ତାର ମରାମତି କାର୍ଯ୍ୟ କରିନଥିବାରୁ ରାସ୍ତା ମରାମତି ବାବଦରେ କୋଣସି ପେମେଣ୍ଟ ଦିଆଯାଇନାହିଁ। ମୁଁ ଦାୟିତ୍ୱ ନେବା ପୂର୍ବରୁ କଣ ହୋଇଛି ମୁଁ ଜାଣିନି। ଯଦି ଠିକାଦାର ରାସ୍ତା ମତାମତି କାର୍ଯ୍ୟ ନ କରନ୍ତି ତେବେ ତାଙ୍କର ସିକ୍ୟୁରିଟି ବାବଦରେ ଥିବା ଟଙ୍କା ରିଲିଜ ନହୋଇ ବନ୍ଦ ରହିବ। ଏ ସମ୍ପର୍କରେ ଉଚ୍ଚ କର୍ତୃପକ୍ଷଙ୍କୁ ଅବଗତ କରାଯାଇଛି ବୋଲି ଯନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

# ସାନ୍ଦୀପନି ବିଦ୍ୟାନିକେତନର ପ୍ରବେଶ ଉତ୍ସବ

ଚିକିଟୀ, ୧୨/୨ (ନି.ପ୍ର):-ଚିକିଟୀ ବ୍ଲକ ନୂଆପଡା ଗ୍ରାମସ୍ଥିତ ସାନ୍ଦୀପନି ବିଦ୍ୟାନିକେତନର ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଉକ୍ତ ପ୍ରବେଶ ଉତ୍ସବରେ ୨୯ ରୁ ଉର୍ଦ୍ଧ୍ୱ ନୂତନଭାବେ ଯୋଗ ଦେଇଥିଲେ । ଶିଶୁମାନଙ୍କୁ ନେଇ ନୂଆପଡା ଗ୍ରାମର ଶେଷ ମୁଣ୍ଡରେ ଥିବା ନୀଳକଣ୍ଠେଶ୍ୱର ମନ୍ଦିର ଓ ଜଗନ୍ନାଥ ମନ୍ଦିର ଯାଇ ପୂଜାର୍ଚ୍ଚନା କରି ବିଦ୍ୟାଳୟ ସମ୍ମୁଖରେ ପହଂଚିଥିଲେ ଏବଂ ବିଦ୍ୟାଳୟର ସହସ୍ରାଧିକ ଛାତ୍ରୀଛାତ୍ର ନୂତନ ଶିଶୁ ମାନଙ୍କୁ ସ୍ୱାଗତ ଜଣାଇ ପ୍ରବେଶ କରିଥିଲେ ।ଏହି ଅବସରରେ ସାନ୍ଦୀପନି ବିଦ୍ୟାନିକେତନ ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା । ଉକ୍ତ ଅନୁଷ୍ଠାନର ପ୍ରଧାନଚାର୍ଯ୍ୟ ବିବେକାନନ୍ଦ ପଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥିଭାବେ ସମ୍ପାଦକ ତଥା ନୂଆପଡା ଗ୍ରାମପଂଚାୟତର ସମିତିସଭ୍ୟ ଇ ସିମାଞ୍ଚଳ, ସଭାପତି ଏସ ନାଗଭୂଷଣ ପ୍ରମୁଖ ଯୋଗଦେଇ ନୂତନ ଶିଶୁମାନଙ୍କର ଶିକ୍ଷାର କିପରି ଅଗ୍ରଗତି ଘଟିବ ସେ ଉପରେ ଆଲୋଚନା କରିବା ସହିତ ଶିଶୁମାନଙ୍କ ଭବିଷ୍ୟତ ଉଜ୍ଜଳମୟ କାମନା କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଆଦର୍ଶ ଗୁରୁମା ରଶ୍ମିରେଖା ପଣ୍ଡା, ବରିଷ୍ଠ ଗୁରୁମା ସସ୍ମିତା ଜେନା, ଭାରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ଅଜିତ କୁମାର ପଣ୍ଡା, ଉମାକାନ୍ତ ପାତ୍ର, ରଞ୍ଜନ ବାଡ଼ତ୍ୟା,ସନ୍ତୋଷ ବେହେରା, ଗୁରୁମା ପ୍ରମିତା ପ୍ରଧାନ,ଶିବାନୀ ପ୍ରଧାନ, ଦିବାନି ପ୍ରଧାନ, କିଶୋରୀ ପ୍ରଧାନ, ସଂଯୁକ୍ତା ପ୍ରଧାନ ,ରଶ୍ମିତା କୁଣ୍ଡ, ପୂଜା ଆଚାରୀ, ଲିପ୍ସା ସାହୁ, ପି ସୋନି, ପ୍ରଭାତୀ ପ୍ରଧାନ ସୁନିତା ବେହେରା ସମେତ ସଂଗେ ସଂଗେ ଗାଡିଚାଳକ ଶିବ କୁମାର ପ୍ରଧାନ, ବାପି ପ୍ରଧାନ,ରବି ପ୍ରଧାନ,ଏ ଲାଛନା, ଭିକାରି ସେଠୀ, ମହେନ୍ଦ୍ର ବିଷୋୟୀ ଓ ସୁରେଶ ରେଡ୍ଡି ପରିଚାଳନା କରିଥିଲେ ।

# ଫ୍ରେଣ୍ଡସ ଫେମିଲି ପକ୍ଷରୁ ମାଛ ଚାଷ ପ୍ରଶିକ୍ଷଣ ଶିବିର

ରୂପସା୧୨/୨ (ନି.ପ୍ର): ଥାନା ଅନ୍ତର୍ଗତ ପୋଡ଼ାଡିହା ସ୍ଥିତ ଫ୍ରେଣ୍ଡସ ଫେମିଲି ଆନୁକୁଲ୍ୟ ରେ ଏକ ଚାଷୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଫ୍ରେଣ୍ଡସ ଫେମିଲି ର ଦୁଇ ସହଯୋଗୀ ପ୍ରସନ୍ନ କୁମାର ସାହୁ ଏବଂ ବଂଶୀଧର ପଣ୍ଡା ଙ୍କ ସହଯୋଗ ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଂଶୀଧର ପଣ୍ଡା ଙ୍କ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଜିଲ୍ଲା ମତ୍ସ୍ୟ ଚାଷ ଅଧିକ୍ଷକ ଜିତେନ୍ଦ୍ର କୁମାର ବେହେରା, ମୁଖ୍ୟ ବକ୍ତା ଭାବେ ଏବିସ କମ୍ପାନୀ ର ଭାଏସ ଚେୟାରମେନ ସେକ ରସିଦୁଲ ହକ, ସମ୍ମାନିତ ଅତିଥି ଭାବେ ଏବିସ୍ କମ୍ପାନୀ ର ବ୍ରଏଲର ଇଣ୍ଟିଗ୍ରେସନ୍ ଓଡ଼ିଶା ହେଡ ଅଭିମନ୍ୟୁ ବାରିକ,ସମ୍ମାନିତ ଅତିଥି ଭାବେ ଏବିଶ କମ୍ପାନୀ ର ରିଜିଓନାଲ ମ୍ୟାନେଜର ସୌଗତ ରାୟ ପ୍ରମୁଖ ଯୋଗ ଦେଇ ଉନ୍ନତ ମାନର ମାଛ ଏବଂ ବ୍ର ଏଲାର କୁକୁଡ଼ା ଚାଷ ଉପରେ ଆଲୋଚନା କରିଥିଲେ। ସରକାରୀ ସ୍ତରରେ ପୋଖରୀ ଖୋଳା,ଜାଆଁଳ ଚାଷ, ଚିଙ୍ଗୁଡ଼ି ଚାଷ ପାଇଁ ସବସିଡି ଲୋନ୍ ର ବ୍ୟବସ୍ଥା ଥିବା ବେଳେ ଉନ୍ନତ ମାନ ର ଚାଷ ପାଇଁ ବିଭାଗ ଦ୍ୱାରା ଚାଷୀ ମାନଙ୍କୁ ଟ୍ରେନିଂ ଦିଆଯାଉଥିବା କହିଛନ୍ତି ଅଧିକାରୀ। ତେବେ କୁକୁଡ଼ା ଚାଷ ଉପରେ ଅଧିକାରୀ ଶ୍ରୀ ବାରିକ ଓପନ ଫର୍ମିଂ ଏବଂ ଇସି ଫାର୍ମିଂ ଉପରେ ଆଲୋଚନା କରିଥିଲେ। ଇସି ଫାର୍ମିଂ ରେ ଡବଲ ଇନ୍ କମ ସହିତ ସରକାରୀ ସ୍ତରରେ ସବ ସିଡି ର ବ୍ୟବସ୍ଥା ଥିବା କହିଥିଲେ । ତେବେ ଫ୍ରେଣ୍ଡସ ଫେମିଲି ର ଉଦ୍ୟମ କ୍ରମେ ରୂପସା ଅଞ୍ଚଳ ର ଅନେକ ବ୍ୟକ୍ତିମାନେ ମାଛ ଚାଷ ସହିତ କୁକୁଡ଼ା ଚାଷ କରି ଆତ୍ମନିର୍ଭରଶୀଳ ହୋଇପାରି ଥିବା ବେଳେ ଅନ୍ୟମାନେ ମଧ ଏହାର ସୁଯୋଗ ନେଇ ଚାଷ କରିବାକୁ ଅତିଥି ମାନେ କହିଥିଲେ। ଏହି କାର୍ଯ୍ୟକ୍ରମ ଫ୍ରେଣ୍ଡସ ଫେମିଲି ର ସମସ୍ତ ସଦସ୍ୟ ପରିଚାଳନା ରେ ସହୋଜୋଗ କରିଥିଲେ ।

# ଠାକୁରଗଡ଼ ହନୁମାନ ମନ୍ଦିର ର ବାର୍ଷିକ ଉତ୍ସବ ପାଳିତ



ଆଠମଲ୍ଲିକ, ୧୨/୨ (ନି.ପ୍ର): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଗ୍ରାମ ରେ ଥିବା ହନୁମାନ ମନ୍ଦିର ର ୬ ଷ୍ଠ ତମ ବାର୍ଷିକ ଉତ୍ସବ ଗୁରୁବାର ଦିନ ମହାଆଡମ୍ବର ସହକାରେ ପାଳିତ ହୋଇ ଯାଇଛି। ସକାଳେ ମହିଳା ମାନଙ୍କ ଏକ କଳସ ଶୋଭା ଯାତ୍ରା ସ୍ଥାନୀୟ ଶିବ ମନ୍ଦିର ନାଳରୁ ବାହାରି ହନୁମାନ ମନ୍ଦିର ରେ ପହଂଚି ଥିଲା। କର୍ତ୍ତା ଭାବେ ମନ୍ଦିରର ପ୍ରାଣ ପ୍ରତିଷ୍ଠାତା ତଥା ସଭାପତି ନବକୁମାର ବେହେରା ଓ ତାଙ୍କ ସହଧର୍ମିଣୀ ସୁମତି ବେହେରା, ଦିବାକର ପ୍ରଧାନ ପ୍ରମୁଖ କାର୍ଯ୍ୟ ତୁଲାଇ ଥିଲେ। ମନ୍ଦିର ର ସମ୍ପାଦକ ରଞ୍ଜନ କୁମାର ସାହୁ, ମନ୍ଦିର କମିଟି ର ସଦସ୍ୟ ପଵନ୍ କୁମାର ସାହୁ, ଶେଷଦେବ ବିଶ୍ୱାଳ, କୋଷାଧ୍ୟକ୍ଷ ପ୍ରମୋଦ କୁମାର ମହାପାତ୍ର, ପ୍ରିୟବ୍ରତ ସାହୁ, ସତ୍ୟାନନ୍ଦ ରାଉତ, ଲିତୁ ରାଉତ୍, ଗଣେଶ୍ୱର ବିଶ୍ୱାଳ, ମଳୟ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।ଏଥିରେ ପ୍ରାୟ ୫ ହଜାର ରୁ ଅଧିକ ଶ୍ରଦ୍ଧାଳୁ ଯୋଗଦେଇ ହନୁମାନ ଙ୍କ କୃପା ଲାଭ କରିବା ସହ ଅନ୍ନ ପ୍ରସାଦ ସେବନ କରିଥିଲେ। ମନ୍ଦିର ର ପୁରୁଖା ସଦସ୍ୟ ଆଶୁତୋଷ ଷଣ୍ଢ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ ।

# ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉଦ୍‌ଯାପିତ



ଫିରିଙ୍ଗିଆ ୧୨/୨ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ଗୋଛାପଡା ଠାରେ ଶ୍ରୀଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦଯାପିତ ହୋଇଯାଇଛି। ପ୍ରତିଷ୍ଠା ଉତ୍ସବ ମଙ୍ଗଳ ବାର ଦିନ ଆରମ୍ଭ କରାଯାଇ ସେଦିନ ମଣ୍ଡଳ କର୍ମଣ, ଅଙ୍କୁରାରୋପଣ, ଗର୍ଭାଧାନ କାର୍ଯ୍ୟ କ୍ରମ କରାଯାଇଥିଲା। ବୁଧ ବାର ଦିନ କଳସ ଯାତ୍ରା ଓ ଅଗ୍ନି ସ୍ଥାପନ, ଗୁରୁବାର ପୂଜା ଆହୁତୀ ଓ ଠାକୁର ସ୍ନାନ, ଶୁକ୍ରବାର ପ୍ରାଣ ପ୍ରତିଷ୍ଠା, ମନ୍ଦିର ପ୍ରବେଶ ଓ ପୂର୍ଣ୍ଣାହୁତି ଦିଆ ଯାଇଛି ।ଏହି ପ୍ରତିଷ୍ଠା ଉତ୍ସବ ରେ ପୂର୍ବ ତନ ମନ୍ତ୍ରୀ ପଦ୍ମ ନାଭ ବେହେରା, ବିଧାୟକ ଉମା ଚରଣ ମଲିକ, ଓ ପୂର୍ବ ତନ ବିଧାୟକ ଅଙ୍ଗଦ କହଁର ଯୋଗ ଦେଇ ଠାକୁର ଦର୍ଶନ କରି ଥିଲେ ।ଶୁକ୍ର ବାର ରାତିରେ ମନୋରଞ୍ଜନ କାର୍ଯ୍ୟକ୍ରମ ମହାଭାରତ,ନାଟକ ପରିବେଷଣ କରାଯିବାର ସ୍ଥିର ହୋଇଛି।

# ଏମକେସିଜି ଓପିଡି ଟିକେଟ କାଉଣ୍ଟର ରେ ଛଟେଇ ଡାଟାଏଣ୍ଟ୍ରି ଅପରେଟରଙ୍କ ପୁନଃ ନିଯୁକ୍ତି ଦାବୀରେ ପ୍ରତିବାଦ

## ଆସନ୍ତା ସୋମବାର ପରେ ନିଯୁକ୍ତି ପ୍ରତିଶ୍ରୁତି ପରେ ଆସନ୍ତାକାଲି କାର୍ଯ୍ୟରେ ଯୋଗ ଦେବେ କର୍ମଚାରୀ




ବ୍ରହ୍ମପୁର, ୧୨/୨ (ନି.ପ୍ର): ବ୍ରହ୍ମପୁର ସ୍ଥାନୀୟ MKCG-MCH ବ୍ରହ୍ମପୁର ର OPD ଟିକେଟ କାଉଣ୍ଟର ଓ ଓପିଡି ର ବିଭିନ୍ନ ବିଭାଗ ରେ କାର୍ଯ୍ୟରତ ଡାଟାଏଣ୍ଟ୍ରି ଅପରେଟର ମାନେ ଦୀର୍ଘ ଦିନ ହେବ ମଲ୍ଟିସଫ୍ଟ ପ୍ରାଇଭେଟ ଲିମିଟେଡ୍, କଟକ ଅଧୀନ ରେ କାର୍ଯ୍ୟ କରି ଆସୁଥିବା ବେଳେ ମିଳିଥିବା ସୂଚନା ପ୍ରକାରେ ବର୍ତ୍ତମାନ ଓପିଡି ଟିକେଟ କାଉଣ୍ଟର ପାଇଁ ସିଡ଼ାକ ନାମକ ନୂତନ ସଂସ୍ଥା ଅନୁବନ୍ଧିତ ହୋଇଛି ଫଳ ରେ ମୋଟ ୩୩ ଜଣ କର୍ମଚାରୀ ମଧ୍ୟରୁ ୧୮ ଜଣରୁ ଉର୍ଦ୍ଧ୍ୱ କର୍ମଚାରୀ ଙ୍କୁ ପୁନଃ ନିଯୁକ୍ତି ମିଳିନି ଫଳ ରେ ଆଜି ସକାଳୁ କର୍ମଚାରୀ ମାନେ ଡ୍ୟୁଟି କୁ ଆସି ଅପେକ୍ଷା କରିଥିଲେ କିନ୍ତୁ ପୁରୁଣା ସଂସ୍ଥା ଓ ମେଡିକାଲ ପ୍ରଶାସନ ତରଫରୁ ତୁମ ଚାକିରି ନାହିଁ କହି ଘଉଡ଼ାଇ ଦିଆଯାଇଥିଲା ଏହାକୁ ନେଇ ସମସ୍ତ କର୍ମଚାରୀ ଓପିଡି କାଉଣ୍ଟର ଆଗରେ ଅପେକ୍ଷା କରିବା ସହିତ ଛଟେଇ ର ପ୍ରତିବାଦ କରିଥିଲେ । ସେଇ ସମୟରେ ମେଡିକାଲ ର ରେଜିଷ୍ଟ୍ରାର ସଂଗ୍ରାମ ପଣ୍ଡା ଆସି ଆଲୋଚନା ନ କରି ମହିଳା କର୍ମଚାରୀ ଙ୍କୁ ରୁକ୍ଷ ବ୍ୟବହାର କରିବା ସହିତ ସମସ୍ତ କର୍ମଚାରୀ ଙ୍କୁ ବାହାରକୁ ଘଉଡ଼ାଇ ଥିଲେ । ଯାହାକୁ ନେଇ କର୍ମଚାରୀ ସଂଘ ପକ୍ଷରୁ ଏହାକୁ ଦୃଢଭାବେ ନିନ୍ଦା କରାଯାଇଛି । ନୂତନ ସଂସ୍ଥା ଦ୍ୱାରା ଅଧା କର୍ମଚାରୀ ରେ ମାତ୍ରାଧିକ ଗହଳି ରେ ଟିକେଟ କାଉଣ୍ଟର ଚାଲିଥିବା ବେଳେ ସବୁ ବର୍ହି ବିଭାଗ ର ସ୍କାନିଙ୍ଗ କାମ ପ୍ରାୟତଃ ବନ୍ଦ ରହିଥିଲା ଏପରିକି କାଜୁଆଲିଟି ରେ ଦୀର୍ଘ ସମୟ ପର୍ଯ୍ୟନ୍ତ ପୁରୁଣା ସଂସ୍ଥା ଦ୍ୱାରା ଟିକେଟ ଦେବା ବନ୍ଦ ହୋଇଥିଲା କିଛି ସମୟ ପରେ ସ୍ୱାଭାବିକ ହୋଇଥିଲା । ମଧ୍ୟାହ୍ନ ରେ ମେଡିକାଲ ସୁପରିଟେଣ୍ଡେଣ୍ଟ ସୁଚିତ୍ରା ଦାସ ଓ ନୋଡାଲ ଅଫିସର ମନୋଜ ପାତ୍ର ଙ୍କ ସହ ଆଲୋଚନା ପରେ ଆସନ୍ତା ସୋମବାର ଭିତରେ ପୁନଃ ନିଯୁକ୍ତି କଥା ବିଚାର କରାଯିବା କୁ ପ୍ରତିଶ୍ରୁତି ମିଳିବା ପରେ କର୍ମଚାରୀ ମାନେ ଆସନ୍ତାକାଲି ଡ୍ୟୁଟି ରେ ଯୋଗ ଦେବାକୁ ନିଷ୍ପତ୍ତି ନେଇଛନ୍ତି । ବିନା ନୋଟିସ ରେ ଏପରି ଅମାନବୀୟ ଭାବେ ଛଟେଇ କରିବା ଓ ମେଡିକାଲ କର୍ତୃପକ୍ଷ ବିନା ଆଲୋଚନା ରେ ରୁକ୍ଷ ବ୍ୟବହାର ରେ ଘଉଡ଼ାଇବା କୁ ସାଧାରଣ ରେ ନିନ୍ଦା କରାଯାଉଥିବା ବେଳେ । ମେଡିକାଲ ଟିକେଟ କାଉଣ୍ଟର ରେ ମାତ୍ରାଧିକ ଗହଳି କୁ ସମ୍ଭାଳିବାକୁ କର୍ମଚାରୀ ସଂଖ୍ୟା ବଢାଇବା ବଦଳ ରେ କର୍ମଚାରୀ କମାଇ ସେବା କିଭଳି ସରଳୀକରଣ ହେବ ତାହାଲେ ମଧ ପ୍ରଶ୍ନବାଚୀ ? ବେଆଇନ ଭାବେ ଏଜେନ୍ସି ମାନଙ୍କ ଦ୍ୱାରା ସିକ୍ୟୁରିଟି ଡିପୋଜିଟ ନାମରେ ହଜାର ହଜାର ଟଙ୍କା କାରବାର କରି ନୂତନ କର୍ମଚାରୀ ଙ୍କ ନିଯୁକ୍ତି କରିଥିଲେ ମଧ ଏଭଳି ଅଭିଜ୍ଞ କର୍ମଚାରୀ ମାନଙ୍କୁ ଛଟେଇ ନ କରାଯାଇ ଅଭିଜ୍ଞତା ଭିତ୍ତିରେ ନିଯୁକ୍ତି ନ ଦିଆଗଲେ ଆଗାମୀ ଦିନରେ ପୁନଶ୍ଚ ଆନ୍ଦୋଳନ କରିବାକୁ ସଂଘ ତରଫରୁ ଓଡିଶା ମେଡିକାଲ ଆଉଟସୋର୍ସିଙ୍ଗ କର୍ମଚାରୀ ସଂଘ ରାଜ୍ୟ ଆବାହକ ପ୍ରତାପ ପ୍ରଧାନ ସୂଚନା ଦେଇଛନ୍ତି ।

# ୱାର୍ଡ ବୈଠକ କରି ମଦ ବନ୍ଦ ପାଇଁ ଶପଥ

ଘୁ.ଉଦୟଗିରି : ୧୨/୨ (ନି.ପ୍ର): ସ୍ଥାନୀୟ ବ୍ଲକ ଅନ୍ତର୍ଗତ ରଟିଙ୍ଗିଆ ପଞ୍ଚାୟତରେ ସାଧାରଣ ନାଗରିକ କମିଟି ଦ୍ୱାରା ଅଞ୍ଚଳରେ ବ୍ୟବସାୟୀକ ଭିତ୍ତିରେ ମହୁଲି ମଦ ରନ୍ଧାକୁ ନିଷେଧ କରିବା ପାଇଁ ଇନ୍ଦ୍ରଗଡ଼ ଗ୍ରାମରେ ୱାର୍ଡ ବୈଠକ ଅନୁଷ୍ଠିତ ହୋଇଛି । ଅଞ୍ଚଳରେ ହେଉଥିବା ମଦ କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ସମାଜସେବୀ ହୃଷିକେଶ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଜି. ପି. ଏଲ. ଏଫ୍ ଓ ରଟିଙ୍ଗିଆ ଗ୍ରାମ ପଞ୍ଚାୟତ ସାଧାରଣ ନାଗରିକ କମିଟି ପକ୍ଷରୁ ଏହି ନିଷ୍ପତି ନିଆଯାଇଛି । କାରଣ ଅଞ୍ଚଳରେ ମଦ ବ୍ୟବସାୟ କରିବା ଦ୍ୱାରା ଯୁବ ପିଢ଼ି ନିଶାସକ୍ତ ହେଉଥିବା ବେଳେ ଶିକ୍ଷା, ସ୍ୱାସ୍ଥ୍ୟ, ଅର୍ଥନୈତିକରେ ବାଧା ସୃଷ୍ଟି ହେଉଛି ଏବଂ ଅଧିକାଂଶ ସମୟରେ ପାରିବାରିକ ହିଂସା ଉପୁଜୁଥିବା ପରିଲକ୍ଷିତ ହେଉଅଛି । ଏହି ନିଶା ସେବନ କରିବା ଦ୍ୱାରା ପରିବାରିକ ଅଶାନ୍ତି ହୋଇ ପରିବାର ଭାଙ୍ଗିଯିବା ସହ ଅଧିକାଂଶ ସମୟରେ ଦୁର୍ଘଟଣାର ଶିକାର ହେଉଥିବା ନଜରକୁ ଆସିଛି । ମୁଖ୍ୟତଃ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅର୍ଥନୈତିକ କ୍ଷେତ୍ରରେ ଅଭିବୃଦ୍ଧି କରିବା ପାଇଁ ଏହି ସାଧାରଣ ନାଗରିକ କମିଟି ପକ୍ଷରୁ ପଦକ୍ଷେପ ନିଆଯାଇଛି । ମଦ ରାନ୍ଧି ବିକ୍ରି କରୁଥିବା ପରିବାର ସଦସ୍ୟ ଆଗାମୀ ଦିନରେ କୌଣସି ମଦ ରନ୍ଧିବୁ ନାହିଁ ବୋଲି ଶପଥ ନେବା ସହିତ ପରିବାରରେ କୌଣସି ବ୍ୟକ୍ତି ମଦ ପିଇ ଆସିଲେ ତାହା ଉପରେ ଆମେ ଉଚିତ୍ ଜବାବ ଦେବୁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହାପରେ କୌଣସି ଘରେ ବ୍ୟବସାୟୀକ ଭିତ୍ତିରେ ମଦ ରାନ୍ଧି ବିକ୍ରି କରନ୍ତି ତେବେ ଏହି ବିଷୟକୁ ନେଇ ପ୍ରଶାସନକୁ ସରକାରୀ ଯୋଜନାରୁ ବଞ୍ଚିତ କରିବା ପାଇଁ ଦାବି କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି । ଏହି ପରି ଅନ୍ୟ ସମସ୍ତ ୱାର୍ଡ ଗୁଡିକରେ ମଦ ବନ୍ଦ ପାଇଁ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବା ସହିତ ୱାର୍ଡ ବୈଠକ ଅନୁଷ୍ଠିତ କରିବା ପାଇଁ ସାଧାରଣ ନାଗରିକ କମିଟି ଦ୍ୱାରା ପଦକ୍ଷେପ ଗ୍ରହଣ କରାଯାଇଅଛି ।ବୈଠକକୁ ନାଏବ ସରପଞ୍ଚ ଶ୍ରୀମତୀ ସରଳା ପ୍ରଧାନ ସଭାପତିତ୍ୱ କରିଥିବାବେଳେ ସ୍ଥାନୀୟ ୱାର୍ଡ ସଭ୍ୟା ଟିକୁନି ପ୍ରଧାନ, ସାଧାରଣ ନାଗରିକ କମିଟିର ସଭାନେତ୍ରୀ ତଥା ଜି.ପି. ଏଲ. ଏଫର ସମ୍ପାଦିକା ଦମ୍ବିକା ନାୟକ, ସଭାନେତ୍ରୀ ରାଜଶ୍ରୀ ମଲ୍ଲିକ ଏମ.ବି.କେ ଡି. ସବନମ, ୱାର୍ଡ ସଭ୍ୟ ଜୟ ଚନ୍ଦ୍ର ପ୍ରଧାନ, ସାବିତ୍ରୀ ମଲ୍ଲିକ, ଆମସ ନାୟକ, ସିଦ୍ଧାନ୍ତ ରଞ୍ଜନ ପ୍ରଧାନ, ସଦାନନ୍ଦ ନାୟକଙ୍କ ସମେତ ସି.ଆର୍.ପି, ଇ. ସି ମେମ୍ବର ଓ ଶତାଧିକ ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟାମାନେ ଯୋଗଦେଇଥିଲେ। ସମସ୍ତଙ୍କ ସହଯୋଗରେ ଆଜି ଠାରୁ ଅଞ୍ଚଳରେ ମଦ ବନ୍ଦ ହେବା ସହିତ ଅଞ୍ଚଳରେ ସୁଖ ସମୃଦ୍ଧି ଓ ଶିକ୍ଷା , ସ୍ୱାସ୍ଥ୍ୟ ଓ ଅର୍ଥନୈତିକ କ୍ଷେତ୍ରରେ ଅଭିବୃଦ୍ଧି ଘଟିବ ବୋଲି ବୁଦ୍ଧିଜୀବୀ ଆଲୋଚନା କରୁଛନ୍ତି।

# ବରିଷ୍ଠ ନାଗରିକ ପରିଷଦ ଉପଦେଷ୍ଟା ମୁରଲୀଧର ସାହୁଙ୍କ ସ୍ମୃତି ସଭା

ଧାମନଗର, ୧୨/୨ (ନି.ପ୍ର): ସେବା ନିବୃତ୍ତ କୃଷି ଅଧିକାରୀ ତଥା ଧାମନଗର ବରିଷ୍ଠ ନାଗରିକ ପରିଷଦର ଉପଦେଷ୍ଟା ସ୍ୱର୍ଗତ ମୁରଲୀଧର ସାହୁଙ୍କ ଏକାଦଶାହରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଧାମନଗର ବ୍ଲକ କଲ୍ୟାଣୀ ପଞ୍ଚାୟତ ଅନ୍ତର୍ଗତ ସ୍ୱର୍ଗତ ସାହୁଙ୍କ ବାସଭବନ ପରିସରରେ ସମାଜସେବୀ ଲମ୍ବୋଦର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ପୂଜ୍ୟପୂଜା ସଂସଦ ବନ୍ଧଟିଆର ସମ୍ପାଦକ ରାମଚନ୍ଦ୍ର ସାହୁ ସଞ୍ଚାଳନ କରିଥିଲେ। ଏହି ସ୍ମୃତି ଚାରଣ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ପରିଷଦ ସମ୍ପାଦକ ଶଚିକାନ୍ତ ପଣ୍ଡା, ଉପ ସଭାପତି ସୁରଥ ଚନ୍ଦ୍ର ସେଠୀ, ମହେଶ୍ୱର ସ୍ୱାଇଁ, ହୃଦାନନ୍ଦ କର, ନରେନ୍ଦ୍ର ମଲ୍ଲିକ, ଦାମୋଦର ମଲ୍ଲିକ, ସନ୍ତୋଷ ପାଢ଼ୀ, ନିରାକାର ଧଳ, ବିବେକାନନ୍ଦ ପାଢ଼ୀ, ବିଦ୍ୟାଧର ରାଉତ, ଗୋଲେଖ ପରିଡ଼ା, ଦାମୋଦର ସାହୁ, ଅଜୟ ସାମଲ, ଦିଗମ୍ବର ବାରିକ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ତାଙ୍କ ଆଚରଣ, ଉଚ୍ଚାରଣ ଓ କର୍ତବ୍ୟନିଷ୍ଠା ଆଦି ସୁଗୁଣ ଗାନ କରିଥିଲେ। ଜଣେ କୃଷି ଅଧିକାରୀ ଭାବେ ସ୍ୱର୍ଗତ ସାହୁ କୃଷି ଓ କୃଷକଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ ବୋଲି ବକ୍ତା ମାନେ ସଭାରେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ସାହୁଙ୍କ ଫୋଟୋ ଚିତ୍ରରେ ପୁଷ୍ପ ଅର୍ପଣ ସହ ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇ ଥିଲା ।ଶେଷରେ ସ୍ୱର୍ଗତ ସାହୁଙ୍କ ସାନଭାଇ କରୁଣାକର ସାହୁ ସଭିଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ସଂପାଦକୀୟ

# 'କର ଅବା ମର'

ପ୍ରବଳ ତୁଷାରପାତ ଓ ହାଡ ଭଙ୍ଗା ଶୀତ ମଧ୍ୟରେ ଶ୍ରୀନଗରର ଲାଲଚୌକଠାରେ ୧୨ଟି ରାଜନୈତିକ ଦଳର ନେତା ଓ କର୍ମୀଙ୍କ ଉପସ୍ଥିତିରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଗତ ବର୍ଷ ସେପ୍ଟେମ୍ବର ୭ ତାରିଖ ଦିନ କନ୍ୟାକୁମାରୀ ଠାରୁ ଆରମ୍ଭ କରିଥିବା ଭାରତ ଯୋଡୋ ଯାତ୍ରାର ଉଦଯାପନୀ ସମାରୋହ ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ ପାଇଁ ଏକ ନୂତନ ରାଜନୈତିକ ସମ୍ମିକରଣର ସନ୍ଦେଶ ପ୍ରଦାନ କରିଛି ବୋଲି କୁହାଯାଇପାରେ। ରାହୁଲ ଆରମ୍ଭରୁ ଏହି ପଦଯାତ୍ରାକୁ ରାଜନୈତିକ ନୁହେଁ, ବୋଲି କହିଆସୁଥିବା ସତ୍ୱେ ପଦଯାତ୍ରାରେ ବିଭିନ୍ନ ବର୍ଗର ଜନସାଧାରଣ ସ୍ୱତଃସ୍ପୂର୍ତ ଯୋଡି ହେବା କେବଳ କଂଗ୍ରେସ ପାର୍ଟି କିମ୍ବା ରାହୁଲଙ୍କୁ ଉତ୍ସାହିତ କରିନାହିଁ। ଜନସାଧାରଣଙ୍କ ମଧ୍ୟରେ ଗଭୀର ପ୍ରଭାବ ପକାଇଥିବା ମନେହୁଏ। ପଦଯାତ୍ରା ସମୟରେ ରାହୁଲଙ୍କ ଧଳା ଟି-ସାର୍ଟ, ଲମ୍ବା ଦାଢି, ୪୦୦୦କିମି ପଦଯାତ୍ରାରେ ବେଳେ ତାଙ୍କର ସ୍ମୃତି, ବିଭିନ୍ନ ବର୍ଗର ଲୋକଙ୍କୁ ସମ୍ଭାଷଣ, ଗଣମାଧ୍ୟମକୁ ସାକ୍ଷାତକାର ଏବଂ ମୋହବତ କା ଦୁକାନ, ବକ୍ତୃତା ଯାତ୍ରାକୁ କେବଳ ସଫଳତା ଦେଇନାହିଁ। ରାହୁଲଙ୍କ ଭାବମୂର୍ତିକୁ ମଧ୍ୟ ପରିବର୍ତିତ କରିଦେଇଛି ବୋଲି କହିଲେ ଅତିରଂଜିତ ହେବ ନାହିଁ। ତେବେ ରାହୁଲଙ୍କ ପଦଯାତ୍ରା ଦେଶର ସର୍ବପୁରାତନ ରାଜନୈତିକ ଦଳ କଂଗ୍ରେସର ପୁନରୁଥାନ ଏବଂ ଭୋଟଦାତାଙ୍କୁ ଆକର୍ଷିତ କରିବାରେ କେତେଦୂର ସହାୟକ ହେବ, ଚଳିତ ବର୍ଷ ୯ଟି ରାଜ୍ୟରେ ଅନୁଷ୍ଠିତ ହେଉଥିବା ବିଧାନସଭା ଏବଂ ୨୦୨୪ ଲୋକସଭା ନିର୍ବାଚନ ଫଳାଫଳ ହିଁ କହିବ। ଏହି ପରିପ୍ରେକ୍ଷୀରେ 'ଇଣ୍ଡିଆ ଟୁଡେ -ସି ଭୋଟର ମୁଡ ଅଫ ଦି ନେସନ" ଜାତୀୟ ସର୍ଭେ ରିପୋର୍ଟରେ ଯାହା ପ୍ରକାଶ ପାଇଛି, ତାହା କଂଗ୍ରେସ ପାଇଁ ନିଶ୍ଚିତ ଭାବେ ଉତ୍ସାହଜନକ। ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ଆଜି ଯଦି ସାଧାରଣ ନିର୍ବାଚନ ହୁଏ, ତେବେ ବିଜେପି ୨୮୪ଟି ଏବଂ କଂଗ୍ରେସ ୧୯୧ଟି ଆସନ ପାଇବ। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଦୀର୍ଘ ପଦଯାତ୍ରା ସତ୍ୱେ ରାହୁଲଙ୍କ ପ୍ରତି ବିଶେଷମାତ୍ରାରେ ଜନସାଧାରଣ ପସନ୍ଦ କରିନଥିବାବେଳେ ଦରଦାମ ବୃଦ୍ଧି ଏବଂ ବେକାରୀ ସମସ୍ୟା ଯୋଗୁଁ ଜନସାଧାରଣ ବିଜେପି ପ୍ରତି ବିମୁଖ ଭାବ ପ୍ରଦର୍ଶନ କରିଛନ୍ତି। ଏହା ସତ୍ୱେ ଆଗକୁ କଂଗ୍ରେସ ପାଇଁ ବହୁ ବଡ ଚ୍ୟାଲେଞ୍ଜ ରହିଛି। ଚଳିତ ବର୍ଷ ୯ଟି ରାଜ୍ୟର ବିଧାନସଭା ନିର୍ବାଚନକୁ ସାଧାରଣ ନିର୍ବାଚନ ପୂର୍ବରୁ ସେମିଫାଇନାଲ କୁହାଯାଇଥିବାବେଳେ କଂଗ୍ରେସ ପାଇଁ 'କର ଅବା ମର' ପରିସ୍ଥିତି ସୃଷ୍ଟି କରିଛି। କହିବା ବାହୁଲ୍ୟ ଯେ, ଭାରତ ଯୋଡୋ ଯାତ୍ରା ସମୟରେ ଗୁଜରାଟ ବିଧାନସଭା ନିର୍ବାଚନ ହୋଇଥିବାବେଳେ କଂଗ୍ରେସ ଏକ ପ୍ରକାର ସ୍ଥିତି ହରାଇଛି। ମାତ୍ର ଆଶ୍ୱସ୍ତିର କାରଣ ହୋଇଛି ହିମାଚଳରେ ବିଜେପିକୁ ଗାଦିଚ୍ୟୁତ କରି କ୍ଷମତା ଦଖଲ କରିବା। ରାଜନୈତିକ ବିଶ୍ଳେଷକଙ୍କ ମତ ଅନୁଯାୟୀ ଚଳିତ ବର୍ଷ ନିର୍ବାଚନ ଅନୁଷ୍ଠିତ ହୋଇଥିବା ୪ଟି ଉତର-ପୂର୍ବାଚଂଳ ରାଜ୍ୟ ତଥା ମେଘାଳୟ, ମିଜୋରାମ, ନାଗାଲାଣ୍ଡ ଓ ତ୍ରିପୁରାରେ କଂଗ୍ରେସ ବିଶେଷ କିଛି ସଫଳତା ପାଇବା ଆଶା କ୍ଷୀଣ। ତେବେ କର୍ଣାଟକ ଛତିଶଗଡ ଓ ମଧ୍ୟପ୍ରଦେଶରେ କଂଗ୍ରେସର ସଫଳତା ଆଶା ଉଜ୍ଜ୍ୱଳ ଥିବା ବେଳେ ରାଜସ୍ଥାନରେ ଦଳର ଅନ୍ତକନ୍ଦଳ ତୁରନ୍ତ ଅବସାନ ଘଟଇବା ଦଳ ପାଇଁ ମଙ୍ଗଳକର ହେବ ବୋଲି ରାଜନୈତିକ ବିଶାରଦମାନେ ମତ ଦେଇଛନ୍ତି। ତେବେ ଏହି ୪ଟି ରାଜ୍ୟରେ ବିଜେପି ସହ କଂଗ୍ରେସର ସିଧାସଳଖ ପ୍ରତିଦ୍ୱନ୍ଦିତା ହେଉଥିବା ଦଳ ପାଇଁ କର ଅବା ମର ପରିସ୍ଥିତି ସଦୃଶ ହୋଇଥିବା କୁହାଯାଇପାରେ। ଭାରତ ଯୋଡୋ ଯାତ୍ରା କଂଗ୍ରେସକୁ ବିଜୟ ଦେବ କି ନାହିଁ ଲୋକମାନଙ୍କ ମଧ୍ୟରେ ସଂଶୟ ଲାଗି ରହିଥିବାବେଳେ ଇଣ୍ଡିଆ ଟୁଡେ-ସି ଭୋଟରର ନେସନ ଅଫ ମୁଡ ସର୍ଭେ ରିପୋର୍ଟ ଦଳର ନେତା ଓ କର୍ମୀଙ୍କୁ ଉତ୍ସାହିତ କରିବା ସ୍ୱାଭାବିକ। ଭାରତ ଯୋଡୋ ଯାତ୍ରାରୁ ରାହୁଲଙ୍କ ଉପଲବ୍ଧକୁ ଦଳ କାର୍ଯ୍ୟରେ ବିନିଯୋଗ କରିବା ଜରୁରୀ। ଦୀର୍ଘ ପାଂଚ ମାସ ଧରି ରାହୁଲଙ୍କ ପଦଯାତ୍ରାରେ ଯେଉଳି ସ୍ୱତଃସ୍ପୃତ ସମାବେଶ ଘଟୁଥିଲା। ତାହା ଶାସକ ବିଜେପି ପାଇଁ ଯେ, ଏକ ସତର୍କ ଘଂଟି ବୋଲି କହିବା ଅଯଥାର୍ଥ ନୁହେଁ। ଭାରତଯୋଡୋ ଯାତ୍ରାର ସଫଳତା ପରେ କଂଗ୍ରେସ ଏବେ ହାତକୁ ହାତ ଯୋଡୋ ଯାତ୍ରା ଆରମ୍ଭ କରିଛି। ସମ୍ଭବତଃ ଆସନ୍ତା ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ କଂଗ୍ରେସ ଏହି ମାହୋଲକୁ ଉଜ୍ଜୀବତ ରଖିବାକୁ ନିଷ୍ପତି କରିଛି। ସେହିପରି ଭାରତ ଯୋଡୋ ଯାତ୍ରାର ଉଦଯାପନୀ ସମାବେଶରେ ୧୨ଟି ରାଜନୈତିକ ଦଳର ଯୋଗଦାନ ଏକ ବଳିଷ୍ଠ ମେଂଟ ଗଠନର ସମ୍ଭାଷଣ ସୃଷ୍ଟି କରିଛି। ଏହା ନିଶ୍ଚିତ ଯେ, କଂଗ୍ରେସକୁ ଛାଡି ବିରୋଧ ମେଂଟ କଳ୍ପନା କରାଯାଇନପାରେ।

# ମୋ ଜୀବନର କଳ୍ପବୃକ୍ଷ

ଅନୀତା ପଟ୍ଟନାୟକ

କୁହାଯାଏ 'ପିତା ଧର୍ମ, ପିତା ସ୍ୱର୍ଗ, ପିତା ହିଁ ପରମ ତପ। ପିତରି ପ୍ରୀତିମାସ୍ତନ୍ନେ ପ୍ରୀୟେନ୍ତେ ସର୍ବଦେବତା।' ଏହାର ଅର୍ଥ ପିତା ହେଉଛି ଧର୍ମ, ସ୍ୱର୍ଗ ଓ ଜୀବନର ତପସ୍ୟାର ଫଳ। ପିତା ଯଦି ସନ୍ତୁଷ୍ଟ ହୁଅନ୍ତି ସର୍ବ ଦେବତାମାନେ ପ୍ରୀତ ହୋଇଥାନ୍ତି। ମୋର ପିତା ଜଣେ ନିଆରା ଶିକ୍ଷକ ଥିଲେ। ସେ ସକାଳ ହେଲେ ଆମ ଭାଇ ଭଉଣୀ ମାନଙ୍କୁ ଉଠାଇ ଚଲାଇ ଚଲାଇ କିଛି ବାଟ ନେଇ ବିଭିନ୍ନ ମନ୍ଦିର ପ୍ରଭୃତି ଦେଖାଇ ଗାଈର କ୍ଷୀର, ଦହି ଗଉଡଘରୁ ଧରି ଘରକୁ ଫେରୁଥିଲେ। ବାପା କେବେ ଚାହାପି ପିଇବା କିମ୍ବା କ୍ଷୀର ପିଇବା ମୁଁ ଦେଖିନାହିଁ। ବରଂ ମାକୁ ପ୍ରେମପୂର୍ଣ୍ଣ ଶବ୍ଦରେ କୁହନ୍ତି ଆଜି ମୋ ପିଲାମାନେ ସମସ୍ତେ କ୍ଷୀର ପିଇଛନ୍ତିତ ? ବାପା ସବୁ ପିଲାମାନଙ୍କୁ ପାଠ ପଢ଼ିବାକୁ ପ୍ରୋତ୍ସାହିତ କରୁଥିଲେ। ତାଙ୍କର ସମସ୍ତ ଉପାର୍ଜିତ ଧନ ଆମର ସ୍କୁଲ ଡ୍ରେସ, ପାଠପଢ଼ା ଉପକରଣ, ଆମର ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ଖର୍ଚ୍ଚ କରିଦେଉଥିଲେ। ନିଜେ ଦୁଇହଳ ପୋଷାକରେ ଜୀବନ ଅତିବାହିତ କରିଦେଉଥିଲେ। ହଳେ ପୋଷାକ ଚିରିଗଲେ ବା ନଷ୍ଟ ହୋଇଗଲେ ଆଉ ଗୋଟିଏ ହଳ ତିଆରି କରାଉଥିଲେ। ମୁଁ ମୋର ବାପାଙ୍କୁ କେବେ କାହାଠାରୁ କିଛି ହାତପାତି କୌଣସି ପଦାର୍ଥ ଗ୍ରହଣ କରିବା ଦେଖିନାହିଁ। ସେ ତାଙ୍କର କଷ୍ଟ ଉପାର୍ଜିତ ଧନକୁ ଅକୁଣ୍ଠିତ ହୋଇ ଦାନ କରି ଦେଉଥିଲେ। ମତେ ଉଦାହରଣ ଦେଇ ବୁଝାଇ କହୁଥିଲେ ଗ୍ରହଣ କରିଥିବା ପାପୁଲି ତଳକୁ ଥାଏ କିନ୍ତୁ ଦାନ କରୁଥିବା ପାପୁଲି ସର୍ବଦା ଉପରେ ଥାଏ। ବାପା ଆମକୁ ଶକ୍ତି, ଧନ, ବାକ୍ୟ ଓ ଖାଦ୍ୟକୁ କିପରି ସଞ୍ଚୟ କରିବାକୁ ହେବ ତାହାକୁ ସେ ଶିଖାଉଥିଲେ। ମୋ ବାପା ସ୍କୁଲରେ ସବୁ ପିଲାଙ୍କୁ ନିଜର ପିଲାପରି ଭଲ ପାଉଥିଲେ। ମୋ ଆଗରେ ଅନ୍ୟ ପିଲାଙ୍କୁ ପ୍ରଶଂସା କରୁଥିଲାବେଳେ ମୁଁ ଯେତେବେଳେ ଈର୍ଷାନ୍ୱିତ ହେଉଥିଲି, ସେ ମତେ କହୁଥିଲେ ସମସ୍ତ ଈଶ୍ୱରଙ୍କର ସନ୍ତାନ। ଈଶ୍ୱରଙ୍କର ସାନ୍ନିଧ ଲାଭ କରିବାର ସୁଯୋଗ ସମସ୍ତଙ୍କର ଅଛି। କିନ୍ତୁ ବାପାଙ୍କ ଠାରୁ ଯଦି ଠିକ ଭାବରେ ଅଧିକ ସ୍ନେହ ଦାବିକରି ମଧ୍ୟ ପାଇନଥାଏ ତାର ମନର ଅବସ୍ଥା ଯାହାହୁଏ ମୁଁ ଅଧିକ ସ୍ନେହ ପାଉନଥିଲା ବେଳେ ମୋର ଅବସ୍ଥା ସେପରି ହୁଏ। ଆମ ପିଲାମାନଙ୍କର ଟିକେ ଦେହ ଖରାପ ହେଲେ ସେ ସଙ୍ଗେ ସଙ୍ଗେ ଡାକ୍ତରଙ୍କ ପରାମର୍ଶ କରି ଚିକିତ୍ସା କରାଇଥାନ୍ତି। ସେ ଆମ ସବୁ ପିଲାମାନଙ୍କୁ ସକାଳ ସଞ୍ଜରେ ପ୍ରାର୍ଥନା, ଖାଦ୍ୟ ଗ୍ରହଣ ଓ ଶୋଇବା ପୂର୍ବରୁ ପ୍ରାର୍ଥନା, ଗୋଶାଳାକୁ ଯାଇ ଗାଈ ମାନଙ୍କର ସେବା ନିଜେ କରନ୍ତି। ଦୀନଦରିଦ୍ରଙ୍କର ସେବା କରିବାକୁ ଓ ମାଙ୍କୁ ଖାଦ୍ୟ ପୁଡ଼ିଆ ତିଆରି କରି ଦେବା ପାଇଁ ଶିକ୍ଷା ଦେଇଥାନ୍ତି। ମୋର ବାପା ମାଧବଙ୍କର ଭଜନ ଗାନ କରିବାକୁ ଭଲ ପାଉଥିଲେ। ସେ ଏପରି କାହିଁକି କରୁଛନ୍ତି ଦିନେ ପଚାରିବାରୁ ସେ କହିଥିଲେ ମାର ଅର୍ଥ ମାୟା, ଧବର ଅର୍ଥ ପ୍ରଭୁ ସେ ଜାତ ହେଉଛନ୍ତି, ନାଶ ହେଉଛନ୍ତି, ଜୀବନ ମାୟାର ଅଂଶ। ସାଧକ ହେଉଛନ୍ତି ସର୍ବମୟ କର୍ତ୍ତା। ଏତେ ବଡ଼ ବଡ଼ କଥା ମୋ ମୁଣ୍ଡରେ ପଶୁନଥିଲା। ଖରା ଦିନେ ସହରର ବିଭିନ୍ନ କେନ୍ଦ୍ରକୁ ନେଇ ମାଟି ହାଣ୍ଡିରେ ପାଣି ରଖି ପଥିକମାନଙ୍କୁ ସେ ପାଣି ଯୋଗାଇ ଥାନ୍ତି। ସେ ଧନାଢ଼୍ୟ ବ୍ୟକ୍ତିଙ୍କ ସହାୟତାରେ ଅନେକ ଗରୀବ ଝିଅମାନଙ୍କର ବାହାଘର କରି ତାଙ୍କର ଘର ବସାଇଛନ୍ତି। ଜାନୁଆରୀ ୨୬, ଅଗଷ୍ଟ ପନ୍ଦର ପ୍ରଭୃତି ଦିନ ମାନଙ୍କରେ ସେ ଦେଶପ୍ରେମର ବାର୍ତ୍ତା ସ୍କୁଲର ପିଲାମାନଙ୍କୁ ଦେଉଥିଲେ। ପୂଜାପାର୍ବଣ ଗୁଡ଼ିକରେ ଭଜନ, ଧ୍ୟାନ, ନୀରବତା, ସଞ୍ଚୟ ଅଭ୍ୟାସ ପ୍ରଭୃତିର ମହତ୍ୱ ଅକ୍ଷରେ ଅକ୍ଷରେ ବୁଝାଇ ଦେଉଥିଲେ। ତାଙ୍କୁ ଘରେ ବାହାରେ ସମସ୍ତେ ଏକ ପ୍ରାଣରେ ଭଲ ପାଉଥିଲେ। ମୋ ବାପା ମୋ ପାଇଁ ଏକରନମ୍ବର ଭଗବାନ ଥିଲେ କାରଣ ସେ ସଚରାଚର ଜଗତରେ ଭଗବାନ ଦିବ୍ୟମାନ ଅଛନ୍ତି ବୋଲି ବୁଝାଇବା ସହିତ ଇତର ଜଗତର ସେବା କରୁଥିଲେ। ଭଗବାନଙ୍କ ପ୍ରଦତ୍ତ ପଞ୍ଚମହାଭୂତର (ଆକାଶ, ବାୟୁ, ଜଳ, ପୃଥିବୀ, ଅଗ୍ନି) କିପରି ବ୍ୟବହାର କରିବାକୁ ହୁଏ ତାହାକୁ ଶିକ୍ଷା ଦେଉଥିଲେ। ସମସ୍ତଙ୍କୁ ଭଲ ପାଇବା ଓ ସର୍ବଦା ଆନନ୍ଦରେ ରହିବାକୁ ଉପଦେଶ ଦେଉଥିଲେ। ମୋର କାଲିପରି ମନେ ଅଛି ଯେଉଁଦିନ ମୋ ରବାପା ତାଙ୍କର ଅବସର ନେବା ବିଷୟରେ ଘୋଷଣା କଲେ, ମାଙ୍କ ମନ ଦୁଃଖି ହୋଇଯାଇଥିଲା। ଏତେ ବଡ଼ ସଂସାର ଅଧା ପଇସାରେ ଚଳିବ କିପରି ବାପା କିନ୍ତୁ ଅବସର କଥାରେ ଖୁବ ଖସି। ଡାକ୍ତର, ଇଂଜିନିୟର, ଓକିଲ ଏପରିକି ଭାରତର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ସମସ୍ତେ ଅବସର ନିଅନ୍ତି କିନ୍ତୁ ତାଙ୍କର ଅବସର ନେବାର ଦିନର ଆସିଯାଉଥିବା ସମୟକୁ ନେଇ ପରିବାରର ଲୋକମାନେ ଏତେ ଦୁଃଖିତ କାହିଁକି ? ଏହାର କାରଣ ଥିଲା ବାପା ଥିଲେ ଆମର କଳ୍ପବୃକ୍ଷ। ଆମେ ଜାଣିଥିଲୁ ଆମେ ମାଗିବା ମାତ୍ରେ ଆମର ଉଚିତ ପ୍ରାର୍ଥନା ଗୁଡ଼ିକୁ ସେ ଶୁଣୁଥିଲେ ଓ ପୂରଣ କରୁଥିଲେ ଓ ଅବସର ପରେ ସେ ସବୁ ଊଣା ହୋଇଯିବାର ଆଶଙ୍କାରେ ଆମେ ଶଙ୍କିତ ଥିଲୁ। ମୁଁ କିନ୍ତୁ ମୋର ମନର ଭାବନାକୁ କାହା ଆଗରେ ପ୍ରକାଶ କରିନଥିଲି। ବାପାଙ୍କ ଶେଷ ସମୟ ଉପସ୍ଥିତ ହେଲା। ଭାଇ, ବନ୍ଧୁ, କୁଟୁମ୍ବ ତାଙ୍କର ଛାତ୍ର ସମାଜର ବିଭିନ୍ନ ବର୍ଗର ଲୋକ ଉପସ୍ଥିତ ଥାଇ କ୍ରନ୍ଦନ କରୁଥାନ୍ତି। ସମସ୍ତଙ୍କ ପାଟିରେ ଗୋଟିଏ କଥା, 'ଆପଣ କାହିଁକି ଆମକୁ ଛାଡ଼ି ଚାଲିଯାଉଛନ୍ତି। ଆପଣଙ୍କୁ ଖୁସି କରିବାରେ କେବେ ଅବହେଳା କରିଛୁକି ? ଆପଣ କୁହନ୍ତୁ ଆପଣଙ୍କୁ ଖୁସି କରିବାକୁ ଆମେ କଣ କରିବୁ ? ଦରକାର ପଡ଼ିଲେ ଆମର ସ୍ତ୍ରୀ ପିଲା ସମସ୍ତଙ୍କୁ ଛାଡ଼ି ତୁମ ପାଖକୁ ଚାଲି ଆସିବୁ। ଆମେ ଆମର ଚକ୍ଷୁ, ବୃକକ, ହୃଦୟ ସବୁ କିଛି ଦାନ କରିବାକୁ ରାଜି ଅଛୁ। ଦରକାର ପଡ଼ିଲେ ସମସ୍ତ ଧନ ମଧ୍ୟ ଆପଣଙ୍କୁ ଦେଇଦେବୁ ହେଲେ ଆପଣ ଆମକୁ ଛାଡ଼ି ଯାଆନ୍ତୁ ନାହିଁ। ମୋର ବାପା ଚିରନିଦ୍ରାରେ ଶୋଇଯିବା ପୂର୍ବରୁ ଯେଉଁ କେତୋଟି କଥା କହିଥିଲେ ତାହା ଆଜି ମଧ୍ୟ ମୋ ମନରେ ଝଙ୍କୃତ ହେଉଛି ତାହାଥିଲା 'ମୁଁ ତୁମକୁ କଷ୍ଟ ଦେବା ପାଇଁ ତୁମର ବାପା ହୋଇନଥିଲି। ମୁଁ ତୁମର ଧନ ସମ୍ପତ୍ତି କିଛି ଚାହୁଁ ନଥିଲି। ତୁମର ସ୍ତ୍ରୀ, ପିଲାଙ୍କୁ ଦୁଃଖ ପହଞ୍ଚାଇବା ପାଇଁ ମୁଁ ଆସି ନଥିଲି। ମୁଁ ତୁମ ମାନଙ୍କ ଠାରୁ ଏତିକି ଚାହୁଁଥିଲି, ତୁମେ ସବୁବେଳେ ସବୁ ସମୟରେ ଆନନ୍ଦରେ ରୁହ। ନିଃସ୍ୱାର୍ଥ ପ୍ରେମ ଓ ସେବାରେ ବ୍ରତୀ ହୁଅ।'

# ଶପଥ ହିଁ ସମାଧାନ

ମାୟାଧର ନାୟକ

ଯେଉଁଠି ଭୋକ ଆଉ ରୋଗ ନଥିବ, ସେଇଭଳି ପୃଥିବୀ ଆବଶ୍ୟକ। ଭୋକ, ରୋଗ ଏ ଧରଣୀବକ୍ଷରୁ ପୋଛିଦେବାକୁ ହେବ। ଆମ ପ୍ରିୟ ବିଶ୍ୱର ବିଜ୍ଞାନ ଏଯାବତ୍ ସେଭଳି ପରମାଣୁ ବୋମା ତିଆରି କରିପାରିନି, ଯାହା ଏ ଦୁଇ ଛୋଟ ଅଥଚ ସବୁଠୁ ବଡ ସାଂଘାତିକ ଶତ୍ରୁ ଭୋକ ଓ ରୋଗକୁ ମଣିଷଜାତିର ଅଭିଧାନରୁ ମୂଳପୋଛ କରିଦେବେ। ଯୁଦ୍ଧଠାରୁ ଅଧିକ ଭୟଙ୍କର ଘଟଣା ଏ ପୃଥିବୀରେ ହୋଇନଥାଏ। ଯୁଦ୍ଧାସ୍ତ୍ର ମଣିଷକୁ ବୁଦ୍ଧିହୀନ ଶିଶୁ କରିଦିଏ। ହାତରେ ପଡିଲେ ସେ ଖେଳିବାକୁ ବ୍ୟଗ୍ର ହୁଏ।

ଏଇ ପୃଥିବୀର ଆଦ୍ୟକାଳରୁ ଆଦିମ ସାମ୍ୟବାଦ ଥିଲା। ପରେ ପରେ ସାମନ୍ତବାଦ, ସାମ୍ରାଜ୍ୟବାଦ, ପୁଞ୍ଜିବାଦ, ସମାଜବାଦ, ସଂଶୋଧନବାଦ। ପୁନଶ୍ଚ ପଚମାନ ପୂତି ଗନ୍ଧମୟ ଶୋଷଣମୂଳକ ସମାଜ ବ୍ୟବସ୍ଥାରେ ପୁଞ୍ଜିବାଦର କାୟା ବିସ୍ତାର। ବିଶ୍ୱ ସାମ୍ୟବାଦ ବହୁ ଦୂରରେ। ଆଜି ସମଗ୍ର ବିଶ୍ୱର ୮୦୦ କୋଟି ଜନଗଣ ଜଘନ୍ୟ ଶୋଷଣମୂଳକ ପୁଞ୍ଜିବାଦର କରାଳକରାଘାତରେ ଆକ୍ରାନ୍ତ। ପ୍ରତ୍ୟେକ ବାଦ୍‌ରୁ ଉତ୍ତୀର୍ଣ୍ଣ ହେବାପାଇଁ ମଣିଷକୁ ଯୁଗ ଯୁଗ ଲାଗିଯାଇଛି। କେତେ ଯେ ମଣିଷ ଶୋଷଣ, ଅନ୍ୟାୟ, ଅତ୍ୟାଚାରରେ ଶିକାର ହୋଇ ଜୀବନ ତ୍ୟାଗ କରିଛନ୍ତି ତାହାର ହିସାବ ନାହିଁ। ପୃଥିବୀରେ ବହୁ ମହାମନୀଷୀ ବିଶ୍ୱର ପରିବର୍ତ୍ତନ ପାଇଁ ଦିଗ୍‌ଦର୍ଶନ ଦେଇଯାଇଛନ୍ତି। ଆମେ ସେମାନଙ୍କର ପଦାଙ୍କ ଅନୁସରଣ କରିପାରୁନାହୁଁ। ଆଜି ସମଗ୍ର ବିଶ୍ୱରେ ସେଭଳି ଏକ ମହାନ୍ ଦାର୍ଶନିକ ଦୁର୍ଲଭ - ଯାହାଫଳରେ ସାରା ବିଶ୍ୱ ଏବେ ଅନାଥ।

ଏକ ପରିବର୍ତ୍ତିତ ପରିସ୍ଥିତିରେ ଆଜି ବଦଳିଯାଇଛି ସଂଗ୍ରାମର ସଂସ୍କୃତି, ଚଲାପଥର ଚିତ୍ରପଟ। ଆଜି ଆମ ସାମ୍ନାରେ ହସ ହସ ମୁହଁରେ ଛଦ୍ମବେଶୀ ଶତ୍ରୁ... ବନ୍ଧୁତ୍ୱର ବେଶଭୂଷାରେ ବିପଜ୍ଜନକ ବୈରୀ। ଅତୀତର ଯେଉଁ ପୁଞ୍ଜିବାଦକୁ ଆମେ ଭେଟୁଥିଲୁ ବନ୍ଧୁକର ସଂଗୀନ୍ ମୂନରେ, ସୁରକ୍ଷାବଳୟର ବ୍ୟୂହ ମଧ୍ୟରେ – ସେ ପୁଞ୍ଜିବାଦ ତା'ର ପୁରୁଣା ଚରିତ୍ର ବଦଳାଇ ସାରି, ବସିସାରିଲାଣି ଆମ ବୈଠକଖାନାର ଟେବୁଲ ଆରପଟେ। ସେ ଆମକୁ ଖତମ କରିବାକୁ ଚାହୁଁଛି ଖେଳେଇ ଖେଳେଇ, ଜଖମ କରିବାକୁ ଚାହିଁଛି ଜବରଦସ୍ତ ! ମାତ୍ର ତା'ର ଏ ବୈରଭାବକୁ ସେ ପିନ୍ଧାଇସାରିଛି ବନ୍ଧୁତ୍ୱର ମାଖନ-ମଖା ମଖମଲ୍ଲୀ ମୁଖା। ବର୍ତ୍ତମାନ ପୁଞ୍ଜିବାଦ ତା' ମୁହଁରେ ପ୍ରଚାର କରୁଛି ପ୍ରଗତିବାଦର ପ୍ରଳାପ... ଧନତନ୍ତ୍ରର ଧ୍ୱଜାରେ ତାରକିତ କରାଯାଉଛି କେତେ ସ୍ୱାରକିତ ସ୍ୱପ୍ନ ! କୁବେରମାନେ ଦଖଲ କରିସାରିଛନ୍ତି କୁର୍ସି। ସେମାନଙ୍କ ହାତରେ, ପ୍ରଶାସନ। ସେମାନଙ୍କ ଆଖିର ଇସାରାରେ ନାଚୁଛନ୍ତି ନାଗରୀ-ନମ୍ବରୀ ଫେସନ୍ ସୋ'ର ଫୁଙ୍ଗୁଳୀ ଅପ୍‌ସରା। ସେମାନଙ୍କ କମ୍ପାନୀର କଳାଧୂଆଁ ଆଜି ଗୋଟାପଣେ ଗିଳିଦେବାକୁ ବସିଛି ଆମ ନୀଳ ଆକାଶ ତଳର ଧୂସର ପର୍ବତ, ସବୁଜ ପ୍ରାନ୍ତର, ହଳଦିଆ ହିଡମାଟି। ଖାଲି କ'ଣ ମାଟି ଆଉ ଘାଟୀ – ପରିବର୍ତ୍ତିତ ପୁଞ୍ଜିବାଦ ଆଜି ତା'ର ଆସୁରିକ ଆମିଷ ଆଁ ମେଲାଇ ଚଲୁ କରିଦେବାକୁ ବସିଛି ଆମର ଜଳ, ଜମି, ଜଙ୍ଗଲ – ଖଣି – ଖାଦାନ୍ - ବାଗାନ... ସବୁକିଛି।

ଆଜିର ଏ ପୁଞ୍ଜିବାଦର ହିସାବଜୋରସ୍ତ ହସ କାଲି ଡାକିଆଣିବ ସର୍ବହରାର ହାହାକାର। ବିସ୍ଥାପିତ ହେବେ ଆମ ବଂଶଧର ବର୍ଗ। ଅଧିବାସୀର ଅଧିତ୍ୟକାରେ ଆସନ୍ତାକାଲି ଗଢିଉଠିବ କେତେ କଂକ୍ରିଟ୍‌ର କୁତବ୍‌ମିନାର। ମୁନାଫା ପାଇଁ ସେମାନେ - ସେଇ ସଇତାନୀ ସଇସମାନେ ଆମ କବର ଉପରେ ଠିଆ କରାଇବେ ସେମାନଙ୍କ ଷ୍ଟିଲଘୋଡାର ଷ୍ଟାଚ୍ୟୁ ! ଏଇ ଦେଖନ୍ତୁ, ପରିବର୍ତ୍ତିତ ପୁଞ୍ଜିବାଦ କେମିତି ଅଇଁଠାପତ୍ରର ଅବଶିଷ୍ଟାଂଶ ପରି ମୁଠାମୁଠା ବୋନସ୍ ଫିଙ୍ଗିଚାଲିଚି ଆଜିର ଶ୍ରମିକ ଶ୍ରେଣୀ ଆଡକୁ। ଯେଉଁ ସୁନ୍ଦରଜୀବନର ପ୍ରତିଶ୍ରୁତି ଏ ପୁଞ୍ଜିବାଦ ଶୁଣାଇଚାଲିଛି, ଜାଣନ୍ତି କି ସେ ପୁଞ୍ଜିର ପାହାଡ ତଳେ ଦିନେ ଆମର ଉତ୍ତରଦାୟାଦ ଚାପିହୋଇ ଆର୍ତ୍ତନାଦ କରିବାକୁ ବାଧ ହେବେ ? ପ୍ରଚୁର ପୁଞ୍ଜି ତଳେ ପୁଞ୍ଜି ହୋଇରହିଚି ସଇତାନର କ୍ଷୁଧା। ସେ କ୍ଷୁଧାର ଅଜଗର ଦିନେ ବନ୍ଦୀ କରିନେବ ଆମର ବିବେକ, ବିଶ୍ୱାସ, ବିଚାର ଓ ବିଧାନ - ସବୁକିଛି। ମଣିଷର ହୃଦୟକୁ ସେ ପରିଣତ କରିଦେବ ଯନ୍ତ୍ରରେ କେବଳ। ତା' ମନ୍ତ୍ର ମଣିଷକୁ ମଇଁଷି, ଭେଣ୍ଡାକୁ ମେଣ୍ଢା, ପୁରୁଷକୁ ପଶୁ ଏବଂ ନାରୀକୁ ନାରକୀୟ ମୋଲାୟମ୍ କରିବାର ମାରାତ୍ମକ ମୋଲାୟମ୍ ମନ୍ତ୍ର। ମୁହଁରେ ହସ ସିନା, ଭିତରେ ଭୟଙ୍କର ବିଷର ଭଉଁରି। ହୁସିଆର ! ଏ ପୁଞ୍ଜିବାଦ ଆସୁଚି ପରିବର୍ତ୍ତିତ ପର୍ଯ୍ୟାୟରେ ଆତଙ୍କବାଦୀ ଆକ୍ରମଣକାରୀର ଅତୃପ୍ତି ନେଇ। ଏହା ସହିତ ସଂଗ୍ରାମ ତେଣୁ ସୁରୁହେବ ସ୍ୱତନ୍ତ୍ର ଶୈଳୀର ରଣନୀତିରେ।

ସବୁ ଏକ ହେବ ଆସନ୍ନ ମୁକାବିଲାର ମଇଦାନରେ। ଆମର ପହିଲା ନମ୍ବର ଦୁଷ୍ମନ୍ ଏଇ ସ୍ୱୀତିକୃତ ପୁଞ୍ଜିବାଦ ସହିତ ଲଢିବା ପୂର୍ବରୁ ଆମକୁ ପ୍ରଥମେ କିନ୍ତୁ ଲଢିବାକୁ ପଡିବ ଆମ ନିଜ ଭିତରର ଦ୍ୱନ୍ଦ, ଦ୍ୱିଧା ଓ ଦ୍ୱିଖଣ୍ଡିତ ଦର୍ଶନ ସହିତ। କାରଣ ଭବିଷ୍ୟତର ମହାସଂଗ୍ରାମ ପୂର୍ବରୁ ଆମର ପୂର୍ବପ୍ରସ୍ତୁତି ଆରମ୍ଭ ହେବ ଆମ ନିଜର ଅଟଳ ନିଷ୍ଠା ଓ ଅସଲ ଅଙ୍ଗୀକାରକୁ ସମ୍ବଳ କରି। ଆମକୁ ସଂକଳ୍ପ ନେବାକୁ ପଡିବ ନିଜ ରକ୍ତାକ୍ଷରରେ। ଆମ ଭିତରର ଭୟକୁ ଜୟ କଲେ ହିଁ ବିଜୟ ଆମର ହାତପାଆନ୍ତରେ। ଜାତି-ଧର୍ମ-ବର୍ଣ୍ଣ-ଲିଙ୍ଗ ନିର୍ବିଶେଷରେ ଆମେ ସମସ୍ତେ ହେବା କାୟୋମନୋବାକ୍ୟରେ କ୍ରାନ୍ତିକାମୀ-ଅଗ୍ରଗାମୀ। ଆମ ଅଗ୍ରଗତିର ପଥ ଯେତେ ଦୁର୍ଗମ ହେଉପଛେ, ସେ ପଥ ହେଉ ବଜ୍ରଶପଥର ବନପଥ। ଆମ ମହାସଂଗ୍ରାମର ପାନିପଥ। ଆନ୍ଦୋଳନର ଆବର୍ତ୍ତ ପରେ ଆମେ ବିପ୍ଳବର ବିଜୟ ପତାକା ଉଡାଇବା ଦଳିତ-ଶୋଷିତ-ନିଷ୍ପେସିତର ନବନିର୍ମିତ ରାଜଧାନୀରେ। ଏଇଥିପାଇଁ ଆଜି ପ୍ରୟୋଜନ ସେଇ ପ୍ରଲୋଭନମୁକ୍ତ ଲୌହକଠିନ ଚରିତ୍ରବତ୍ତା - ଅଙ୍ଗୀକାରବଦ୍ଧ ଆଗ୍ନେୟ ଆଦର୍ଶ ଏବଂ ନିଷ୍ଠାପର ନେତୃତ୍ୱର ଉଦାତ୍ତ ଆହ୍ୱାନ। ଏକ ଆଦର୍ଶ ଚରିତ୍ରସଂପନ୍ନ ଅଗ୍ନିଗର୍ଭ ନେତୃତ୍ୱରେ ଡାକରାରେ ହିଁ ସଂଗଠନ ଡାକିଆଣିବ ସଂକଳ୍ପର ସଂସ୍କୃତି – ସଂଗ୍ରାମର ମଇଦାନ୍‌ରେ। ଆମେ ମୁକ୍ତ କରିପାରିବା ବନ୍ଦୀ ବିଶ୍ୱ - ପୁଞ୍ଜିବାଦର ମାଲିକାନା ସ୍ୱତ୍ତ୍ୱ କବଳରୁ।

ଆଜିର ଏ ଜୋକ-ଜରଦ୍‌ଗବ ଗଣତନ୍ତ୍ର ଜନତାକୁ ଜୋକର ବନାଇ କ୍ଷମତାର ସୁନାସୁଡଙ୍ଗରେ ଧନତନ୍ତ୍ରର ଗୋଲାମ ସାଜିଛି। ନିଜକୁ ନିଲାମ କରି ଶସ୍ତାରେ ବିକିଦେବାକୁ ବସିଛି – ବିଚରା ମଜଦୂରର ମାଟି, ଅସହାୟ ଆଦିବାସୀର ଘାଟୀ – ଉପାସୀ ଚାଷୀର ଫୁଲଉଡା ଫସଲବାଟି। ଆମେ ସଂଗ୍ରାମୀ। ଆମେ ଜନସମଗ୍ରର ସୀମାନ୍ତ ସିପାହୀ।ଆମେ ବିପ୍ଳବୀ ହୋଇଛେ - ଆଗାମୀ ବିପ୍ଳବର ପାନିପଥରେ ଲାସ୍ ହବାପାଇଁ ନୁହେଁ – ଶହୀଦ୍ ହେବାପାଇଁ। ଫୁଲଉଡା ଆସନ୍ନ ବିଦ୍ରୋହର ରକ୍ତାକ୍ତ ରାଜପଥରେ ପ୍ରତିମୂର୍ତ୍ତି ହେବାପାଇଁ ନୁହେଁ - ପ୍ରତିବାଦର ମହାନାୟକ ହେବାପାଇଁ... ଆମେ ବିପ୍ଳବୀ ହୋଇଚେ – ଜୁଲମ ମୁହଁରେ ଜବାବ ଦେବାପାଇଁ - କରପ୍‌ସନ୍‌ର କଙ୍କାଳକୁ ପଦାଘାତ କରିବାପାଇଁ। ଜମି ଜଳ ଜଙ୍ଗଲ – ଖଣିଖାଦାନ ବାଗାନ୍ - ରୁଟି-କପଡା ଆଉ ମକାନ୍ ପାଇଁ ରାତିଦିନ ଜାଗତିଆର ରହିବାପାଇଁ।

ଆଜି ସମୟର ଆହ୍ୱାନ - ଆମେ ମଣିଷ ମାନବସମାଜର ମୁକ୍ତି ପାଇଁ ଏକ ନବମାନବସମାଜର ସମ୍ବିଧାନ ଘୋଷଣା ଜରିଆରେ ଶାନ୍ତି, ମୈତ୍ରୀ, ସାମ୍ୟ ପ୍ରତିଷ୍ଠା ଆମର ଲକ୍ଷ୍ୟ। ସମଗ୍ର ବିଶ୍ୱରେ ପେଟକୁ ଦାନା, ଦେହକୁ କନା, ମୁଣ୍ଡ ଗୁଞ୍ଜିବାକୁ ଅନ୍ତତଃ ବଖୁରିଏ ବସାଘର ପାଇବା – ଏ ମଣିଷଜାତିର ଜନ୍ମଗତ ଅଧିକାର। ଏ ବିଶ୍ୱ ଉପରେ ସମସ୍ତଙ୍କର ଅଧିକାର। ଆକାଶ, ପାତାଳ, ମର୍ତ୍ତ୍ୟ, ଜଳ, ଜଙ୍ଗଲ, ମାଟି, ମା – ସବୁ ଆମର। ମଣିଷ, ଜୀବଜନ୍ତୁ, ପଶୁପକ୍ଷୀ ସମସ୍ତଙ୍କର ଏ ମହାଜଗତ୍ ଉପରେ ଅଧିକାର ଅଛି। ମାତ୍ର ଆମ ଅଧିକାର ଆମେ କ'ଣ ସାବ୍ୟସ୍ତ କରିପାରୁଛେ ? ଆଜି ଆଉ ମୁଣ୍ଡରେ ହାତଦେଇ ବସିବାର ବେଳ ନାହିଁ - ନିଜ ଅଧିକାର ନିଜେ ଛିଣ୍ଡାଇ ଆଣିବା।

ଶତ ଶତାବ୍ଦୀର ଉପେକ୍ଷିତ, ଅଭୁକ୍ତ ଭାରତଭୂଇଁ ହିଁ ହେଉଛି ଆମ ସମସ୍ତଙ୍କର କର୍ମଭୂମି, ମର୍ମଭୂମି, ଯୁଦ୍ଧଭୂମି ତଥା ବିଜୟଭୂମି। ଶଠ ରାଜନେତାଙ୍କ ଦୌରାତ୍ମ୍ୟରୁ ଶୋଷକ, ଶାସକଗୋଷ୍ଠୀଙ୍କ କୂଟଚକ୍ରାନ୍ତରୁ ମୁକ୍ତ କରିବାକୁ ହେବ କୋଟିକୋଟି ଅବହେଳିତ, ଦୀନଦରିଦ୍ର ଜନଗଣଙ୍କୁ। ପ୍ରଥମେ ଗାଁର, ମା'ର ସେବା କରିବା। ଧୀରେଧୀରେ ରାଜ୍ୟ, ପ୍ରଦେଶ ଦେଶବିଦେଶକୁ ସଜାଡିବାକୁ ଯୁଦ୍ଧଯାତ୍ରା ଆରମ୍ଭ କରିବା। ମାତୃଭୂମିର ଶୋଷିତ, ଲାଞ୍ଛିତ, ନିର୍ଯାତିତ, ଅନାହାରକ୍ଲିଷ୍ଟ, ଉତ୍ପୀଡିତଙ୍କ ମୁହଁରେ ହସ ଫୁଟାଇବା ପାଇଁ କ୍ଷୁଧା, ଦାରିଦ୍ର୍ୟ, ବେକାରି, ଅଶିକ୍ଷା, ଅନ୍ୟାୟ, ଅତ୍ୟାଚାର, ଭ୍ରଷ୍ଟାଚାର, ଶୋଷଣ, କଷଣ, ଅପସଂସ୍କୃତି, ବିକୃତ ବ୍ୟବସ୍ଥା, ସର୍ବୋପରି ମୃତ୍ୟୁଭୀରୁ ସମାଜବ୍ୟବସ୍ଥାର ମୂଳୋତ୍ପାଟନ ପାଇଁ ସଂଗ୍ରାମର ମଇଦାନ୍‌ରେ ନିଜକୁ ନିଃସ୍ୱାର୍ଥ ଭାବରେ ସାମିଲ କରିବାକୁ ହେବା ପ୍ରଥମେ ନିଜକୁ ପରିବର୍ତ୍ତନ କରିବା, ନିଜ ବିରୁଦ୍ଧରେ ଲଢିବ। ନିଜ ଭିତରେ ଥିବା ଚରମ ଶତ୍ରୁ ବ୍ୟକ୍ତିବାଦ, ଅହମିକା, ଆତ୍ମକୈନ୍ଦ୍ରିକତା, କାମନା, ବାସନା, ହିଂସା, କ୍ରୋଧ, ଲୋଭ-ପ୍ରଲୋଭନ, ମୋହ, ଅନ୍ଧବିଶ୍ୱାସ, କୁସଂସ୍କାର, ଅପସଂସ୍କୃତି, ହତାଶାକୁ ହତ୍ୟା କରିବା ପ୍ରତି ମୁହୂର୍ତ୍ତରେ- 'ଅସମ୍ଭବ'କୁ ସମ୍ଭବ କରିବା ପାଇଁ ପଣ କରିବା। ନୂତନ ଚିନ୍ତା, ସତ୍ୟାନୁସନ୍ଧାନ, ପରୋପକାର ତଥା ଆତ୍ମବଳିଦାନର ବିରଳ ମାର୍ଗରେ ନିର୍ଭୀକ ଅଭିଯାତ୍ରୀଟିଏ ହେବା ପାଇଁ ଅଙ୍ଗୀକାରବଦ୍ଧ ହେବା। ସଂଯତ ଚାଲିଚଳନ, ବେଶପୋଷାକ, କଥାବାର୍ତ୍ତା, ଆଚାରବ୍ୟବହାର ଓ ଢଙ୍ଗଢାଙ୍ଗରେ ଜନଗଣଙ୍କର ନିକଟବର୍ତ୍ତୀ ହେବା।

ଆଖି ଆଗରେ ଘଟିଯାଉଥିବା ଦାରୁଣ ଘଟଣା, ମାଆ ଭଉଣୀ, ଶିଶୁ ଓ ନିରୀହ ଲୋକଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ତତ୍‌କ୍ଷଣାତ୍ ମୁକାବିଲା ନିଶ୍ଚୟ କରିବା। ଆମର ମିତ୍ରମାନଙ୍କୁ କଷ୍ଟ ନଦେଇ ନିଜେ ସମସ୍ତ କ୍ଳେଶ ବରଣ କରି ଦେଶ ପାଇଁ ଯାବତୀୟ ଆହ୍ୱାନର ଚାପ ସହିବାକୁ ପଶ୍ଚାତ୍‌ପଦ ହେବାନାହିଁ। ଘରକାମ, ନିଜ କାମ, ସର୍ବୋପରି ଦେଶକାମ ସୁଚାରୁରୂପେ ତୁଲାଇବା ସାଙ୍ଗକୁ ଆମ ବାସସ୍ଥାନରେ ଅନ୍ୟୂନ ଗୋଟିଏ ଫଳନ୍ତି ଗଛ ଲଗେଇବା। ଆମ ଭିତରେ ଥିବା ଖରାପ ଅଭ୍ୟାସ, ନିଶା ସେବନ, ମନ୍ଦ ପ୍ରକୃତି, ଆମ ପାଇଁ ଓ ଅନ୍ୟମାନଙ୍କ ପାଇଁ କ୍ଷତିକାରକ, ତାକୁ ଯଥାଶୀଘ୍ର ପରିତ୍ୟାଗ କରିବା। ସାଧାରଣ ଲୋକ ଯେ କୌଣସି ବିପଦରେ ପଡ଼ିଥିଲେ ଯଥାଶକ୍ତି ଖଟାଇ ଯଥାସମ୍ଭବ ସାହାଯ୍ୟ କରିବା। ଜ୍ଞାନାଭ୍ୟାସ ଓ କର୍ମପ୍ରକ୍ରିୟା ମୂଳରେ ଥିବା ବ୍ୟବଧାନକୁ ହ୍ରାସ କରିବା ନିମନ୍ତେ ପ୍ରତ୍ୟେକ ସଜାଗ ମୁହୂର୍ତ୍ତରେ ପ୍ରସ୍ତୁତ ରହିବା। ସକାଳ ୫ଟା ବ୍ରହ୍ମମୁହୂର୍ତ୍ତରେ ନିଦ୍ରା ତ୍ୟାଗ କରିବା। ରାତି ୧୧ଟାରେ ଶୟନ କରିବା।

ସମକାଳୀନ ସମାଜଜୀବନରେ ପରିଲକ୍ଷିତ ଜଡତା ଓ ନିଷ୍କ୍ରିୟତାର ଦୂରୀକରଣ କରି ସାମାଜିକ ସଂସ୍କାର ଓ ସୌହାର୍ଦ୍ଦ୍ୟର ଆନ୍ତରିକ ବାତାବରଣ ସୃଷ୍ଟି କରିବା ଦିଗରେ ସବୁମନ୍ତେ ଉଦ୍ୟମ କରିବା। ଆଦର୍ଶ ପାଠାଗାର, ଶିକ୍ଷାଶିବିର, ସାଂସ୍କୃତିକ ତଥା ନାନାବିଧ କ୍ରୀଡ଼ାକେନ୍ଦ୍ର ପ୍ରତିଷ୍ଠା କରି ସ୍ଥାନୀୟ ବାତାବରଣକୁ ପ୍ରାଣବନ୍ତ କରିବା ପାଇଁ ପ୍ରଚେଷ୍ଟା କରିବା। ରୁଗ୍‌ଣ ରାଜନୀତିର ମାୟାଜାଲରେ ଛନ୍ଦିହେଉଥିବା ନିଜ ଭୂମିର ମଣିଷମାନଙ୍କ ସୁଖଦୁଃଖରେ ଭାଗୀଦାର ହୋଇ ସେମାନଙ୍କ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବା ଦିଗରେ ବଜ୍ରବାହୁ ପରି କାର୍ଯ୍ୟ କରିଯିବା। 'ମୁକୁଟ ଠାରୁ ମୁଣ୍ଡ ମୁଲ୍ୟବାନ୍'। ପଦପଦବୀ, ମୁକୁଟ ପଛରେ ନଗୋଡାଇ ବିଶ୍ୱ ପରିବର୍ତ୍ତନ ମହାସଂଗ୍ରାମରେ ମୁଣ୍ଡ ଖଟାଇବା। ପଛରେ ଅନ୍ଧାର, ଆଗରେ ଆଲୋକ - ଆଗେଇଚାଲ ଚିର ନିର୍ଭୀକ। କଷ୍ଟ କିମ୍ବା ମୃତ୍ୟୁକୁ ଭୟ କରିବା ନାହିଁ। ଆମେ ହେବା ଜଗତ୍‌ଜିତା।

# କାଲେଲକର କମିଶନ: ଏକ ଦୃଷ୍ଟିପାତ

ଅଧ୍ୟାପକ ଗୋପବନ୍ଧୁ

ଦେଶରେ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) କଥା ବିଭିନ୍ନ କ୍ଷେତ୍ରରେ ଯେତେବେଳେ ଚର୍ଚ୍ଚାକୁ ଆସେ ସେ ସମୟରେ ମଣ୍ଡଳ କମିଶନ କଥା ମଧ୍ୟ ଚର୍ଚ୍ଚାକୁ ଆସେ। ଏହା ପୂର୍ବରୁ ସ୍ୱାଧୀନତା ପ୍ରାପ୍ତିର ଅଳ୍ପଦିନ ପରେ ଏମାନଙ୍କ ପାଇଁ ଯେ ଅନ୍ୟ ଏକ କମିଶନ ବସିଥିଲା ସେ ବିଷୟରେ ଖୁବ୍ କମ୍ ଚର୍ଚ୍ଚା ହୁଏ। ଏହି କମିଶନ କାକା କାଲେଲକରଙ୍କ ଅଧ୍ୟକ୍ଷତାରେ ବସିଥିଲା। ତାଙ୍କରି ନାମ ଅନୁସାରେ ଏହା କାଲେଲକର କମିଶନ ଭାବେ ପରିଚିତ। ଏହି କମିଶନ ୨୯ ଜାନୁଆରୀ ୧୯୫୩ ମସିହାରେ ଗଠିତ ହୋଇଥିଲା ଓ ଏହା ୩୦ ମାର୍ଚ୍ଚ ୧୯୫୫ ମସିହାରେ ନିଜର ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିଥିଲା। କାକା କାଲେଲକର ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ, ସମାଜ ସଂସ୍କାରକ, ସାମ୍ବାଦିକ ଓ ଦାର୍ଶନିକ। ଓବିସିମାନଙ୍କ ବିକାଶ ପାଇଁ ସେ ଯେଉଁ ସୁପାରୀଶମାନ କରିଥିଲେ ସେଗୁଡିକ ଆଜିବି ଅନୁଧ୍ୟାନର ବିଷୟ। ସେ ସମୟର କେନ୍ଦ୍ର ସରକାର ଏହାକୁ କାର୍ଯ୍ୟକାରୀ ନକରି ଫାଇଲ ତଳେ ରଖିଦେଇ ଥିଲେ।

କମିଶନ ସମଗ୍ର ଦେଶର ଅନଗ୍ରସର ଜାତି ସମୂହକୁ (ଏସଟି ଓ ଏସସିଙ୍କୁ ଛାଡି) ସେମାନଙ୍କ ସାମାଜିକ, ଆର୍ଥିକ ଓ ଶିକ୍ଷାଗତ ଅବସ୍ଥାର ଅନୁଧ୍ୟାନ ପୂର୍ବକ ଓବିସି ମାନଙ୍କ ଏକ ଜାତି ତାଲିକା ପ୍ରସ୍ତୁତ କରିଥିଲେ। କମିଶନ ମୋଟ ୨୩୯୯ ଜାତିକୁ ଓବିସି ଭାବେ ଚିହ୍ନିତ କରିଥିଲେ। ଏଗୁଡିକ ମଧ୍ୟରୁ ୮୩୭ ଟି ଜାତିକୁ ଅତ୍ୟନ୍ତ ପଛୁଆ ବର୍ଗ ଭାବେ ଚିହ୍ନଟ କରିଥିଲେ। ଏହି କମିଶନଙ୍କ ରିପୋର୍ଟର ଉଲ୍ଲେଖନୀୟ ବିଷୟ ଥିଲା ଯେ ଏହା ସମଗ୍ର ନାରୀ ସମାଜକୁ ଓବିସିର ଅନ୍ତର୍ଭୁକ୍ତ କରିଥିଲା। କମିଶନ ସମାଜରେ ଥିବା ଉଭୟ ଜାତିଗତ ଓ ଲିଙ୍ଗଗତ ବୈଷ୍ୟମତାକୁ ଅନୁଧ୍ୟାନ କରିଥିଲା। ବିଭିନ୍ନ ଜାତିର ସାମାଜିକ ସ୍ଥିତି ଓ ଆର୍ଥିକ ଅବସ୍ଥାକୁ ଗଭୀରଭାବେ ବିଶ୍ଳେଷଣ କରିଥିଲା।

ସମସ୍ତ ଜାତିରେ ନାରୀମାନେ ପୁରୁଷ ତୁଲ୍ୟ ସମାନ ମର୍ଯ୍ୟଦା ପାଆନ୍ତି ନାହିଁ। ଏମାନଙ୍କୁ ଶିକ୍ଷା, ସମ୍ପତ୍ତିଗତ ଅଧିକାର, ବୃତ୍ତିଗତ ଅଧିକାରରୁ ବଞ୍ଚିତ କରାଯାଏ। ତେଣୁ କମିଶନ ସମଗ୍ର ନାରୀ ସମାଜର ବିକାଶ କଥା ଚିନ୍ତାକରି ତାଙ୍କୁ ଓବିସି ତାଲିକାରେ ରଖିଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏହା ପୂର୍ବରୁ ଡ. ଆମ୍ବେଦକର ହିନ୍ଦୁ ସମାଜରେ ମହିଳାମାନଙ୍କୁ ସମାନ ଅଧିକାର ପ୍ରଦାନ ପାଇଁ ସୁପ୍ରସିଦ୍ଧ ହିନ୍ଦୁ କୋଡ଼ ବିଲ୍ ପାର୍ଲିଆମେଣ୍ଟରେ ଆଗତ କରିଥିଲେ। ଏହାକୁ ନେଇ ବ୍ୟାପକ ଚର୍ଚ୍ଚା ହୋଇଥିଲା। ଜଣେ ସମାଜ ସଂସ୍କାରକଭାବେ କାକା କାଲେଲକର ଏହାକୁ ସମର୍ଥନ କରୁଥିଲେ। କିନ୍ତୁ ରକ୍ଷଣଶୀଳଙ୍କ ପ୍ରବଳ ବିରୋଧ ଯୋଗୁଁ ହିନ୍ଦୁ କୋଡ଼ ବିଲ୍ ଗୃହୀତ ହୋଇପାରିଲା ନାହିଁ। ଯେଉଁଥି ପାଇଁ ଡ. ଆମ୍ବେଦକର ନେହେରୁଙ୍କ ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେଇଥିଲେ। ଏ ଘଟଣା ପ୍ରବାହ କମିଶନଙ୍କ ରିପୋର୍ଟକୁ ପ୍ରଭାବିତ କରିଥିଲା। କମିଶନ ନାରୀମାନଙ୍କ ବିକାଶ କଥା ଚିନ୍ତା କରିଥିଲା ଓ ତାଙ୍କୁ ଓବିସିର ଅନ୍ତର୍ଗତ କରିଥିଲା। ନାରୀ ସମାଜକୁ ଏକକ ଅନଗ୍ରସର ଜାତିଭାବେ ଗ୍ରହଣ କରିଥିଲେ।

ହିନ୍ଦୁ ସମାଜରେ ଯେଉଁମାନେ ଅସ୍ପୃଶ୍ୟ ହୋଇନଥିଲେ ବି ସାମାଜିକ ସୋପାନରେ ତଳ ସ୍ତରର ବୋଲି ବିବେଚନା କରାଯାଏ ଏହାକୁ ଆଧାରକରି ତାଙ୍କର ଆର୍ଥିକ ଓ ଶିକ୍ଷାଗତ ଅବସ୍ଥାର ବିଚାର ପୂର୍ବକ ଓବିସି ତାଲିକା କମିଶନ ପ୍ରସ୍ତୁତ କରିଥିଲା। ଅଗ୍ରସର ଜାତିସମୂହ ତୁଲ୍ୟ ଏମାନଙ୍କୁ ସମାନ ମର୍ଯ୍ୟଦା ଓ ସମ୍ମାନ ମିଳେ ନାହିଁ। ଏମାନେ ମଧ୍ୟ ଭେଦଭାବର ଶୀକାର ହୁଅନ୍ତି। ଏମାନେ ପ୍ରାୟ ସମସ୍ତେ କୌଳିକ ବୃତ୍ତି ଉପରେ ନିର୍ଭରଶୀଳ ହୋଇଥାନ୍ତି। ଶାରୀରିକ ଶ୍ରମ ଏମାନଙ୍କ ସମ୍ପଦ। ଏହି ଜାତିମାନଙ୍କ ଭିତରେ ଯେଉଁମାନେ ସାମାନ୍ୟ ସ୍ୱଚ୍ଛଳ ଥାଆନ୍ତି ସେମାନେ ସାମାଜିକ ଭାବେ ଉଚ୍ଚ ବୋଲି ପରିଗଣିତ ହୁଅନ୍ତି ନାହିଁ। ଜାତି ଯୋଗୁଁ ତାଙ୍କୁ ମଧ୍ୟ ତିରସ୍କାର ସହିବାକୁ ପଡେ। ତେଣୁ କମିଶନ ଜାତି ଆଧାରରେ ଓବିସି ମାନଙ୍କ ବିକାଶ ପାଇଁ ସୁପାରୀଶ କରିଥିଲେ। ଉଦ୍ଦେଶ୍ୟ ଥିଲା ଓବିସି ଜାତିମାନଙ୍କ ବିକାଶ ସମତାଭିତ୍ତିକ ସମାଜ ଗଠନରେ ସହାୟକ ହେବ। ଏମାନେବି ଅଗ୍ରସର ଜାତିମାନଙ୍କ ସମକକ୍ଷ ହେବେ। ଫଳରେ ଜାତିଗତ ବୈଷମ୍ୟ ଦୂର ହେବ।

କାଲେଲକର କମିଶନ ଯେଉଁ ସମସ୍ତ ସୁପାରିଶ କରିଥିଲା ସେଗୁଡିକ ନିମ୍ନମତେ ଉଲ୍ଲେଖଯୋଗ୍ୟ। କମିଶନ ସୁପାରୀଶ କରିଥିଲେ ପରବର୍ତ୍ତୀ ଜନଗଣନା ଅର୍ଥାତ୍ ୧୯୬୧ ମସିହା ଜନଗଣନା ଜାତିଭିତ୍ତିକ କରାଯାଇ ପ୍ରତ୍ୟେକ ଜାତିର ସ୍ଥିତି ଜାଣିବା ସହିତ ଓବିସିଙ୍କ ପ୍ରକୃତ ସଂଖ୍ୟାର ଆକଳନ କରିବା। ପ୍ରତ୍ୟେକ ବୈଷୟିକ ଓ କାରିଗରୀ ଶିକ୍ଷାନୁଷ୍ଠାନ ମାନଙ୍କରେ ଓବିସି ଛାତ୍ରଛାତ୍ରୀମାନଙ୍କ ପାଇଁ ଶତକଡା ୭୦ ଭାଗ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା କରିବା। ଚାକିରୀ କ୍ଷେତ୍ରରେ ବିଭିନ୍ନ ହାରରେ ସଂରକ୍ଷଣ ଦେବାକୁ କମିଶନ ସୁପାରୀଶ କରିଥିଲା। ପ୍ରଥମ ଶ୍ରେଣୀ ଚାକିରୀ ପାଇଁ ୨୫%, ଦ୍ୱିତୀୟ ଶ୍ରେଣୀ ଚାକିରୀ ପାଇଁ ୩୩.୫% ଏବଂ ତୃତୀୟ ଓ ଚତୁର୍ଥ ଶ୍ରେଣୀ ଚାକିରୀ ପାଇଁ ୪୦% ସଂରକ୍ଷଣ ଦେବାକୁ ସୁପାରୀଶ କରିଥିଲା। ଏହା ସହିତ ଏମାନଙ୍କ ବିକାଶ ପାଇଁ ଅନେକ ଗୁଡିଏ ଯୋଜନା କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲା। ଏପରି ଏକ ସୁନ୍ଦର ରିପୋର୍ଟକୁ ଗ୍ରହଣ କରାଗଲା ନାହିଁ।

ସେ ସମୟରେ ଯଦି କାଲେଲକର କମିଶନଙ୍କ ରିପୋର୍ଟକୁ କାର୍ଯ୍ୟକାରୀ କରାଯାଇଥାନ୍ତା ତେବେ ଆଜି ଭାରତବର୍ଷରେ ସାମାଜିକ ଚିତ୍ରପଟ୍ଟ ଭିନ୍ନ ହୋଇଥାନ୍ତା। ଅନେକଟା ସମାନତା ଆସିଥାନ୍ତା। ଏତେ ଜାତିଗତ ବିଷମତା ନଥାନ୍ତା। ଓବିସି ମାନଙ୍କୁ ଏତେ ସଂଗଠନ ତିଆରି କରିବାକୁ ପଡ଼ନ୍ତା ନାହିଁ ଦାବୀ ହାସଲ ପାଇଁ। ବହୁପରେ ମଣ୍ଡଳ କମିଶନ ନାମରେ ଅନ୍ୟ ଯେଉଁ କମିଶନ ଗଠନ କରାଯାଇଥିଲା ତାହାର ମଧ୍ୟ ଆବଶ୍ୟକତା ପଡ଼ନ୍ତା ନାହିଁ। ଏହି କମିଶନର କାର୍ଯ୍ୟକାରିତାକୁ ନେଇ ଏତେ ପୋଡ଼ାଜଳା ହୁଅନ୍ତା ନାହିଁ।

ସେ ସମୟର ନେତୃ ମଣ୍ଡଳୀ ହୁଏତ ଚିନ୍ତା କରିଥିଲେ ଯେ ଏହି ରିପୋର୍ଟକୁ କାର୍ଯ୍ୟକାରୀ କଲେ ଜାତିବାଦ ଆହୁରି ବଢ଼ିବ। ଏହା ଭୁଲ ସିଦ୍ଧାନ୍ତ ଥିଲା। ଏ ରିପୋର୍ଟ କାର୍ଯ୍ୟକାରୀ ହେଲା ନାହିଁ ତଥାପି ଜାତିବାଦ କମିଲା ନାହିଁ। ତେଣୁ କମିଶନ ଯାହା ଚିନ୍ତା କରିଥିଲେ ତାହା ଠିକ୍ ଥିଲା ଯେ ଅନଗ୍ରସର ଜାତି ସମୂହର ଆର୍ଥିକ, ଶିକ୍ଷାଗତ, ସାମାଜିକ ଓ ରାଜନୈତିକ ଚେତନାର ବିକାଶ ଜାତିବାଦକୁ ହଟାଇବାରେ ସହାୟକ ହେବ। କାରଣ ଜାତିକୁ ନେଇ ସୁବିଧା ସୁଯୋଗ ଉପଭୋଗ କରୁଥିବା ସୁବିଧାବାଦୀ ଗୋଷ୍ଠୀ ସହଜରେ ଜାତିକୁ ହଟାଇବାକୁ ଦେବେ ନାହିଁ। ଏହାକୁ ଧର୍ମ ଓ ସଂସ୍କୃତିର ଲେପଦେଇ ବଞ୍ଚାଇ ରଖିବାକୁ ଚାହିଁବେ। ତେଣୁ ଆଜିର ଦିନରେବି କାକା କାଲେଲକର କମିଶନଙ୍କ ସୁପାରୀଶ ବିଷୟରେ ଅବଗତ ହେବା ଜରୁରୀ।

# ମୋବାଇଲ ଗେମିଂ କମ୍ପାନୀରେ ନିଯୁକ୍ତ ହେଲେ ରୋବୋ ସିଇଓ

ବିଶ୍ୱରେ ୪ର୍ଥ ଔଦ୍ୟୋଗିକ କ୍ରାନ୍ତି ଜୋରଦାର ହେଉଥିବାବେଳେ ଟେକ୍ନୋଲୋଜି ଜଗତ ଏକ ବଡ଼ ଲମ୍ଫ ଦେଇଛି । ଚୀନ୍‌ର ଏକ ମୋବାଇଲ ଗେମ୍ କମ୍ପାନି ଏକ ରୋବୋକୁ ସିଇଓ ପଦରେ ନିଯୁକ୍ତ କରିଛି। କଥାଟା ବିଜ୍ଞାନ-କାଳ୍ପନିକ ଉପନ୍ୟାସର କାହାଣୀ ଭଳି ଲାଗୁଥିଲେ ମଧ୍ୟ ଏହା ସତ। କମ୍ପାନିର ନାମ ନେଟ୍‌ଡ୍ରାଗନ୍ ୱେବ୍‌ସଫ୍ଟ। ନେଟ୍‌ଡ୍ରାଗନ୍ ନିଯୁକ୍ତ କରିଥିବା କୃତ୍ରିମ ବୁଦ୍ଧିମତାସମ୍ପନ୍ନ ଏହି ମାନବ ରୋବୋର ନାମ ତାଙ୍ଗ ୟୁ। ଏହାକୁ ଜଣେ ମହିଳା ମାନବ ରୋବୋର ପରିଚୟ ପ୍ରଦାନ କରାଯାଇଛି। ଚୀନ୍‌ର ଅନ୍ୟତମ ପ୍ରସିଦ୍ଧ ଓ ଜଣାଶୁଣା ଅନ୍‌ଲାଇନ୍ ଗେମ୍ ଡେଭ୍‌ଲପର ହେଉଛି ନେଟ୍‌ଡ୍ରାଗନ୍ ୱେବ୍‌ସଫ୍ଟ। ମଲ୍ଟିପ୍ଲେୟର ଅନ୍‌ଲାଇନ୍ ଗେମ୍ ଏବଂ ମୋବାଇଲ ଆପ୍ ପ୍ରସ୍ତୁତି ଓ ପରିଚାଳନା ପାଇଁ ଏହା ପରିଚିତ। କମ୍ପାନିର ମୁଖ୍ୟ ଡିଭିଜନ୍ ଫୁଜିଆନ୍ ନେଟ୍‌ଡ୍ରାଗନ୍ ୱେବସଫ୍ଟରେ ସିଇଓ ଭାବେ ତାଙ୍କୁ ନିଯୁକ୍ତ ନିଯୁକ୍ତି ମିଳିଛି। କମ୍ପାନିର ଦୈନନ୍ଦିନ କାର୍ଯ୍ୟରେ ନିଷ୍ପତ୍ତି ନେବାରେ ଏହା ସାହାଯ୍ୟ କରିବ ଏବଂ ଅଧିକ ପ୍ରଭାବଶାଳୀ ରିସ୍କ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ୍ ପ୍ରଦାନ କରିବ। ମ୍ୟାନେଜିଙ୍ଗ ବୋର୍ଡ ପାଇଁ ରିୟଲ୍-ଟାଇମ୍ ଡାଟା ସେଣ୍ଟର ଓ ଆନାଲିଟିକ୍ସ ଟୁଲ୍ ଭାବେ ମଧ୍ୟ ଏହାକୁ ପ୍ରୟୋଗ କରାଯାଇପାରିବ। କର୍ମଚାରୀଙ୍କ ପାଇଁ ଉତ୍ତମ କର୍ମ ପରିବେଶ ପ୍ରଦାନ କରିବା ମଧ୍ୟ ତାଙ୍ଗ ୟୁର କର୍ତ୍ତବ୍ୟ ।



କୃତ୍ରିମ ବୁଦ୍ଧିମତା ବିନା ଆଜିର ଟେକ୍ନୋଲୋଜି ବିଷୟରେ ଚିନ୍ତା କରିବା ସମ୍ଭବ ନୁହେଁ। ତେଣୁ ନେଟ୍‌ଡ୍ରାଗନ୍ ୱେବ୍‌ସଫ୍ଟ କମ୍ପାନିର ପ୍ରତିଷ୍ଠାତା ଡ. ଡିଜିଆନ୍ ଲିଉ ନିଜ କମ୍ପାନିରେ ଏହାର ଗୁରୁତ୍ୱକୁ ପ୍ରାଧାନ୍ୟ ଦେଇଛନ୍ତି। ସେ କହିଛନ୍ତି 'ଆମର ବିଶ୍ୱାସ ଯେ କର୍ପୋରେଟ୍ ମ୍ୟାନେଜ୍‌ମେଣ୍ଟର ଭବିଷ୍ୟତ ହେଉଛି କୃତ୍ରିମ ବୁଦ୍ଧିମତା । ମାନବ ରୋବୋ ତାଙ୍ଗ ୟୁକୁ ସିଇଓ ରୂପେ ନିଯୁକ୍ତି ମିଳିବା ବ୍ୟବସାୟ ପରିଚାଳନାର ମାର୍ଗ ପରିବର୍ତ୍ତନରେ କୃତ୍ରିମ ବୁଦ୍ଧିମତାର ବ୍ୟବହାରକୁ ପ୍ରୋତ୍ସାହିତ କରିବା ଏବଂ ଭବିଷ୍ୟତରେ ରଣନୀତିକ ଅଭିବୃଦ୍ଧିକୁ ଆଗକୁ ନେବା। ଧୀରେ ଧୀରେ ଆମେ ମେଟାଭର୍ସ ଆଧାରିତ କାର୍ଯ୍ୟ ସମୁଦାୟରେ ରୂପାନ୍ତରିତ ହେଉଥିବାବେଳେ ତାଙ୍ଗ ୟୁ ରୋବୋକୁ ଏକ ଉନ୍ମୁକ୍ତ, ପାରସ୍ପରିକ ଓ ଅତ୍ୟନ୍ତ ସ୍ୱଚ୍ଛ ପ୍ରବନ୍ଧନ ମଡେଲ ରୂପେ ନିର୍ମାଣ କରିବାକୁ କମ୍ପାନି ପ୍ରୟାସ ଜାରି ରଖିଛି। ଏହା ଆମକୁ ବିଶ୍ୱସ୍ତରରେ ଅଧିକ ବ୍ୟାପକ ପ୍ରତିଭାଙ୍କୁ ଆକର୍ଷିତ କରିବାରେ ସମର୍ଥ କରିବ ଏବଂ ବୃହତ ଲକ୍ଷ୍ୟ ହାସଲ କରିବାର ସ୍ଥିତିକୁ ଆମକୁ ନେଇଯିବ ବୋଲି ଲିଉ କହିଛନ୍ତି। ୧୯୯୯ ମସିହାରେ ଅନ୍‌ଲାଇନ୍ ଗେମ୍ ଡେଭ୍‌ଲପର କମ୍ପାନି ନେଟ୍‌ଡ୍ରାଗନ୍‌ର ସ୍ଥାପନା ହୋଇଥିଲା। ଇଉଡେମନ୍ସ ଅନ୍‌ଲାଇନ୍, ହିରୋଜ୍ ଇଭଲ୍‌ଭଡ୍, କନ୍‌କର ଅନ୍‌ଲାଇନ୍ ଓ ଅଣ୍ଡର ଓଥ୍ ଭଳି ଅନେକ ଲୋକପ୍ରିୟ ଗେମ୍ ଏହା ପ୍ରସ୍ତୁତ କରିଛି। ଅନ୍ତର୍ଜାତୀୟ ସ୍ତରରେ ସର୍ବଶ୍ରେଷ୍ଠ ଶିକ୍ଷଣ ସମୁଦାୟ ସୃଷ୍ଟି ଲାଗି ୨୦୧୨ ମସିହାରେ ନେଟ୍‌ଡ୍ରାଗନ୍ ୱେବ୍‌ସଫ୍ଟ ଶିକ୍ଷା କ୍ଷେତ୍ରରେ କାମ ଆରମ୍ଭ କରିଛି।

# ପ୍ରକୃତ ପ୍ରେମ ପାଇବାରୁ ବଞ୍ଚିତ: ମହିମା



ବଲିଉଡ୍ ଅଭିନେତ୍ରୀ ମହିମା ଚୌଧୁରୀ ତାଙ୍କର ୪୯ତମ ଜନ୍ମଦିନ ପାଳନ କରୁଛନ୍ତି। ଫିଲ୍ମ 'ପରଦେଶ୍' ସହିତ ଡେବ୍ୟୁ କରିଥିବା ମହିମା ତାଙ୍କ ସମୟରେ ବହୁ ଖ୍ୟାତି ଅର୍ଜନ କରିଥିଲେ। ଯଦିଓ ନାମ ଏବଂ ଖ୍ୟାତି ପ୍ରକ୍ରିୟା ତାଙ୍କ କ୍ୟାରିୟରରେ ଅଧିକ ଦିନ ରହିନଥିଲା। କିନ୍ତୁ ମହିମା ଚୌଧୁରୀ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଅନେକ ସମୟରେ ହେଡଲାଇନ ରହି ଆସିଛନ୍ତି। କୁହାଯାଏ ଯେ ଏକଦା ଟେନିସ୍ ଖେଳାଳି ଲିଆଣ୍ଡର୍ ପେସ୍‌ଙ୍କ ସହ ମହିମାଙ୍କ ଆଫେୟାର ନେଇ ଚର୍ଚ୍ଚା ହେଉଥିଲା। ରିୟା ପିଲ୍ଲାଇଙ୍କ କାରଣରୁ ଉଭୟଙ୍କ ସମ୍ପର୍କ ଭାଙ୍ଗି ଯାଇଥିଲା। ରିୟାଙ୍କ ସହ ଲିଆଣ୍ଡରଙ୍କ ଘନିଷ୍ଠତା ବଢ଼ିଯାଇଥିଲା ଯେ, ଯେଉଁଥିପାଇଁ ମହିମା ତାଙ୍କ ସହ ସମ୍ପର୍କକୁ ଦ ଏଣ୍ଡ କରିଥିଲେ । ୨୦୦୬ରେ, ସେ ବ୍ୟବସାୟୀ ବବି ମୁଖାର୍ଜୀଙ୍କୁ ବିବାହ କରିଥିଲେ। ହେଲେ ବେଶି ଦିନ ତିଷ୍ଠିପାରିନଥିଲା ଏମାନଙ୍କ ସମ୍ପର୍କ । ଖୁବ କମ୍ ଦିନରେ ଅଲଗା ହୋଇଥିଲା ଦମ୍ପତି । ୨୦୨୧ ମସିହାରେ ମହିମା ଚୌଧୁରୀ ତାଙ୍କ ଜୀବନ ବିଷୟରେ କହିଥିଲେ। ତାଙ୍କ ସହ ଯାହା ଘଟିଥିଲା, ତାହା ତାଙ୍କ କ୍ୟାରିୟରକୁ ପ୍ରଭାବିତ କରିଥିବା ସେ କହିଥିଲେ। ଏହା ସହିତ ସେ ତାଙ୍କର ବିବାହ ଏବଂ ଦୁଇଟି ଗର୍ଭପାତ ବିଷୟରେ ମଧ୍ୟ କହିଥିଲେ। ମହିମା କହିଥିଲେ ଯେ ସେ ଖୁସିରେ ନାହାଁନ୍ତି। ୨୦୦୬ରେ, ମହିମା ବବି ମୁଖାର୍ଜୀଙ୍କୁ ବିବାହ କରିଥିଲେ। ୨୦୦୭ରେ, ଉଭୟଙ୍କର ଝିଅ ଆରିନା ମୁଖାର୍ଜୀ ଜନ୍ମ ହୋଇଥିଲେ। ପରେ ୨୦୧୩ରେ ଏହି ଦମ୍ପତି ଛାଡପତ୍ର ଘୋଷଣା କରିଥିଲେ। ମହିମା ଚୌଧୁରୀ କହିଥିଲେ ଏସବୁ ପାଇଁ ମୁଁ ବହୁତ ସମସ୍ୟାର ସମ୍ମୁଖୀନ ହୋଇଛି। ଜଣେ ସିଙ୍ଗଲ ମଦର ହେବା ବହୁତ କଷ୍ଟକର। ଏହା ମୋ କ୍ୟାରିୟର ଉପରେ ବି ବେଶ୍ ପ୍ରଭାବ ପକାଇଥିଲା। ଯେବେ ମୁଁ କୌଣସି ଇଭେଣ୍ଟରେ ଅଂଶଗ୍ରହଣ କରିବାକୁ ଯାଏ ବା କିଛି କାମଥାଏ ତେବେ ମୋ ଝିଅକୁ ମାଆ ନିକଟରେ ଛାଡି ଯାଏ। ବହୁତ ସଂଘର୍ଷ ଭିତରେ ମୋ ଜୀବନ କଟୁଛି। ତେବେ ଏସବୁରେ ତାଙ୍କ ମାଙ୍କର ଥିବା ବଳିଷ୍ଠ ଅବଦାନ ରହିଛି। ଏତିକିରେ ସରିନଥିଲା ତାଙ୍କ ଦୁଃଖ। ୨୦୨୨ରେ ସେ କ୍ୟାନସରରେ ପୀଡିତ ହେଲେ। ତେବେ ଉତ୍ତମ ଚିକିତ୍ସା ବଳରେ ସେ ଏବେ କ୍ୟାନସରକୁ ମାତ୍ ଦେଇ ସୁସ୍ଥ

# ଦୁବାଇରେ ନିର୍ମାଣ ହେବ ଜହ୍ନ ଭଳି ହୋଟେଲ



ଉପସାଗରୀୟ ଦେଶରେ ଏକ ଏପରି ସହର ଅଛି ଜିଏ ନିଜର ନୂଆନୂଆ କର୍ତ୍ତୃତ୍ୱରେ ଦୁନିଆକୁ ଆଶ୍ଚର୍ଯ୍ୟ ଚକିତ କରିଆସୁଛି। ଏଠାରେ ଆମେ ଦୁବାଇ ସହରର କଥା କହୁଛୁ। ଯିଏ ନିଜର ସ୍ଥାପତ୍ୟ ଓ ଭବ୍ୟ ନିର୍ମାଣ ଲାଗି ସାରା ବିଶ୍ୱରେ ପ୍ରସିଦ୍ଧ। ଏଠାରେ ଥିବା ବୁର୍ଜ ଅଲ-ଖଲିଫା ସମ୍ପର୍କରେ ଦୁନିଆରେ ଏପରି କେହି ନଥିବେ ଜିଏ ଜାଣିନଥିବ। ମରୁଭୂମିରେ ଛିଡା ହୋଇଥିବା ଏହା ବିଶ୍ୱର ସବୁଠୁ ଉଚ୍ଚତମ ଅଟ୍ଟାଳିକା। ଭୁର୍ଜ ଖଲିଫାର ଉଚ୍ଚତା ଦେଖି ଲୋକେ ଏବେବି ତାଜ୍ଜୁବ ହୋଇ ଯାଉଛନ୍ତି। ଏବେ ସେହି ଦୁବାଇ ପୁଣି ବିଶ୍ୱକୁ ଚମତ୍କୃତ କରିବାକୁ ଯାଉଛି। କାରଣ ନିଜ ମାଟିକୁ ସେ ଜହ୍ନ ଓହ୍ଲାଇ ଆଣିବାକୁ ଯାଉଛି। ଉଲ୍ଲେଖଯୋଗ୍ୟ ଯେ ଦୁବାଇ ଏବେ ନିଜର ଜହ୍ନ ନିର୍ମାଣ କରିବାକୁ ଯାଉଛି। ଯାହା ଚନ୍ଦ୍ରମା ଆକାରର ଏକ ରିସୋର୍ଟ ହେବ। ଜହ୍ନ ଭଳି ରିସୋର୍ଟର ଡିଜାଇନ କାନାଡା କମ୍ପାନୀ ମୁନ୍ ୱାର୍ଲଡ ରିଜୋର୍ଟ ଇଂକ କରୁଛନ୍ତି। ଏହି ଜହ୍ନର ଆକାର ୭୩୫ ଫୁଟର ହେବ। ତେବେ ଏଠାରେ ଦେଖିବାର କଥା ହେଲା ଏହି ଜହ୍ନ ନିର୍ମାଣ କରିବାକୁ ୫ ବିଲିୟନ ଡଲାର ଅର୍ଥାତ ଭାରତୀୟ ମୁଦ୍ରାରେ ୪୦ ହଜାର କୋଟି ଟଙ୍କା ବ୍ୟୟ ହେବ। ଏହାଛଡା ଏହି ବିଶାଳ ଜହ୍ନ ତିଆରି ପାଇଁ ୪୮ ମାସ ସମୟ ଲାଗିବ। ଅର୍ଥାତ ଏହା ଲୋକଙ୍କ ଲାଗି ୪ ବର୍ଷରେ ତିଆରି ହୋଇଯିବ। ଦୁବାଇରେ ପୂର୍ବରୁ ଅନେକ ବିଳାଶମୟ ଟୁରିଷ୍ଟ ପ୍ଲେସ୍ ରହିଛି। ଯେଉଁଥିରେ ଦୁବାଇ ମଲ ଓ ଆଟଲାଣ୍ଟିସ୍ ପାମ ଜୁମାରେହ ମଧ୍ୟ ଅଛି। ଏହି ଲଗଜରୀ ହୋଟେଲ ଓ ମଲ ସୂଚୀରେ ଏବେ ଜହ୍ନ ବି ଯୋଡି ହୋଇଯିବ। ଏହି ଜହ୍ନ ତିଆରି ହୋଇଗଲେ ଏଠାକୁ ବାର୍ଷିକ ୨୫ ଲକ୍ଷ ଲୋକେ ବୁଲିବାକୁ ଆସିବେ ବୋଲି ଏକ ଆକଳନ କରାଯାଇଛି। ଦୁବାଇରେ ଜହ୍ନ ଥିମର ଏହି ହୋଟେଲ ସହରର ଅର୍ଥ ବ୍ୟବସ୍ଥାକୁ ନୂଆ ଜୀବନ ଦେବ ବୋଲି ମୁନ୍‌ୱାର୍ଲଡ ରିସର୍ଟ ଇଂକର ସହ ସଂସ୍ଥାପକ ମାଇକେଲ ଆର.ହେଣ୍ଡରସନ କହିଛନ୍ତି। ଏଥିରେ ହସ୍ପିଟାଲିଟି, ଏଣ୍ଟରଟେରନମେଣ୍ଟ, ଏଜୁକେସନ, ଟେକ୍ନୋଲଜି ଓ ସ୍ପେସ୍ ଟୁରିଜିମ ଭଳି କ୍ଷେତ୍ରକୁ ଅଭିବୃଦ୍ଧି ମିଳିବ ବୋଲି ସେ କହିଛନ୍ତି।

# ଟାଟୁ ପାଇଁ ହୋଇପାରେ ସ୍କିନ୍ କ୍ୟାନ୍‌ସର



ବର୍ତ୍ତମାନ ଯୁବପିଢ଼ିଙ୍କ ଫ୍ୟାଶନ୍‌ରେ ଟାଟୁ ବେଶ୍ ଆଗରେ ରହିଛି। ତେବେ ଏଥିପାଇଁ ବ୍ୟବହୃତ ରଙ୍ଗ ଶରୀର ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇପାରେ ବୋଲି ୱାଶିଂଟନ୍ ୟୁନିଭର୍ସିଟିର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଏଥିପାଇଁ ବ୍ୟବହାର କରାଯାଉଥିବା କେତେକ ରଙ୍ଗରେ ଏପରି ରାସାୟନିକ ତତ୍ତ୍ୱ ରହିଛି, ଯାହା ସ୍ୱାସ୍ଥ୍ୟଜନିତ ସମସ୍ୟା ସୃଷ୍ଟି କରିପାରେ। ଏପରି କି ଏହାଦ୍ୱାରା ସ୍କିନ୍ କ୍ୟାନ୍‌ସର ହେବାର ଆଶଙ୍କା ରହିଛି ବୋଲି ଗବେଷଣାରୁ ଜଣାପଡ଼ିଛି। କେବଳ ସେତିକି ନୁହେଁ, ଏହି ରଙ୍ଗ ହେପାଟାଇଟିସ୍ ବି ରୋଗର କାରଣ ସାଜିପାରେ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।



# ଗ୍ରୀନ୍‌ଲ୍ୟାଣ୍ଡରେ ଦେଖାଯାଆନ୍ତି ନାହିଁ ପିମ୍ପୁଡ଼ି

ପୃଥିବୀର ଏମିତି କିଛି ସ୍ଥାନ ଅଛି ଯେଉଁଠି ପିମ୍ପୁଡ଼ି ଦେଖିବାକୁ ମିଳେନାହିଁ। ପରିସଂଖ୍ୟାନ ଅନୁସାରେ ପୃଥିବୀରେ ୧୨ ହଜାରରୁ ଅଧିକ ପ୍ରଜାତିର ପିମ୍ପୁଡ଼ି ବାସ କରନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ କଳା, ବାଦାମୀ ଓ ନାଲି ରଙ୍ଗର। ବିଶ୍ୱରେ ଦେଖାଯାଉଥିବା ଅନେକ ପିମ୍ପୁଡ଼ି ମଧ୍ୟରୁ କିଛି ବିଷାକ୍ତ ମଧ୍ୟ ଅଛନ୍ତି। ବିଶ୍ୱରେ ଏପରି ଏକ ସ୍ଥାନ ଅଛି ଯେଉଁଠାରେ ଗୋଟିଏ ବି ପିମ୍ପୁଡ଼ି ଦେଖିବାକୁ ମିଳେ ନାହିଁ। ଏହା ହେଉଛି ଗ୍ରୀନ୍‌ଲ୍ୟାଣ୍ଡ। ଏହା ବିଶ୍ୱର ସବୁଠାରୁ ବଡ଼ ଦ୍ୱୀପ। ଏଠାକାର ଜଳବାୟୁ ବହୁତ ଥଣ୍ଡା କାରଣରୁ ଏଠାରେ ପିମ୍ପୁଡ଼ି ବଞ୍ଚିପାରନ୍ତି ନାହିଁ। ବୈଜ୍ଞାନିକମାନଙ୍କ କହିବା ଅନୁଯାୟୀ ଥଣ୍ଡା ପାଣିପାଗ ଏବଂ ଜଳବାୟୁ ପିମ୍ପୁଡ଼ି ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ବରଫାବୃତ ଆଣ୍ଟାର୍କଟିକାରେ ମଧ୍ୟ ଏହି କାରଣରୁ ପିମ୍ପୁଡ଼ି ଦେଖିବାକୁ ମିଳେ ନାହିଁ। ବୈଜ୍ଞାନିକଙ୍କ କହିବାନୁସାରେ, ଏହି ସ୍ଥାନଗୁଡ଼ିକରେ ପିମ୍ପୁଡ଼ି ପାଇଁ କୌଣସି ଖାଦ୍ୟ ଶୃଙ୍ଖଳ ନାହିଁ।



# ଆର୍ଥିକ ଅନଗ୍ରସର ବ୍ୟକ୍ତିର ସର୍ବାଙ୍ଗୀନ ବିକାଶ ପାଇଁ କାର୍ଯ୍ୟକରୁଥିଲେ ପଣ୍ଡିତ ଦୀନଦୟାଲ: ମନମୋହନ ସାମଲ



ଭୁବନେଶ୍ୱର,୧୨/୨ (ନି.ପ୍ର):ସ୍ୱଦେଶୀ ଭାବନା ଓ ଭାରତୀୟ ସଂସ୍କୃତି ଆଧାରିତ ରାଷ୍ଟ୍ରଚିନ୍ତନକୁ ଦୃଢ ଓ ତଥ୍ୟ ପୂର୍ଣ୍ଣ ଅର୍ଥରେ ପରିପ୍ରକାଶ କରି ଏହାର ମହାନତାକୁ ସାବ୍ୟସ୍ତ କରିବା ହେଲା ଏକାତ୍ମ ମାନବବାଦର ମୂଳ ଲକ୍ଷ୍ୟ । ଭାରତୀୟ ଜନସଂଘ ଦଳର ନୀତି ଓ ସିଦ୍ଧାନ୍ତ ଉପସ୍ଥାପନା କରିବାକୁ ଯାଇ ପଣ୍ଡିତ୍ ଦୀନଦୟାଲଜୀ ଏକାତ୍ମ ମାନବବାଦ ଦର୍ଶନ ପ୍ରସ୍ତୁତ କରିଥିଲେ । ୧୯୮୫ ମସିହାରେ ଭାରତୀୟ ଜନତା ପାର୍ଟି ଏହାକୁ ନିଜର ବୈଚାରିକ ସିଦ୍ଧାନ୍ତ ଭାବରେ ଗ୍ରହଣ କରି ପଂଚନିଷ୍ଠାରେ ସ୍ଥାନୀତ କରିଛି । ପରବର୍ତୀ ସମୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀ ଏବଂ ବର୍ତମାନ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଏହି ମହାନ ଦର୍ଶନକୁ ଆଧାର କରି ଦେଶ ତଥା ଦେଶବାସୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରୁଛନ୍ତି । ସମାଜ ଓ ସେବା ପାଇଁ ସମର୍ପିତ ଥିବା ଭାରତୀୟ ଜନସଂଘ ପାର୍ଟିର ସହ ସଂସ୍ଥାପକ ତଥା ଭାରତୀୟ ଜନସଂଘର ପ୍ରଥମ ସଂଗଠନ ସଂପାଦକ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଆଜି ହେଉଛି ୫୭ତମ ପୂଣ୍ୟତିଥି । ଆଜିର ଦିନକୁ ଭାରତୀୟ ଜନତା ପାର୍ଟୀ ତରଫରୁ ସମଗ୍ର ଦେଶରେ ସମର୍ପଣ ଦିବସ ଭାବେ ପାଳନ କରାଯାଉଛି ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସମର୍ପଣ ଦିବସ ଅବସରରେ ଶ୍ରୀ ସାମଲ କହିଛନ୍ତି ଯେ, "ଅନ୍ତ୍ୟୋଦୟ ଦର୍ଶନ"ର ପରିକଳ୍ପନା ଓ ପ୍ରଣୟନ ପଣ୍ଡିତ ଦୀନଦୟାଲଜୀଙ୍କର ଏକ ଅଭୂତପୂର୍ବ ସଫଳତା । ସମାଜର ଅର୍ଥନୈତିକ ଶିଡିର ସବୁଠାରୁ ତଳ ସୋପାନରେ ଥିବା ଅନଗ୍ରସର ବ୍ୟକ୍ତିର ସର୍ବାଙ୍ଗୀନ ବିକାଶ ପାଇଁ ପଣ୍ଡିତ ଦୀନଦୟାଲ କାର୍ଯ୍ୟ କରୁଥିଲେ । ବର୍ତମାନ ଆମ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ମଧ ଦୀନଦୟାଲଜୀଙ୍କ ଅନ୍ତ୍ୟୋଦୟ ପରିକଳ୍ପନାକୁ ଆଧାର କରି ବହୁ ସଫଳତା ପାଇଛନ୍ତି । ବିଶେଷ ଭାବେ ଦେଶରେ ବସବାସ କରୁଥିବା ଗରିବ ଓ ଆର୍ଥିକ ଅନଗ୍ରସରଙ୍କ ପାଇଁ ବହୁ ଗରିବକଲ୍ୟାଣ ମୂଳକ ଯୋଜନାକୁ ସଫଳତାର ସହିତ କାର୍ଯ୍ୟକାରୀ କରିଛନ୍ତି । ଗ୍ରାମାଂଚଳର ବିକାଶକୁ ପ୍ରାଧାନ୍ୟ, ବାସହୀନ ଗରିବଙ୍କୁ ପକ୍କାଘର, ସମସ୍ତଙ୍କୁ ଶସ୍ତା ବିଜୁଳି ଓ ପାନୀୟ ଜଳ ଯୋଗାଣ, ସମସ୍ତଙ୍କ ଘରେ ପାଇଖାନା ଓ ରୋସେଇ ଗ୍ୟାସ ଯୋଗାଣ, ଜାତୀୟ ଜୀବିକା ମିଶନରେ ସମସ୍ତଙ୍କୁ କାମ ଓ ରୋଜଗାର, ମହିଳା ସଶକ୍ତିକରଣ ଆଦି ଗରୀବକଲ୍ୟାଣମୂଳକ କାର୍ଯ୍ୟର ସଫଳ ରୂପାୟନ କରିବା ପଛରେ ପଣ୍ଡିତ ଦୀନଦୟାଲଜୀଙ୍କ ଦର୍ଶନ ଶାସ୍ତ୍ର ହିଁ ମୂଳ ଆଧାର । ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଣ୍ଡିତ ଦୀନଦୟାଲଜୀଙ୍କ ଫଟୋଚିତ୍ରରେ ବହୁ ନେତୃବୃନ୍ଦ ଓ କାର୍ଯ୍ୟକର୍ତା ଉପସ୍ଥିତ ରହି ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ଏହି ଅବସରରେ ପଣ୍ଡିତ ଦୀନଦୟାଲଜୀଙ୍କ ପ୍ରମୁଖ କାର୍ଯ୍ୟାବଳୀକୁ ସ୍ମରଣ କରି କର୍ମକର୍ତାମାନେ ନିଜକୁ ସାମାଜ ସେବା ପାଇଁ ସମର୍ପଣ କରିବାକୁ ଶପଥ ନେଇଥିଲେ । ଏହି ଅବସରରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ, ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ ମହାନ୍ତି, ରାଜ୍ୟ ସାଧାରଣ ସଂପାଦକ ଶାରଦା ଶତପଥୀ, ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ରାଜ୍ୟ ସଂପାଦକ ସରୋଜ କର, ବରିଷ୍ଠ ନେତା ଅଶୋକ ମିଶ୍ର, ମହେଶ ମହାନ୍ତି, ସୁରଥ ବିଶ୍ୱାଳ, ରାଜେନ୍ଦ୍ର ପଣ୍ଡା, ସୁଜିତ ଦାସ, ବ୍ରଜକିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି । ଆଜି ରାଜ୍ୟର ସମସ୍ତ ମଣ୍ଡଳସ୍ତରରେ ସମର୍ପଣ ଦିବସ ପାଳନ ହୋଇଛି ।

## ଜାତୀୟ କୃମି ଦିବସ ପାଳିତ



ଚିକିଟୀ୧୨/୨ (ନି.ପ୍ର): ଜାତୀୟ କୃମି ଦିବସ ଅବସରରେ ଧାନଘର ଓଁ ଶ୍ରୀଗୁରୁ ଆଦିବାସୀ ଆବାସିକ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ସୁଦୀପ୍ତ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଚିକିଟୀ ମେଡିକାଲ ଇନ ଚାର୍ଜ ଡାକ୍ତର ମନୋଜ କୁମାର ପାଢ଼ୀଙ୍କର ତତ୍ତ୍ୱାବଧାନ ରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ତହସିଲଦାର ବିଶ୍ୱରଞ୍ଜନ କହଁର, ସମ୍ମାନନୀୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ବସନ୍ତ କୁମାର ପଣ୍ଡା, ଡାକ୍ତର. ପ୍ରଭୁ ପ୍ରସାଦ ପଣ୍ଡା, ଡାକ୍ତର. ପୁରଂଜିତ ପାତ୍ର, ସି. ଡି. ପି. ଓ ଗୀତାଞ୍ଜଳି ପାଣିଗ୍ରାହୀ,ବି ପି ଏମ ରାମଚନ୍ଦ୍ର ସାହୁ, ଏ ବି ଓ ନିଗମାନନ୍ଦ ପଣ୍ଡା ପ୍ରମୁଖ ଯୋଗଦେଇ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଦେହରେ କୃମିର ସୃଷ୍ଟି କିପରି ହୁଏ ଓ ତାହା ଦ୍ୱାରା ଶରୀର କ୍ଷତି ସହିତ ମନ ଓ ପାଠପଢାରେ କିପରି ବ୍ୟାଘାତ ସୃଷ୍ଟି ହୁଏ ସେ ସମ୍ପର୍କରେ ମୁଖ୍ୟ ଅତିଥି ଓ ସମ୍ମାନନୀୟ ଅତିଥିମାନେ ମତବ୍ୟକ୍ତ କରିବା ସହିତ ବିଦ୍ୟାଳୟର ଉପସ୍ଥିତ ନବମ ଓ ଦଶମ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀଙ୍କୁ କୃମିବଟିକା ଖୁଆଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ତହସିଲଦାର ଓ ସମସ୍ତ ଅତିଥିମାନେ। ଉପସ୍ଥିତ ଅତିଥିମାନଙ୍କ ସହିତ ମେଡିକାଲ କର୍ମଚାରୀ ଏଲ. କୁମାର, ସନ୍ତୋଷୀ ପ୍ରଧାନ, ସିଦ୍ଧାର୍ଥ ଶଙ୍କର ମହାରଣା,ସହକାରୀ ଶିକ୍ଷକ ପ୍ରମୋଦ କୁମାର ବୈଦ୍ୟ, ଫକୀର ମୋହନ ବିଷୋୟୀ, ବୈକୁଣ୍ଠ ନାଥ ସାହୁ, ବୈକୁଣ୍ଠ ନାଥ ପାଢ଼ୀ, ସୁଶାନ୍ତ କୁମାର ପଟ୍ଟନାୟକ,ସିମାଞ୍ଚଳ ଗୌଡ଼, କିରାଣୀ ସୁନୀଲ କୁମାର ପଣ୍ଡା, ବୃନ୍ଦାବନ ବିଷୋୟୀ, ମଧୁସୂଦନ ପାଗଡ଼ଜ୍ଞ ସମେତ ସମସ୍ତ କର୍ମଚାରୀ ବଟିକା ସେବନ କରିଥିଲେ।

## ଜିଲ୍ଲା ଯୋଜନାବୋର୍ଡ ବୈଠକ ବାଲିଗୁଡାରେ

ବାଲିଗୁଡା,୧୨/୨-; ଜିଲ୍ଲା ଯୋଜନା ଓ ସମନ୍ୱୟ ବୋର୍ଡ (ଜିଲ୍ଲା ପ୍ଲାନିଙ୍ଗ ଓ ମନିଟୋରିଙ୍ଗ ୟୁନିଟ)ର ବୈଠକ ବାଲିଗୁଡା ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବାଲିଗୁଡା ନିର୍ବାଚନ ମଣ୍ଡଳୀରେ ଗୋଟି ବ୍ଲକ ବାଲିଗୁଡା,ତୁମୁଡିବନ୍ଧ,କୋଟଗଡ ଓ କ.ନୁଆଗାଁ ଆଦି ବ୍ଲକର ଉନ୍ନୟନ କାର୍ଯ୍ୟକୁ ସମିକ୍ଷା କରାଯାଇଛି । ଉକ୍ତ ବୈଠକରେ ବିଧାୟକ ଚକ୍ରମଣୀ କହଁରଙ୍କ , ଜିଲ୍ଲାପରିଷଦ ଅଧକ୍ଷା ନନ୍ଦିନୀ ମଳିକ,ପିଡି ସମ୍ଭୁନାଥ ନନ୍ଦି,ବାଲିଗୁଡା ବ୍ଲକ ଅଧକ୍ଷାମିଶାବତୀ ମଳିକ,ତୁମୁଡିବନ୍ଧ ଅଧକ୍ଷା ବାସନ୍ତି ମାଝି,କୋଟଗଡ ଅଧକ୍ଷା ପିଙ୍କି ପ୍ରଧାନ ,କନୁଆଗାଁ ବ୍ଲକ ଅଧକ୍ଷା ସୁଲୋଚନା ଦଳବେହେରା ପ୍ରମୁଖ ମଂଚାସିନ ଥିଲା ।ଜିଲ୍ଲାର ସବୁ ବିଭାଗର ପଦାଧିକାରୀ ସହ ବାଲିଗୁଡା ବିଡିଓ ଦିପ୍ତି ପ୍ରକାଶ ବେହୋର ସମେତ ନିର୍ବାଚନ ମଣ୍ଡଳିର ସମସ୍ତ ବିଡିଓ ଉପସ୍ଥିତ ଥିଲେ ।

## ନୂତନ ପିସିସି ସଭାପତି ଙ୍କୁ ଶୁଭେଚ୍ଛା ଜଣାଇଲେ କଂଗ୍ରେସ ସାଂସଦ ପ୍ରାର୍ଥୀ

ପାଟଣା ୧୨/୨ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ର ନୂତନ ସଭାପତି ଭାବେ ପୂର୍ବତନ କଳାହାଣ୍ଡି ସାଂସଦ ଭକ୍ତ ଚରଣ ଦାସ ଙ୍କୁ ଜାତୀୟ କଂଗ୍ରେସ ଦଳ ନିଯୁକ୍ତି ପ୍ରଦାନ କରିଥିବା ପରିପ୍ରେକ୍ଷୀରେ କେନ୍ଦୁଝର ସଂସଦୀୟ କ୍ଷେତ୍ର ର ପୂର୍ବତନ ସାଂସଦ ପ୍ରାର୍ଥୀ ଇଂ ବିନୋଦ ବିହାରୀ ନାଏକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।ଭକ୍ତ ଚରଣ ଦାସ ଙ୍କ ନେତୃତ୍ୱ ରେ ଦଳୀୟ ସଂଗଠନ କୁ ମଜବୁତ୍ କରି ଓଡ଼ିଶା ରେ କଂଗ୍ରେସ ଦଳ ଆଗାମୀ ନିର୍ବାଚନ ରେ ସରକାର ଗଢ଼ିବ ବୋଲି ଶ୍ରୀ ନାଏକ ଦୃଢୋକ୍ତି ପ୍ରକାଶ କରିଛନ୍ତି।

## ମୃତ୍ୟୁ ପରେ ଅଙ୍ଗ ଦାନ କରିବେ ବଳଦେବ ଭୋଇ



କର୍ଲାମୁଣ୍ଡା ୧୨/୨ (ନି.ପ୍ର): :କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଗଜବାହଲ ପଞ୍ଚାୟତ ଧଅଁରାଖମନ ଗାଁର ଜୈବିକ ଚାଷୀ ବଳଦେବ ଭୋଇ ୪୨ ମୃତ୍ୟୁ ପରେ ଅଙ୍ଗଦାନ କରିବାକୁ ଇଛା ପ୍ରକାଶ କରି ନାମ ପଞ୍ଜିକରଣ କରାଇଛନ୍ତି ।ତାଙ୍କର ଏହି ମହତ ଉଦ୍ଦେଶ୍ୟ ପାଇଁ ତାଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି ।ବଳଦେବ ଭୋଇ ଜଣେ ସଫଳ ଜୈବିକ ଚାଷୀ ଭାବେ ଅଞ୍ଚଳରେ ବେଶ୍ ସୁନାମ ଅର୍ଜନ କରିଛନ୍ତି ।ସେ ବିଭିନ୍ନ ସମୟରେ ଆବଶ୍ୟକ ଥିବା ଲୋକ ମାନଙ୍କୁ ରକ୍ତ ଦାନ ମଧ ଦେଇଥାନ୍ତି।

## ଡାବୁଗାଁ ବିଧାୟକ ଙ୍କ ନିର୍ଦ୍ଦେଶ କ୍ରମେ ଡୁମାଗୁଡା ଗ୍ରାମ ରେ ବେଣ୍ଡବାଜା ଉଦଘାଟନ

ନବରଙ୍ଗପୁର ୧୨/୨ (ନି.ପ୍ର):ମାନ୍ୟବର ଡାବୁଗାଁ ବିଧାୟକ ମନହର ରନ୍ଧାରୀଙ୍କ ନିର୍ଦ୍ଦେଶ କ୍ରମେ ଆଜି ଅପରାହ୍ନ ୫ ଘଣ୍ଟା ସମୟରେ ଅଞ୍ଚଳା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଡୁମାଗୁଡା ଗ୍ରାମ ରେ ବେଣ୍ଡବାଜା ଉଦଘାଟନ କରାଗଲା। ଏହି ଅବସରେ ଅଞ୍ଚଳା ପଞ୍ଚାୟତର ସରପଞ୍ଚ ରମେଶ ମାଝୀ,ଡାବୁଗାଁ ବିଧାୟକ ପ୍ରତିନିଧି ବୁଲୁ ରାଓ, ପ୍ରକାଶ ରାଓ, ମେଡନା ଗ୍ରାମର ପୂର୍ବତନ ସରପଞ୍ଚ ହିରଣ୍ୟ ମାଝୀ ସହ ସ୍ଥାନୀୟ ଅଂଚଳର କଳାକାର ମାନେ ଏବଂ ଅଂଚଳ ବାସି ଉପସ୍ଥିତି ଥିଲେ। ଏହି ବେଣ୍ଡବଜା ସ୍ଥାନୀୟ ଅଂଚଳ ର ଶିକ୍ଷିତ ବେକାରୀ ଯୁବକ ମାନଙ୍କୁ ରାଜାଗର ଜଗାଇବ ବଳି ଅଂଚଳବାସୀ ଆଲୋଚନା କରୁଛନ୍ତି।

## ବ୍ଲକ ସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର ଚୌକି ଖାଲି ? ପରାମର୍ଶ ଦାତା ମାଲ ମାଲ ବାଳକ ବାଳିକା ଶୂନ



ତେନ୍ତୁଳିଖୁଣ୍ଟି ,୧୨/୨ (ନି.ପ୍ର): ଆଜି ତେନ୍ତୁଳିଖୁଣ୍ଟି ପଂଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଆୟୋଜିତ ବ୍ଲକ ସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର ବିନା ପ୍ରଚାର ରେ ଆୟୋଜିତ ହୋଇଥିବାରୁ ପ୍ରହସନ ପାଲଟିଥିବା ଦେଖାଯାଇଛି। ବ୍ଲକ ସ୍ତରୀୟ ନିଯୁକ୍ତିପରାମର୍ଶ ଶିବିର ରେ କୌଣସି ଶିକ୍ଷିତ ଯୁବକ ଯୁବତୀ ପରାମର୍ଶ ନେବାକୁ ଆସିନଥିବା ଦେଖିବାକୁ ମିଳିଛି । ଅଂଚଳ ର ଶିକ୍ଷିତ ଯୁବକ ଯୁବତୀ ଙ୍କ ପାଇଁ ଏହି ଶିବିର ଆୟୋଜନ କରିବା ପ୍ରାବଧାନ ଥିବା ବେଳେ ଉଦ୍ଦେଶ୍ୟ ଶିକ୍ଷିତ ଯୁବକ ଯୁବତୀ ମାନେ ଶିବିର ରେ ଆସି ପରାମର୍ଶ ନେଇ ନିଯୁକ୍ତି ର ସୁଯୋଗ ପାଇବେ । କିନ୍ତୁ ଶିବିର ଆୟୋଜନ ହେଉଥିବା ବେଳେ ପୂର୍ବରୁ କୌଣସି ପ୍ରଚାର ପ୍ରସାର କରାଯାଇନଥିବା ଯୋଗୁଁ ଅଂଚଳ ର ଶିକ୍ଷିତ ଯୁବକ ଯୁବତୀ ପରାମର୍ଶ ଶିବିର ସମ୍ପର୍କ ରେ ଜାଣିପାରିନଥିଲେ । ଏପରି କି ବ୍ଲକର କୌଣସି ଗଣ ମାଧମ ପ୍ରତିନିଧି ଙ୍କୁ ମଧ ପରାମର୍ଶ ଶିବିର ସମ୍ପର୍କ ରେ ସୂଚନା ଦିଆଯାଇନ ଥିଲା। ଏମିତି ସ୍ଥିତିରେ ଶିକ୍ଷିତ ଯୁବକ ଯୁବତୀ ଶୂନ୍ୟ ପରାମର୍ଶ ଶିବିର ରେ କେବଳ ପରାମର୍ଶ ଦେବାପାଇଁ କିଛି ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ । କେବଳ ୫ ରୁ ୭ ଜଣ ଶିକ୍ଷିତ ଯୁବକ ଯୁବତୀ ଉପସ୍ଥିତ ଥିବା ଦେଖୁବାକୁ ମିଳିଥିଲା । ସରକାର ଶିକ୍ଷିତ ଯୁବକ ଯୁବତୀ ଙ୍କୁ ନିଯୁକ୍ତି ଦେବା ଉଦେଶ୍ୟରେ ନିଯୁକ୍ତି ମେଳା ତଥା ପରାମର୍ଶ ଶିବିର ଆୟୋଜନ କରୁଛନ୍ତି କିନ୍ତୁ ବିନା ପ୍ରଚାର ପ୍ରସାର ରେ ଏଭଳି ଶିବିର ଆୟୋଜନ ହେଉଥିବା ଯୋଗୁଁ ଅଂଚଳ ର ଯୁବକ ଯୁବତୀ ମାନେ ଶିବିର ସମ୍ପର୍କ ରେ ଅନଭିଜ୍ଞ ରହି ପରାମର୍ଶ ତଥା ନିଯୁକ୍ତି ସୁଯୋଗ ରୁ ବଂଚିତ ହେଉଥିବା ଅଭିଯୋଗ ହୋଇଛି । ଆୟୋଜିତ ଶିବିରରେ ବ୍ଲକ ଅଂଚଳ ର ଏମବିକେ ଓ ସିଆରପି ଙ୍କ ସମେତ ପରାମର୍ଶ ଦାତା ଉପସ୍ଥିତ ଥିବାବେଳେ କୌଣସି ଯୁବକ ଯୁବତୀ ଆସିନଥିବା ଦେଖିବାକୁ ମିଳିଛି । ଏ ସମ୍ପର୍କ ରେ ବ୍ଲକ ସଂଯୋଜକ ସନାତନ ଖଟୁଆ ଙ୍କୁ ପଚାରିବା ରୁ ପ୍ରଚାର ହୋଇନଥିବା କଥାକୁ ସ୍ୱୀକାର କରିଛନ୍ତି । କେଉଁ କାରଣ ରୁ ପ୍ରଚାର ହୋଇନଥିବା ନେଇ ପଚାରିବାରୁ ବିପିସି ପ୍ରଚାର କରିବା କଥା ବୋଲି କହିଛନ୍ତି । ଏନେଇ ବିପିସି ଙ୍କୁ ପଚାରିବାରୁ ବିଏଲସି ପ୍ରଚାର କରିବା କଥା କହି ଜଣେ ଜଣଙ୍କ ଉପରେ କାଦୁଅ ଫପାଡ଼ି ନିଜକୁ ସ୍ୱଚ୍ଛତା ର ପରିଚୟ ଦେବାକୁ ଉଦ୍ୟମ କରିଛନ୍ତି । ଏହି ଶିବିରରେ ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ବୃନ୍ଦ ଓ ସରକାରୀ ପୋଲି ଟେକ୍ନିକ ରୁ ଆସି ପରାମର୍ଶ ଦେବାକୁ ଆସିଥିଲେ ହେଁ ପରାମର୍ଶ ନେବାକୁ କୌଣସି ଯୁବକ ଯୁବତୀ ନଥୁବା ଦେଖିବାକୁ ମିଳିଛି ।

## ବରଡ଼ା ଝୋଡି ଲଦି ପଦର ପାଙ୍ଗଣମରା ଗ୍ରାମ ବାସୀ ଙ୍କ ଭୋଟ ବର୍ଜନ ସତ୍ତ୍ୱେ ରାସ୍ତା ହୋଇ ପାରିନି

# ଖଟିଆ ରେ ବୁହା ହେଲେ ରୋଗୀ



ତେନ୍ତୁଳିଖୁଣ୍ଟି ୧୨/୨ (ନି.ପ୍ର): ସାଧାରଣ ନିର୍ବାଚନ ବେଳେ ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ ବରଡ଼ାଝୋଡ଼ି ପାଙ୍ଗଣ ମରା ଓ ଲଦି ପଦର ଗ୍ରାମ ବାସୀ ଗ୍ରାମ କୁ ସବୁଦିନିଆ ରାସ୍ତା ,ଛାତ୍ର ଛାତ୍ରୀ ଙ୍କ ପାଇଁ ବିଦ୍ୟାଳୟ ,ପାନୀୟ ଜଳ ବିଦ୍ୟୁତ୍ ସମସ୍ୟା ଆଦି ସମାଧାନ ଦାବୀ ପୂରଣ ନ ହେବାରୁ ଭୋଟ ବର୍ଜନ କରିଥିଲେ। ଇତି ମଧରେ ୭ ମାସ ବିତି ଯାଇଥିଲେ ମଧ ଆଜି ବି ଗ୍ରାମବାସୀ ଙ୍କ ମୌଳିକ ସମସ୍ୟା ସମାଧାନ ହୋଇ ପାରିନି। ମନରେଗା ଯୋଜନା ରେ ମାଟି ରାସ୍ତା କାମ କରି ପ୍ରଶାସନ ଚୁପ୍ ରହି ଯାଇଛି। ଆଜି ଏକ ଅଭାବନୀୟ ଘଟଣା ଘଟି ଯାଇଛି ବରଡା ଝୋଡି ଗ୍ରାମ ର ଗର୍ଭବତୀ ସୁକ୍ରି ଜାନୀ ସ୍ୱାମୀ ସଦା ଅସୁସ୍ଥ ହୋଇ ପଡ଼ିବାରୁ ୧୦୨ ଆମ୍ବୁଲାନ୍ସ କୁ ଫୋନ କରିଥିଲେ ,ଆମ୍ବୁଲାନ୍ସ ନ ଆସିବାରୁ ଗ୍ରାମର କିଛି ଯୁବକ ଓ ପରିବାର ସଦସ୍ୟ ସୁକ୍ରୀ କୁ ଖଟିଆ ବୋହି ଚିକିତ୍ସା ପାଇଁ ନେଇଥିଲେ। ପ୍ରାୟ ଦୁଇ ରୁ ତିନି କିଲୋମିଟର ଖଟିଆ ରେ ନେବା ପରେ ଆମ୍ବୁଲାନ୍ସ ଆସିଥିଲା ବୋଲି ଯୁବକ ମାନେ କହିଛନ୍ତି। ଶୁକ୍ରି କୁ ତେନ୍ତୁଳିଖୁଣ୍ଟି ଡାକ୍ତରଖାନା,ପରେ ନବରଙ୍ଗପୁର ଜିଲ୍ଲା ଚିକିତ୍ସାଳୟ ବର୍ତ୍ତମାନ ତାକୁ ଜୟପୁର ସ୍ଥିତ ଜିଲ୍ଲା ଚିକିତ୍ସାଳୟ କୁ ରେଫର କରାଯାଇଥିବା ସୂଚନା ମିଳିଛି। ମଙ୍ଗରଦୋରା ରେ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଡାକ୍ତର ଥିବା ସତ୍ତ୍ୱେ ଗମନାଗମନ ସୁବିଧା ନ ଥିବା ରୁ ଏହି ତିନି ଗ୍ରାମ ବାସୀ ବହୁ କଷ୍ଟ ତଥା ଅର୍ଥ ବ୍ୟୟ କରି ମେଡିକାଲ କୁ ରୋଗୀ ଙ୍କୁ ନେଇଥାନ୍ତି ।ଏପରିକି ବ୍ଲକ ଓ ତହସିଲ ଯିବାକୁ ମଧ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି। ଲକ୍ଷ୍ମୀ ବସ୍ ମଧ ଗାଁ ଗୁଡ଼ିକୁ ଯାଇ ପାରୁ ନ ଥିବାରୁ ଗମନାଗମନ ଅଟୋ ରିକ୍ସା ହିଁ ଏକ ମାତ୍ର ବିକଳ୍ପ ଯାହାକି ଆର୍ଥିକ ଦୃଷ୍ଟି ରୁ କଷ୍ଟ ଦାୟକ ହେଉଥିବା ଗ୍ରାମ ବାସୀ କହିଛନ୍ତି। ଆଦିବାସୀ ଅଧୁଷିତ ଗ୍ରାମ ପାଇଁ ନୂତନ ସରକାର ଗମନାଗମନ ପାଇଁ ରାସ୍ତା ପାଇଁ ଆର୍ଥିକ ଅନୁଦାନ ବ୍ୟବସ୍ଥା କରି ଥିବା ସତ୍ତ୍ୱେ କାହିଁକି ଏହି ଦୁଇ ଗ୍ରାମ ର ରାସ୍ତା ହୋଇ ପାରୁନି ବୋଲି ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି ସମିତି ସଭ୍ୟ ମଧୁସ୍ମିତା ପାଣିଗ୍ରାହୀ ଏଣୁ ଗ୍ରାମ ର ବିର ସିଂ ଜା ନି, ଧନ ସିଂ ଜା ନି , ମାଳତୀ ମାଝୀ, ଘାସିରାମ ଜା ନି , ମନ୍ ସିଂ ଜାନୀ , ପୂରଣ ଜାନୀ ପ୍ରମୁଖ ପଡୋଶୀ କଳାହାଣ୍ଡି ଜିଲ୍ଲା ର ପାର୍ଶ୍ୱବର୍ତ୍ତି ଗ୍ରାମ ମିଶିବା ଚେତାବନୀ ମଧ ଦେବା ସତ୍ତ୍ୱେ ଫଳ କିଛି ହେଉନି।

## ବିଜେପି ପକ୍ଷରୁ ଜାମଦାରେ ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ତିରୋଧାନ ଓ ସମର୍ପଣ ଦିବସ



ମୟୂରଭଞ୍ଜ ୧୨/୨ (ନି.ପ୍ର): ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ଜାମଦାରେ ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ତିରୋଧାନ ଓ ସମର୍ପଣ ଦିବସ ଓବିସି ମୋର୍ଚ୍ଚା। ଜିଲ୍ଲା ସଭାପତି ତଥା ସମାଜସେବୀ ବିଜୁ ଗୋପାଲ୍ ଗୋପଙ୍କ ନେତୃତ୍ୱରେ ବିଜେପି ର ଜାମଦା କର୍ମକର୍ତ୍ତାଙ୍କ ଉପସ୍ଥିତିରେ ପାଳିତ ହୋଇଯାଇଛି ।ଏଥିରେ ଶ୍ରୀଯୁକ୍ତ ଗୋପ୍ ଉଦବୋଧନ ଦେଇ ଶ୍ରୀ ରାୟ ଦିନଦୟାଲ ଉପାଧ୍ୟାୟ ଦୁଃଖ ଓ ଆର୍ଥିକ ଅନାଟନର ବୋଝକୁ ବହନ କରିଥିଲେ ସୁଦ୍ଧା ଜୀବନଯାତ୍ରାରେ ଅଟକି ନଯାଇ ବ୍ୟକ୍ତି, ସମାଜ, ସମାଜର ନୀତି, ଅର୍ଥନୀତି ତଥା ଦେଶର ସଂସ୍କୃତି ଐତିହ୍ୟ ସମ୍ପର୍କରେ ଅନୁଭୂତି ସଂଗ୍ରହ କରି ସେହି ଧାରାରେ ଦେଶକୁ ଆଗେଇ ନେବାରେ ବ୍ରତୀ ଥିଲେ ବୋଲି ମତ ପ୍ରକାଶ କରିଥିଲେ । ପଣ୍ଡିତ ଦିନଦୟାଲ ସମାଜବାଦ, ଅନ୍ତୋଦୟ ଏବଂ ମାନବବାଦର ପ୍ରଚାର ପ୍ରସାର କରିଥିଲେ ଏବଂ ଏହାଦ୍ୱାରା ଭାରତ ଦିନେ ନା ଦିନେ ବିଶ୍ୱଗୁରୁ ହେବ ବୋଲି ବିବେଚନା କରିଥିଲେ । ନିଜର ସଂପୂର୍ଣ୍ଣ ଜୀବନ ସମାଜ ସେବା ପାଇଁ ସମର୍ପଣ କରି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘ ର ପ୍ରଚାରକ ଭାବେ ଜୀବନ ବିତାଇ ଥିଲେ ବୋଲି ପ୍ରକାଶ କରିଥିଲେ ।ଏହି ଅବସରରେ ଭାଜପା ଜାମଦା ମଣ୍ଡଳ ସଭାପତି ଅଜିତ ବାରିକ୍ ଓ ପାସନା ମଣ୍ଡଳ ସଭାପତି ଭୀମ ଚରଣ ପୂର୍ତ୍ତୀଙ୍କୁ ଜାମଦା ବ୍ଲକ ଅଞ୍ଚଳର ବିଜେପି କର୍ମକର୍ତ୍ତା ସ୍ୱାଗତ ଓ ଶୁଭେଚ୍ଛା ଜଣାଇ ସମ୍ବର୍ଦ୍ଧିତ କରିଥିଲେ ।

## ଦିବଂଗତ ଗଙ୍ଗାଧର ସ୍ମାରକୀ ପଶାଖେଳ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ

ଆନନ୍ଦପୁର : ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବେଲବାହାଳିରେ ଜିଲ୍ଲା ସ୍ତରୀୟ ଦିବଂଗତ ଗଙ୍ଗାଧର ନାଥ ସ୍ମାରକୀ ପଶାଖେଳ ଟୁର୍ଣ୍ଣାମେଣ୍ଟ ଡ଼ ବଟକୃଷ୍ଣ ନାଥଙ୍କ ତତ୍ତ୍ୱାବଧନରେ ଶୁଭ ଉଦଘାଟନ ହୋଇଯାଇଛି ।ଏଥିରେ ମୋଟ ୨୪ଟି ଟିମ୍ ଅଂଶଗ୍ରହଣ କରି ପରସ୍ପର ମଧ୍ୟରେ ପଶାଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି ।ଉକ୍ତ ମ୍ୟାଚକୁ ମା ତାରିଣୀ ପଶା ଟୁର୍ଣ୍ଣାମେଣ୍ଟ ସଂଘ କମିଟିର ସଭାପତି ଅବସରପ୍ରାପ୍ତ ପ୍ରଫେସର ଡ଼ ବଟକୃଷ୍ଣ ନାଥ ଏବଂ ସମ୍ପାଦକ ଚିନ୍ତାମଣି ମହାଉରଙ୍କ ନେର୍ତ୍ତୃତ୍ୱରେ ଏହି ପଶା ଟୁର୍ଣ୍ଣାମେଣ୍ଟ ଗତ ଦୁଇବର୍ଷ ଧରି ଆରମ୍ଭ ହୋଇଛି ।ଏଥିରେ କାଯ୍ୟକରିଣୀ ସଭାପତି ଅନିରୁଧ ବିଶ୍ୱାଳ ,ସହ ସମ୍ପାଦକ କାହ୍ନେଇ ରାଉତ, ଉପସଭାପତି ଉମାକାନ୍ତ ମାଝୀ,ନାରାୟଣ ଦାସ ପ୍ରମୂଖ ସମ୍ପୂର୍ଣ୍ଣ ସହଯୋଗ କରିଛନ୍ତି । ମୋଟ୍ ୨୪ଟି ପଶାଟିମ୍ ପରସ୍ପର ମଧରେ ବହୁ ସଂଘର୍ଷପୂର୍ଣ୍ଣ ଖେଳ ଖେଳି ଅଞ୍ଚଳରେ ଏକ ନାମ ଅର୍ଜ୍ଜନ କରୁଛନ୍ତି । ଏହି ପୁରାତନ ରୋମାଂଚକର ପଶା ଖେଳ ଦେଖିବା ପାଇଁ ସତାଧିକ ଦର୍ଶକ ଏକତ୍ରିତ ହୋଇ ଶାନ୍ତି ଶୃଙ୍ଖଳାରେ ମନଭରି ଉପଭୋଗ କରୁଛନ୍ତି । ଏଥିରେ ମୂଳଲକ୍ଷ୍ୟ ପରସ୍ପର ମଧରେ ଏକ ଭାଇଚାରା ବଜାଇ ରଖିବା ଏବଂ ବୟସ୍କ ବ୍ୟକ୍ତି ମାନଙ୍କୁ ଏକତ୍ରିତ କରାଯାଇ ପରସ୍ପର ମଧରେ ଖୁସି ବାଣ୍ଟିବା ସହିତ ସଭାପତି ଡ଼ ବଟକୃଷ୍ଣ ନାଥଙ୍କ ପିତା ଦିବଂଗତ ଗଙ୍ଗାଧର ନାଥଙ୍କ ଜୀବନିକୁ ମନେ ପକାଇବା ଉଦ୍ଦେଶ୍ୟରେ ଏହି ଖେଳ କରାଯାଇଛି । କେନ୍ଦୁଝର ଜିଲ୍ଲାର ବେଲବାହାଳି ଅଞ୍ଚଳରେ ଏଭଳି ଏକ ପୁରାତନ ଖେଳକୁ ବଜାଇ ରଖି ପରସ୍ପର ମଧରେ ଏକ ସୁନ୍ଦର ବନ୍ଧୁତା ସ୍ଥାପନ କରିବା ସହ ରାଜକୀୟ ଖେଳକୁ ଉଜ୍ଜୀବିତ ରଖିବା ପାଇଁ ଯୁବପିଢିଙ୍କୁ ଆହ୍ୱାନ କରିଛନ୍ତି ।ମନ ବଳ ଓ ସ୍ମରଣ ଶକ୍ତି ଭଲ ଭାବରେ କାମ କରିପାରିବ ବୋଲି ବରିଷ୍ଠ ବ୍ୟକ୍ତି ମାନେ ପ୍ରକାଶ କରିଛନ୍ତି । ଆନନ୍ଦପୁର ଆଖପାଖ ଅଞ୍ଚଳର ବହୁ ଶିକ୍ଷାବିତ ଏବଂ ବୁଦ୍ଧିଜୀବୀ ଓ ବରିଷ୍ଠ ବ୍ୟକ୍ତିମାନେ ଯୋଗଦେଇ ପଶା ଖେଳ ଦେଖିବାର ମଜା ଉଠାଉଥିବା ଦେଖିବାକୁ ମିଳିଛି ।

## ପିମ୍ପୁଡିଆ ଗ୍ରାମ ପଞ୍ଚାୟତରେ ଜନଶୁଣାଣୀ ଶିବିର

କାଳିଆପାଣି ; ଆଜି ପିମ୍ପୁଡ଼ିଆ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ପଂଚାୟତ ଜନସାଧାରଣ ଙ୍କ ସାମାଜିକ ଅର୍ଥନୈତିକ ଅଭିବୃଦ୍ଧି ତଥା ସରକାରଙ୍କ ବିଭିନ୍ନ ଯୋଜନାର ହିତାଧିକରୀଙ୍କ ସ୍ୱାର୍ଥରେ କିଭଳି ବିନିଯୋଗ ହୋଇପାରିବ ସେଥିପାଇଁ ଏକ ଜନଶୁଣାଣୀ ଅନୁଷ୍ଠିତ ହୋଇଥିଲା । ଏହି ଜନଶୁଣାଣୀ ରେ ମୋଟ ୨୩୫ ଜଣ ଅଭିଯୋଗ କରିଥିଲେ। ସୁକିନ୍ଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରେସମା ଟେଟେ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସତ୍ୟଭୂଷଣ ବିଶ୍ୱାଳ ,ଏ ପି ଓ , ବି ଏସ ଏସ ଓ ବୁଲୁ ବେହେରା ଏ୍ଂ ପାନୀୟ ଜଳ ଯୋଗାଣ ବିଭାଗ ଅଧିକାରୀ, ବିଦ୍ୟୁତ ବିଭାଗର ଅଧିକାରୀ ତହସିଲ ଅଧିନରେ କାର୍ଯ୍ୟରତ କର୍ମଚାରୀ ଆଦି ବିଭିନ୍ନ ବିଭାଗର ପ୍ରତିନିଧି ଉପସ୍ଥିତ ଥିଲେ। ପଂଚାୟତ ସରପଞ୍ଚ ତପନ ନାୟକ ଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳନା ହୋଇ ଶାନ୍ତି ଶୃଙ୍ଖଳା ସହ ସକାଳ ୧୦ରୁ ଆରମ୍ଭ ହୋଇ ଅପରାହ୍ନ ୨ଟାରେଶେଷ ହୋଇଥିଲା।

# ଓଡ଼ିଶାର ମନୋରମ ପ୍ରାକୃତିକ ଦୃଶ୍ୟ, ଐତିହ୍ୟକୁ ଫୋଟ ମାଧ୍ୟମରେ ବିଶ୍ୱ ପ୍ରସିଦ୍ଧ କରନ୍ତୁ: ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର: ଟାଟା ପାୱାର କମ୍ପାନୀ ଦ୍ୱାରା ସାରା ଓଡ଼ିଶାରେ 'ଙଷ ଗଛ ଇରବଙ୍କଷ୍ଠସଲଙ୍କଷ ଙୟସଣ୍ୱଷବ' ନାମକ ଫୋଟଗ୍ରାଫି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇଥିଲେ । ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କ ମଧ୍ୟରୁ ଶ୍ରେଷ୍ଠ ୧୩ ଜଣ ପ୍ରତିଯୋଗୀଙ୍କୁ ଆଜି ?୧୫୦୦୦ ଟଙ୍କାର ପୁରସ୍କାର ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ କରକମଳରୁ ପ୍ରଦାନ କରାଯାଇଛି । ସେମାନଙ୍କ ଦ୍ୱାରା ଉତ୍ତୋଳନ କରାଯାଇଥିବା ଫୋଟକୁ ଟାଟା ପାୱାରର କ୍ୟାଲେଣ୍ଡର ପୃଷ୍ଠାରେ ସ୍ଥାନିତ କରାଯାଇଛି । ପ୍ରତିଯୋଗିତାରେ ବିଚାରପତି ଭାବେ କାର୍ଯ୍ୟ ନିର୍ବାହ କରିଥିବା ତିନିଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଥିଲେ, "ସାଂସ୍କୃତିକ ଐତିହ୍ୟ ଏବଂ ବିବିଧତାରେ ସମୃଦ୍ଧ ରାଜ୍ୟ ଓଡ଼ିଶା ମନୋରମ ପ୍ରାକୃତିକ ଦୃଶ୍ୟ ଏବଂ ଜୀବନ୍ତ ପରମ୍ପରାର ଆଶ୍ରୟସ୍ଥଳ। ଏହି ପଦକ୍ଷେପ ନେବା ଏବଂ ସ୍ଥାନୀୟ ପ୍ରତିଭାକୁ ପ୍ରଦର୍ଶନ କରିବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିଥିବାରୁ ମୁଁ ଟାଟା ପାୱାରକୁ ହୃଦୟର ସହିତ କୃତଜ୍ଞତା ଜଣାଉଛି। ଏହା ଆମ ରାଜ୍ୟର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ପ୍ରଦର୍ଶନ କରିବାର ଏକ ଚମତ୍କାର ଉପାୟ। ଏପରି ଏକ ମହାନ କାର୍ଯ୍ୟ ପାଇଁ ସମସ୍ତ ବିଜେତାଙ୍କୁ ଅଭିନନ୍ଦନ। ଫୋଟଗ୍ରାଫି ମାଧ୍ୟମରେ ଓଡ଼ିଶାର ମନୋରମ ପ୍ରାକୃତିକ ଦୃଶ୍ୟ ଓ ଐତିହ୍ୟକୁ ବିଶ୍ୱ ପ୍ରସିଦ୍ଧ କରାନ୍ତୁ" ଏହି କାର୍ଯ୍ୟକ୍ରମରେ ଟାଟା ପାୱାରର ପ୍ରେସିଡେଣ୍ଟ ଶ୍ରୀ ସଞ୍ଜୟ ବାଙ୍ଗା ଏବଂ ଡିସକମ ଗୁଡିକର ସିଇଓମାନେ ଯୋଗଦେଇଥିଲେ।

## ବି.କରଡ଼ାବାଡ଼ି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବୁଗୁଡା **୧୨/୨ (ନି.ପ୍ର):**ବୁଗୁଡା ବ୍ଲକର ବି.କରଡ଼ାବାଡ଼ି ଗ୍ରାମର ସର୍ଦ୍ଦାର ଅନ୍ତର୍ଯ୍ୟାମୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଫେବୃୟାରୀ ୯ ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପଶୁ ସଂପଦ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ବିଭାଗର ମାନ୍ୟବର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସେବାନିବୃତ ପ୍ରଧାନ ଶିକ୍ଷକ ଗୋପାଳ ଚନ୍ଦ୍ର ନାୟକ ଏବଂ ସମ୍ମାନିତ ଅତିଥି ଭାବେ ବୁଗୁଡା ବିଇଓ ଚିନ୍ମୟ ମହାପାତ୍ର, ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରଶନ କୁମାର ସ୍ୱାଇଁ, ସମାଜସେବୀ ବଂଶୀଧର ନାୟକ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି କେ.ନୀଳମାଧବ ଆଚାରୀ, ଜିଲ୍ଲା ପରିଷଦ ସଦସ୍ୟା ଚାନ୍ଦିନୀ ନାୟକ, ସରପଞ୍ଚ ଚାନ୍ଦିନୀ ଆଚାରୀ, ସମିତି ସଭ୍ୟା ପ୍ରିୟଙ୍କା ସେଠୀ, ସିଆରସିସି ଦେବଦତ୍ତ ମହାନ୍ତି, ଏସଏମସି ସଭାନେତ୍ରୀ ହରପ୍ରିୟା ପ୍ରଧାନ, ଉପସଭାପତି ଅଜିତ କୁମାର ଦାସ, ବିନାୟକ ପ୍ରଧାନ, ଅଜିତ ପଣ୍ଡା, ୟୁନିୟନ ବ୍ୟାଙ୍କ ଶାଖା ପରିଚାଳକ ନିହାର ରଞ୍ଜନ ପ୍ରଧାନ, ଖରିଡା ହାଇ ସ୍କୁଲ ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁ, ବିଦ୍ୟାଳୟ ପ୍ରତିଷ୍ଠା ବର୍ଷର ଛାତ୍ର ପୂର୍ବତନ ସରପଞ୍ଚ ଦେବରାଜ ବେହେରା, ହୃଦୟାନନ୍ଦ ପଟ୍ଟନାୟକ, ପ୍ରଭାକର ସାହୁ ଯୋଗଦେଇଥିଲେ। ଅତିଥି ବୃନ୍ଦ ଛାତ୍ରଛାତ୍ରୀଙ୍କୁ ଉତ୍ତମ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ଶ୍ରୀ ମଲ୍ଲିକ ଓ ଅତିଥି ବୃନ୍ଦ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ , ଶିକ୍ଷୟିତ୍ରୀ ଓ କର୍ମଚାରୀ ବୃନ୍ଦ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସାହାରପଡ଼ା ବ୍ଲକ ରେ ନୂତନ ସହକାରୀ ନିର୍ବାହୀ ଯନ୍ତ୍ରୀ ଙ୍କ ଯୋଗଦାନ

ପାଟଣା **୧୨/୨ (ନି.ପ୍ର):** ସାହାରପଡ଼ା ବ୍ଲକ ରେ ନୂତନ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ମୋତିଲାଲ ଟୁଙ୍ଗ କାର୍ଯ୍ୟ ରେ ଯୋଗ ଦେଇଛନ୍ତି। ଏଠାରେ କାର୍ଯ୍ୟରତ ପୂର୍ବତନ ସହକାରୀ ନିର୍ବାହୀ ଯନ୍ତ୍ରୀ ତପନ କୁମାର ପଲେଇ ଙ୍କ ର ବିଶୋଇ ବ୍ଲକ କୁ ବଦଳି ହୋଇଥିବା ବେଳେ ସେଠାରୁ ଶ୍ରୀ ଟୁଙ୍ଗ ସାହାରପଡ଼ା ବ୍ଲକ କୁ ଆସିଛନ୍ତି। ଆଜି ନୂତନ ସହକାରୀ ନିର୍ବାହୀ ଯନ୍ତ୍ରୀ ଙ୍କୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୌତମ ନାଏକ ,ବିଧାୟକ ଙ୍କ ପ୍ରତିନିଧି ନରେନ୍ଦ୍ର ମହାନ୍ତ ଓ ଅନ୍ୟାନ୍ୟ ବିଜେପି କର୍ମକର୍ତ୍ତା ମାନେ ବ୍ଲକ କାର୍ଯ୍ୟାଳୟ କୁ ଯାଇ ଶ୍ରୀ ଟୁଙ୍ଗ ଙ୍କୁ ସ୍ୱାଗତ ଓ ଶୁଭେଚ୍ଛା ଜଣାଇଛନ୍ତି।

## ବେଆଇନ କରତ କଳ ଉପରେ ଚଢ଼ାଉ,ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଜବତ



ସିମୁଳିଆ **୧୨/୨ (ନି.ପ୍ର):** ବନ ବିଭାଗ ପକ୍ଷରୁ ବେଆଇନ କରତ କଳ ଉପରେ ଚଢ଼ାଉ ଲକ୍ଷାଧିକ ଟଙ୍କାର କାଠ ଓ ଯନ୍ତ୍ରାଂଶ ଜବତ। ସୂଚନାରୁ ପ୍ରକାଶ ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅଞ୍ଚଳରେ ବେଆଇନ କରତକଳ ଚାଲିଥିବା ନେଇ ଅଭିଯୋଗ ହୋଇ ଆସୁଥିଲା । ଆଜି ବାଲେଶ୍ୱର ଭିଜିଲାନ୍ସ ,ସୋର ଓ ଚାନ୍ଦିପୁର ବନ ବିଭାଗର ମଇତାପୁର୍ର , ବାଲିଖଣ୍ଡ ବମତିଆ ଓ କନ୍ହେଇବିନ୍ଧା ଦଧିବାମନ ଠାରେ ଥିବା ବେଆଇନ କରତ କଳ ଉପରେ ମିଳିତ ଚଢଉ କରି ଲକ୍ଷାଧିକ ଟଙ୍କାର କାଠ ଓ ଯନ୍ତ୍ରାଂଶ ଜବତ କରିଥିବା ଜଣାଯାଇଛି। ଏହି ଚଡାଉରେ ନିମ୍ବ, ଅର୍ଜ୍ଜୁନ,ଆକାଶୀ, ଝାଉଁ ଆଦି ଗଛର କାଠ ଥିବା ଜଣାଯାଇଛି। ଯାହାର ଆନୁମାନିକ ମୂଲ୍ୟ ବାର ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ସୂଚନା। ଏହି ଚଡାରେ ଚାନ୍ଦିପୁର ବନ ବିଭାଗ ଅଧିକାରୀଣୀ ଜୟଶ୍ରୀ ମୁର୍ମୁ, ସୋର ରେଞ୍ଜ ଅଧିକାରୀ ହରିହର ମାଝି,ମାଜିଷ୍ଟ୍ରେଟ ଭାବେ ସିମୁଳିଆ ଅତିରିକ୍ତ ତହସିଲଦାର ଅଙ୍କିତା ମହାନ୍ତି ଏବଂ ସିମୁଳିଆ ପୋଲିସ ପ୍ରମୁଖ ସାମିଲ ଥିଲେ।

# ବୁଦ୍ଧଖୋଲ ମହୋତ୍ସବ ୨୦୨୫ ର ଶେଷ ସନ୍ଧ୍ୟା

ବୁଗୁଡ଼ା **୧୨/୨ (ନି.ପ୍ର):** ଗଞ୍ଜାମ ଜିଲ୍ଲା ବୁଗୁଡ଼ା ସହର ନିକଟ ଐତିହାସିକ ଶୈବପୀଠ ଓ ବିଶିଷ୍ଟ ପର୍ଯ୍ୟଟନ କ୍ଷେତ୍ର ବୁଦ୍ଧଖୋଲ ପାଦଦେଶରେ ତିନିଦିନ ଧରି ଚାଲିଥିବା ବୁଦ୍ଧଖୋଲ ମହୋତ୍ସବ ୨୦୨୫ ଫେବୃୟାରୀ ୧୦ ତାରିଖ ଦିନ ଉଦଯାପିତ ହୋଇଯାଇଛି। ପୋଲସରା ବିଧାୟକ ତଥା ବୁଦ୍ଧଖୋଲ ଉନ୍ନୟନ ସମିତିର ସଭାପତି ମାନ୍ୟବର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶେଷ ସନ୍ଧ୍ୟାର ମହୋତ୍ସବକୁ ରାଜ୍ୟ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଓ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ ଏବଂ ସମ୍ମାନୀତ ଅତିଥି ଭାବେ ବିଜେପି ନାରୀନେତ୍ରୀ ଜୟନ୍ତୀ ପଢିଆରୀ, ବୁଗୁଡ଼ା ବ୍ଲକ ଅଧ୍ୟକ୍ଷା କେ ପ୍ରିୟଦର୍ଶିନୀ ଆଚାରୀ, ଜିଲ୍ଲା ପରିଷଦ ସଭ୍ୟା ଚାନ୍ଦିନୀ ନାୟକ, ବିରଞ୍ଚିପୁର ସରପଞ୍ଚ ମନ୍ଦାକିନୀ ସେଠୀ, ସମିତି ସଭ୍ୟା ଅଳକା ନନ୍ଦ ଓ କାର୍ଯ୍ୟକାରୀ ସଭାପତି ଟି ସଞ୍ଜୀବ ପାତ୍ର, ଉପସଭାପତି ଗଙ୍ଗାଧର ନାୟକ, ସାଧାରଣ ସମ୍ପାଦକ ସୁରେଶ ଚନ୍ଦ୍ର ଦାସ, ସମ୍ପାଦକ ହରି କୃଷ୍ଣ ସାହୁ, ଯୁଗ୍ମ ସମ୍ପାଦକ କେଦାର ନାଥ ମହାରଣା, କୋଷାଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ମହାପାତ୍ର, ସମୀକ୍ଷକ ଗଙ୍ଗାଧର ବିଷୋୟୀଙ୍କ ସମେତ ବହୁ ଅତିଥି ଯୋଗଦେଇଥିଲେ । ବୁଦ୍ଧଖୋଲ ରାଜ୍ୟର ଗୋଟିଏ ଐତିହାସିକ ପୀଠ ହୋଇଥିବା ବେଳେ ମହୋତ୍ସବ ଦ୍ୱାରା ପୀଠର ପ୍ରଚାର ପ୍ରସାର ହୋଇପାରିବ, ଓ ଏହାର ଗବେଷଣା ନିହାତି ଆବଶ୍ୟକ ବୋଲି ମନ୍ତ୍ରୀ ଶ୍ରୀ ଜେନା ପ୍ରକାଶ କରିଥିଲେ। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ପର୍ବତ ମଧ୍ୟରେ ଖ୍ରୀଷ୍ଟପୂର୍ବ ୯ମ ଶତାବ୍ଦୀରୁ ପଞ୍ଚୁମହାଦେବ ମକରେଶ୍ୱର, ଗଙ୍ଗାଧରେଶ୍ୱର, ଜଗଦ୍ଦେଶ୍ୱର, ସିଦ୍ଧେଶ୍ୱର ଓ ବୁଦ୍ଧେଶ୍ୱର ମନ୍ଦିର ଅବସ୍ଥିତି। ତୃତୀୟ ଶତାବ୍ଦୀର କଳିଙ୍ଗ ଯୁଦ୍ଧ ପରେ ଏଠାରେ ବୌଦ୍ଧ ଧର୍ମର ଶିକ୍ଷାନୁଷ୍ଠାନ ଗଢ଼ି ଉଠିଥିଲା । ତାର ପରବର୍ତ୍ତୀ ସମୟରେ ଜୈନଧର୍ମ ଏବଂ ବୈଷ୍ଣବ ଓ ଶୈବ ଆଧାତ୍ମିକ ପୂଜା ପଦ୍ଧତିର ଅଭ୍ୟୁଦୟ ଘଟିଥିଲା। ଏଭଳି ସାଂସ୍କୃତିକ ପରମ୍ପରାକୁ ଆଧାର କରି ଜନ୍ମ ନେଇଛି ବୁଦ୍ଧଖୋଲ ମହୋତ୍ସବ। ୨୦୧୫ରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ଆଜି ୧୦ ବର୍ଷରେ ପଦାର୍ପଣ କରିଛି। ଦୀର୍ଘ ୩ ଦିନ ଧରି ଆୟୋଜିତ ଏହି ଭବ୍ୟ ମହୋତ୍ସବକୁ ସଫଳତା ପାଇଁ



ଆୟୋଜକ ବନ୍ଧୁମାନଙ୍କୁ ସଭାପତି ତଥା ମନ୍ତ୍ରୀ ଶ୍ରୀ ମଲ୍ଲିକ ଧନ୍ୟବାଦ ଜଣାଇଥିଲେ। ବୁଗୁଡ଼ାର ଅନ୍ତର୍ଜାତୀୟ ଚିତ୍ରଶିଳ୍ପୀ ଡକ୍ଟର ସ୍ଥିତଧୀ ରଥ , ଆଇନଜୀବୀ ତଥା ପ୍ରକୃତିବନ୍ଧୁ ସାଇ ସନ୍ତୋଷୀନି ପ୍ରଧାନ ସମେତ ଅଞ୍ଚଳର ବହୁ ବ୍ୟକ୍ତି ବିଶେଷଙ୍କୁ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ମହୋତ୍ସବର ଶେଷ ସନ୍ଧ୍ୟା ରେ ଦର୍ଶକ ଙ୍କ ମନ ଜିଣିଛନ୍ତି ହାସ୍ୟ ଅଭିନେତା ଗୁଲୁଆ ଓ ବଲିଉଡ ର ଜଣାଶୁମା ଗାୟକ ସବାବ ସବ୍ରୀ ଓ ତାଙ୍କ ସାଥି ଗାୟିକା ସଙ୍ଗୀତା ଗର୍ଜନା । ସେମାନେ ଗାଇଥିବା ବଲିଉଡର ବହୁ ସୁପରହିଟ ଗୀତ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକଙ୍କ ମନୋରଞ୍ଜନ କରିପାରିଥିଲା । ଅଞ୍ଚଳର କଳାକାର ମାନଙ୍କ ଦ୍ୱାରା ଲୋକ ନୃତ୍ୟ ଓ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅତି ସୁନ୍ଦର ଭାବରେ ପରିବେଷଣ କରାଯାଇଥିବା ଦେଖିବାକୁ ମିଳିଥିଲା। ସେହିପରି ଭାବେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପିପୁଲ୍ସ କଲେଜ ଅଧ୍ୟାପକ ଆତ୍ମାପ୍ରକାଶ ନାୟକ ଓ ଗୁନ୍ ଗୁନ୍ ଚମତ୍କାର ଭାବେ ଉପସ୍ଥାପନ କରିଥିଲେ । ପରିଶେଷରେ ଆଇନଜୀବୀ ହରପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ତିନି ଦିନ ଧରି ମହୋତ୍ସବ କାର୍ଯ୍ୟକ୍ରମକୁ ଭଞ୍ଜନଗର ଏସଡିପିଓ ସୁଜିତ କୁମାର ନାୟକ, ବୁଗୁଡ଼ା ପୋଲିସ ଥାନାଧିକାରୀ ସିତାଂଶୁ ଶେଖର ମାନ୍ଧାତା ଓ ଅନ୍ୟ ପୋଲିସ ସହକର୍ମୀ ଏବଂ ବୁଦ୍ଧଖୋଲ ସମିତିର ସମସ୍ତ ସଦସ୍ୟଙ୍କ ସକ୍ରିୟ ସହଯୋଗରେ ଶାନ୍ତି ଶୃଙ୍ଖଳାରେ ସମାପନ ହୋଇଥିଲା। ବୁଦ୍ଧଖୋଲ ଉନ୍ନୟନ ସମିତିର ସ୍ଥାୟୀ ସଦସ୍ୟଙ୍କ ମଧ୍ୟରେ ସ୍ଥାନୀୟ ବିଧାୟକ ସଭାପତି, ଏବଂ ବୁଗୁଡା ବ୍ଲକ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ, ବୁଗୁଡା ଏନଏସି ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ , ବୁଗୁଡା ବିଡ଼ିଓ, ତହସିଲଦାର, ବନାଞ୍ଚଳ ଅଧିକାରୀ, ପୋଲିସ ଆଇଆଇସି, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ, ୪୩ ନଂ ଜିଲ୍ଲା ପରିଷଦ ସଦସ୍ୟ, ବିରଞ୍ଚିପୁର ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟ ସ୍ଥାୟୀ ଉପଦେଷ୍ଟା ଭାବେ ରହିଛନ୍ତି। ହେଲେ ଚଳିତ ୨୦୨୫ ମହୋତ୍ସବରେ ବୁଗୁଡା ଏନଏସି ଉପାଧ୍ୟକ୍ଷା ଗୀତାଞ୍ଜଳୀ ପାଢ଼ୀଙ୍କ ନାମଙ୍କୁ ନିମନ୍ତ୍ରଣ କାର୍ଡରେ ସ୍ଥାନିତ କରାଯାଇନାହିଁ। ସେଥିପାଇଁ ବହୁ ବୁଦ୍ଧିଜୀବୀ ଏହାକୁ ସମାଲୋଚନା କରିଛନ୍ତି। ଆଉ ଜଣେ ସ୍ଥାୟୀ ଉପଦେଷ୍ଟା ଙ୍କ ନାମଙ୍କୁ ନିମନ୍ତ୍ରଣ କାର୍ଡରେ ରଖିବା ଉଚିତ ଥିଲା ବୋଲି ମତ ପ୍ରକାଶ କରିଛନ୍ତି।

## ଟାକରଡା କ୍ଲଷ୍ଟରରେ ନିପୁଣ ଓଡିଶା ମେଳା ଅନୁଷ୍ଠିତ



ବୁଗୁଡା **୧୨/୨ (ନି.ପ୍ର):**ବୁଗୁଡା ବ୍ଲକ ଅନ୍ତର୍ଗତ ଟାକରଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଟାକରଡା କ୍ଲଷ୍ଟର ସ୍ତରୀୟ ନିପୁଣ ଓଡିଶା ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିଷ୍ଣୁଚରଣ ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଟାକରଡ଼ା ସରପଞ୍ଚ ଦିଲ୍ଲୀପ କୁମାର ପ୍ରଧାନ, ମୁଖ୍ୟବକ୍ତାଭାବେ ଟାକରଡ଼ା ସମିତି ସଭ୍ୟ ଜ୍ୟୋତି ନାଇକ, ସମ୍ମାନିତ ଅତିଥି ରୂପେ ଟାକରଡ଼ା ଉଚ୍ଚ ବିଦ୍ୟାଳୟର ଏସଏମସି ସଭାନେତ୍ରୀ ଜିତାଶ୍ରୀ ନାୟକ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଏହି ଅବସରରେ ଏହି ମେଳାରେ ଅଂଶଗ୍ରହଣ କରିଥିବା ବିଦ୍ୟାଳୟର ଗାଇଡ଼ ଶିକ୍ଷକ ଓ ଶିକ୍ଷୟିତ୍ରୀ ବୃନ୍ଦଙ୍କୁ ପ୍ରଶାମପତ୍ର ବଣ୍ଟନ ଏବଂ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ ସହ ପୁରସ୍କୃତ କରାଯାଇଥିଲା। ଟାକରଡ଼ା କ୍ଲଷ୍ଟର ସିଆରସିସି ଅନନ୍ତ କୁମାର ସାହୁଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ପରିଶେଷରେ ଶିକ୍ଷକ ରାଜେନ୍ଦ୍ର କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## କୋଟଗଡ଼ ଥାନା ଜାମଝୋରରେ ଲାଗିଲା ମାଓ ପୋଷ୍ଟର

ବାଲିଗୁଡା **୧୨/୨ (ନି.ପ୍ର):**କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କୋଟଗଡ ଥାନା ଜାମଝୋର ରାସ୍ତାକଡ଼ରେ ପୁଣି ଲାଗିଲା ମାଓବାଦୀ ପୋଷ୍ଟର । ଜାମଝୋର ଗାଁ ଛକ ରାଜ୍ୟ ରାଜପଥ- ୫ ମୁଖ୍ୟ ରାସ୍ତା କଡ଼ରେ ଗାଁ କଲ୍ୟାଣ ସମିତି ର ହୋର୍ଡିଙ୍ଗ ଉପରେ ୩ଟି କାଗଜ ପୋଷ୍ଟର ମାରି ବିଜେପି ସରକାର, ସଙ୍ଘ ଓ ପୁଲିସ ର ମିଛ ପ୍ରଚାରରେ ଭ୍ରମିତ ନ ହେବାକୁ ଆହ୍ୱାନ ଦିଆଯାଇଥିବା ବେଳେ ଜଳ, ଜଙ୍ଗଲ, ଜମି,ଶିକ୍ଷା, ରୋଜଗାର, ମୌଳିକ ସୁବିଧା ପାଇଁ ଭିକ୍ଷା ନୁହେଁ ସଂଘର୍ଷର ପଥ ଆପଣେଇବା ସହ ଇଜ୍ଜତ ର ସହ ବଂଚିବାକୁ ପୋଷ୍ଟର ରେ ଉଲ୍ଲେଖ ଅଛି । ଏହା ବ୍ୟତୀତ କୁଇ ସମାଜ, ପୂର୍ବରୁ କୁଇକୁଳ ସମିତି ନାମରେ ଲାଗିଥିବା ପୋଷ୍ଟରକୁ ବିରୋଧ କରାଯାଇଛି ଏବଂ ମେଟଲାର ମୃତ୍ୟୁ ପାଇଁ ପୁଲିସ କୁ ଦାୟୀ କରି ମାଓବାଦୀ ଆଦିବାସୀ ବିରୋଧୀ ନୁହଁ ବୋଲି ମଧ୍ୟ ପୋଷ୍ଟର ଉଲ୍ଲେଖ ଅଛି । ସୂତ୍ର ଖବର ଅନୁଯାଇ ଗତକାଲି ବିଳମ୍ବିତ ରାତ୍ରିରୁ ଏହା ମାଓ ପୋଷ୍ଟର ବା. ଘୁ. ନା. ସିପିଆଇ ମାଓବାଦୀ ଜାରି କରାଯାଇଥିଲେ ବି ପୁଲିସ, ସୁରକ୍ଷାବଳ ପୋଷ୍ଟର ନ କାଢିଥିବାରୁ ପୋଷ୍ଟକୁ ନେଇ ଭୟଭୀତ ସ୍ଥାନୀୟ ଜନସାଧାରଣ ଓ ଗ୍ରାମବାସୀ ।

## ଟ୍ରକ୍ ପଛରେ ଧକ୍କା ଦେଲା କାର , ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର

ପାଟଣା **୧୨/୨ (ନି.ପ୍ର):**କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅଞ୍ଚଳ ପାଟଣା- ସରାସକୋଲା ରାସ୍ତା ର ଗୁଲୁଦିପଶି ଗାଁ ବୁଲାଣି ନିକଟରେ ଗତ କାଲି ରାତି ସାଢେ ୮ ସମୟରେ ରାସ୍ତା କଡରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ପଛରେ ଦ୍ରୁତ ଗତିରେ ଆସୁଥିବା ଏକ କାର ଧକ୍କା ଦେଇଥିଲା ।ଫଳରେ କାରର ଆଗ ସଂପୂର୍ଣ୍ଣ ଭାଙ୍ଗି ଚୁରମାର ହୋଇ ଯାଇଥିଲା ।ଦୁର୍ଘଟଣାର ଶବ୍ଦ ଶୁଣି ନିକଟରେ ଥିବା ଗ୍ରାମବାସୀ ମାନେ ଧାଇଁ ଯାଇ କାରରେ ଚାପି ହୋଇଥିବା ଚାଳକ କୁ ଉଦ୍ଧାର କରି ପାଟଣା ଡାକ୍ତରଖାନା କୁ ପଠାଇଥିଲେ। ଖବର ପାଇ ଘଟଣା ସ୍ଥଳରେ ପାଟଣା ପୁଲିସ ପହଞ୍ଚି ତଦନ୍ତ କରିଥିବା ଜଣାପଡିଛି।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ



ବୁଗୁଡ଼ା **୧୨/୨ (ନି.ପ୍ର):** କଳିଙ୍ଗ ଜ୍ୟୋତି ୧୧/୦୨/୨୦୨୫ : ଗଞ୍ଜାମ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବୁଗୁଡା ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଫେବୃଆରୀ ୧୦ ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା , ଭାରପ୍ରାପ୍ତ ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ଏଏସପି ରଞ୍ଜନ କୁମାର ଦେ, ଡେପୁଟି କଲେକ୍ଟରଙ୍କ ପ୍ରତିନିଧି ସୂର୍ଯ୍ୟ ନାରାୟଣ ଦାସ , ବିଡିଓ ଦୂତିକୃଷ୍ଣ ପାତ୍ର, ତହସିଲଦାର ତାପସ ରାଉତ ପ୍ରମୁଖ ଯୋଗ ଦେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଉକ୍ତ କାର୍ଯ୍ୟକ୍ରମ ଅବସରରେ ୯୪ଟି ଅଭିଯୋଗ ପଞ୍ଜୀକରଣ ହୋଇଥିବା ବେଳେ ୯ଟି ଅଭିଯୋଗର ତତକ୍ଷଣାତ୍ ସମାଧାନ କରାଯାଇଥିଲା। ଏଥି ସହ ୪ ଜଣଙ୍କୁ ୨୦,୦୦୦ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଏବଂ ୪ ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ ବ୍ଲକର କର୍ମଚାରୀବୃନ୍ଦ ଉପସ୍ଥିତ ରହି ସହଯୋଗ କରିଥିଲେ।

# କାନଝରୀ କେନାଲ ରେ ପାଣି ଛାଡ଼ିବା ଅନିୟମିତତା କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଙ୍କୁ ଅଭିଯୋଗ କଲେ ଚାଷୀ



ପାଟଣା **୧୨/୨ (ନି.ପ୍ର):** ପାଣି ପଞ୍ଚାୟତ ପକ୍ଷ ପାଳନ ସମୟରେ ଅଞ୍ଚଳ ର ଚାଷୀ ମାନଙ୍କୁ କାନଝରୀ ଡାହାଣ ପଟ କେନାଲ ରେ ପ୍ରତି ୭ ଦିନ ବ୍ୟବଧାନ ରେ ମଇ ମାସ ପର୍ଯ୍ୟନ୍ତ ପାଣି ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା ।ଅଧିକାରୀ ଙ୍କ କଥା ଉପରେ ଭରସା କରି ଶହଶ୍ରାଧିକ ଚାଷୀ ଧାନ , ସୂର୍ଯ୍ୟମୁଖୀ, ଆଳୁ, ସୋରିଷ, ଆଦି ବିଭିନ୍ନ ଚାଷ କାମକୁ ଆଗେଇ ନେଉଥିଲେ ।ଏପରିକି ରାଜ୍ୟରେ ଧାନ ଫସଲ ଏକ ଲାଭ ଜନକ ଫସଲ ସାବ୍ୟସ୍ତ ହୋଇଥିବାରୁ ଶହ ଶହ ଚାଷୀ ଧାନ ତଳି ପକାଇ ବିଲ ରୋଇବା ପାଇଁ ଅପେକ୍ଷାରେ ମଧ୍ୟ ଅଛନ୍ତି ।ଏଭଳି ସ୍ଥିତି ରେ କାନଝରୀ ଡାହାଣ ପଟ କେନାଲ ରେ ଠିକ୍ ସମୟରେ ପାଣି ଛଡ଼ା ଯାଉ ନଥିବାରୁ ତଳି ଉତ୍ପାଦନ ଉପରେ ମଧ୍ୟ ଏହାର ପ୍ରଭାବ ପଡୁଛି ।ଏଭଳି ସ୍ଥିତି ରେ ପୋଇପାଣି, ଗୋପପୁର, ମଥୁରାପଶି, ଭଣ୍ଡାରିପଶି , ଦ୍ୱାରିକାପଶି, ସରାସପଶି ,ବାରିଗାଁ , କାଠବାରି ,ଲକ୍ଷ୍ମୀପଶି, ଭୋଦବାହାଳି, କୁମୁଳାବାହାଳି ଆଦି ଗ୍ରାମ ର ଚାଷୀ ମାନଙ୍କ ବିଲ କୁ ପାଣି ନଆସିଲେ ସେମାନଙ୍କ ମୁଣ୍ଡରେ ଥିବା ଋଣ ବୋଝ କେମିତି ଶୁଝିବେ ବୋଲି ସେମାନେ ଚିନ୍ତାରେ ପଡିଛନ୍ତି । କାନଝାରୀ ଡାହାଣ ପଟ କେନାଲ ଉପରେ ନିର୍ଭରଶିଳ ଚାଷୀମାନେ ପାଣି ଅଭାବରୁ ତଳି ଓପାଡ଼ି ପାରୁନଥିବା ଓ ଧାନ ରୋଇବା ମଧ୍ୟ ଆରମ୍ଭ କରିନାହାନ୍ତି ।ଏ ନେଇ ଆଜି ତୋରାଣିପୋଖରୀ, ସରାସପଶି ଆଦି ପଞ୍ଚାୟତ ରେ ଶହ ଶହ ଚାଷୀ ଙ୍କ ସହ ତୋରାଣିପୋଖରୀ ସରପଞ୍ଚ ଜନାର୍ଦ୍ଦନ ନାଏକ ,ଅଗ୍ରଣୀ ଚାଷୀ ଧନୁର୍ଜୟ ମହାନ୍ତ ,ବିପିନ ବିହାରୀ ସାହୁ , ତ୍ରିଲୋଚନ ମହାନ୍ତ, ମହେନ୍ଦ୍ର ମହାନ୍ତ, କୈଳାସ ମହାନ୍ତ, ପ୍ରମୁଖ କାନଝରୀ ଡ୍ୟାମ ଦାୟୀତ୍ୱ ରେ ଥିବା କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଙ୍କୁ ଏକ ଦାବିପତ୍ର ଡ୍ୟାମ ଦାୟିତ୍ୱ ରେ ଥିବା ଏସ୍ ଡି ଓ ଙ୍କ ଜରିଆ ରେ ଦେଇଛନ୍ତି । ପ୍ରତିଶ୍ରୁତି ଅନୁଯାୟୀ ମଇ ମାସ ଶେଷ ପର୍ଯ୍ୟନ୍ତ ୭ ଦିନ ଅନ୍ତରରେ ଡାହାଣପଟ କେନାଲ ରେ ପାଣି ଛାଡ଼ିବାକୁ ସେମାନେ ଦାବି ରଖିଛନ୍ତି ।

# ଜାମଦା ବ୍ଲକସ୍ତରୀୟ ବାର୍ଷିକ ସତସଙ୍ଗ ଉତ୍ସବରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ବାଣୀ ପ୍ରଦାନ



ମୟୂରଭଞ୍ଜ/ଜାମଦା **୧୨/୨ (ନି.ପ୍ର):** ମଣିଷ ମଣିଷ ମଧ୍ୟରେ ଅବିଶ୍ୱାସର ବହ୍ନି ପ୍ରଜ୍ୱଳିତ ହୋଇଉଠିଛି ଓ ଜନସମାଜ ପଥଭ୍ରଷ୍ଟ ହୋଇଛନ୍ତି ଠିକ୍ ସେତିକିବେଳେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ବାଣୀ ଦିଗଦର୍ଶନ ପ୍ରଦାନ କରିଛି ବୋଲି ବଶିଷ୍ଟ ବକ୍ତାମାନେ ମତ ପ୍ରକାଶ କରିଛନ୍ତି ଓ ଗତ ରବିବାର ୯ତାରିଖ ଜାମଦା ସତସଙ୍ଗ କେନ୍ଦ୍ର ଆନୁକୂଲ୍ୟରେ ଜାମଦା ବ୍ଲକସ୍ତରୀୟ ୭ମ ବାର୍ଷିକ ଉତ୍ସବ ଓ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ୧୩୭ତମ ଜନ୍ମଉତ୍ସବ ମହା ସମାରୋହରେ ଜାମଦା କୀର୍ତ୍ତନ ମଣ୍ଡଳୀ ପଡିଆଠାରେ ଅନୁଷ୍ଠିତ ହୋଇଥିଲା ଓ ବ୍ରାହ୍ମମହୁର୍ତ୍ତରେ ବେଦ ମାଙ୍ଗଳିକ, ପ୍ରତ୍ୟୁଷରେ ଉପାକର୍ମନ, ପ୍ରାତଃ ୬ ଘଟିକା ୧୩ ମିନିଟରେ ଉଷାବିନତୀ, ୭ଘଟିକା ୩୦ ମିନିଟରେ ସଙ୍ଗିତାଞ୍ଜଳୀ ଅନୁଷ୍ଠିତ ହୋଇଥିଲା ଓ ୯ ଘଟିକା ୩୦ ମିନିଟରେ ଶ୍ରୀ ଶ୍ରୀ ଠାକୁର ଙ୍କ ସୁସଜ୍ଜିତ ବିଗ୍ରହ ସହ ସଂକୀର୍ତ୍ତନ ଓ ନଗର ପରିକ୍ରମା କରିଥିଲେ ଓ ସ୍ଥାନେ ସ୍ଥାନେ ଫମାଧ୍ୱ ମାନେ ଫୁଲ ଦୀପ ଦେଇ ରଥକୁ ସ୍ୱାଗତ କରିଥିଲେ ଓ ଉତ୍ସବରେ ସଭାପତିତ୍ୱ କରିଥିଲେ ଗୋଲକ ବିହାରୀ ଆଚାର୍ଯ୍ୟ (ସ.ପ୍ର.ର) , ଅନ୍ୟାନ୍ୟ ବକ୍ତାମାନଙ୍କ ମଧ୍ୟରୁ ସୁରେନ୍ଦ୍ର ନାଥ ନାଏକ (ଯାଜକ), ପ୍ରଭାକର ଦଳେଇ (ସ.ପ୍ର.ର), ନବୀନ କୁମାର ଆଚାର୍ଯ୍ୟ, ନିଗମାନନ୍ଦ ପଟ୍ଟନାୟକ (ସ.ପ୍ର.ର) ଓ ମଞ୍ଚାସୀନ ଅନ୍ୟାନ୍ୟ କର୍ମୀମାନଙ୍କ ମଧ୍ୟରୁ ଦେବେନ୍ଦ୍ର ନାଥ ମହାନ୍ତ (ସ.ପ୍ର.ର), ଜ୍ୟୋତି କିଶୋର ଦଳେଇ (ସ.ପ୍ର.ର), ଧର୍ମଯାଜକ ମାନେ ହେଲେ ସର୍ବଶ୍ରୀ ଅନ୍ତର୍ଯ୍ୟାମୀ ନାଏକ, କାର୍ତ୍ତିକ ଚରଣ ମହାନ୍ତ, ପ୍ରଫୁଲ୍ଲ କୁମାର ମହାନ୍ତ, ବୃନ୍ଦାବନ ମହାନ୍ତ, ମନମଥ ମହାନ୍ତ, ପରେଶ ଚନ୍ଦ୍ର ଗିରି, ସରୋଜ କୁମାର ଗିରି, ତ୍ରିନାଥ ମହାନ୍ତ, ଗଗନଧ୍ୱଜ ମହାନ୍ତ, ବିରେନ୍ଦ୍ର ସାହୁ ପ୍ରମୁଖ ଓ ଏଥିରେ ସତ୍ୟାନୁସରଣ ପାଠ କରିଥିଲେ ଦେବାଶୀଷ ସେଠୀ, ଭଜନ ଓ କୀର୍ତ୍ତନ ପରିବେଷଣ କରିଥିଲେ ଅରୁଣ କୁମାର ଦେହୁରୀ, ଦେବୀରାଣୀ ନାଏକ, ରାମେଶ୍ୱର ସାହୁ, ମହିର ମହାପାତ୍ର, ବିଭୂତି ଜ୍ୟୋତିଷୀ ଓ ମଳୟ ଦତ୍ତ ପ୍ରମୁଖ ଓ ବକ୍ତାମାନେ କହନ୍ତି ଶ୍ରୀ ଶ୍ରୀ ଠାକୁର ପ୍ରଥଭ୍ରଷ୍ଟମାନଙ୍କ ଜ୍ଞାନ ଚକ୍ଷୁ ଉନ୍ମୋଚନ କରିବା ପାଇଁ ଯେଉଁ ସତନାମ ଦେଇ ଯାଇଛନ୍ତି ତାହାର ଜପ ଫଳରେ ଭକ୍ତି ଓ ପ୍ରେମରସ ଦ୍ୱାରା ବାସ୍ତବ ଶାନ୍ତି ଓ ସୁଖ ମିଳିପାରିବ ଓ ଶ୍ରୀ ଶ୍ରୀ ଠାକୁର ଙ୍କୁ ନେଇ ଚାଲୁଥିବା ଭାଇମାନେ ଦୈନଦିନ ଜୀବନରେ କଅଣ ଭୂଲ ଅର୍ଜନ କରିଛନ୍ତି , ଏହା ଉପରେ ଠାକୁରଙ୍କର କଅଣ ସମାଧାନ ଅଛି , ସେ ସମ୍ପର୍କରେ ଆମ୍ଭେ ପ୍ରତି ଆତ୍ମସମୀକ୍ଷା କରିବା ଉଚିତ ବୋଲି କହିଥିଲେ ଓ ବର୍ତ୍ତମାନ ଯୁଗରେ ଗୁରୁ ଗ୍ରହଣର ଆବଶ୍ୟକତା ଉପରେ ଗୁରୁତ୍ୱଆରୋପ କରିଥିଲେ ଓ ଏହି କାର୍ଯ୍ୟକ୍ରମରେ ଉଷାକୀର୍ତ୍ତନ, ନଗରକୀର୍ତ୍ତନ ଓ ଆନନ୍ଦ ବଜାର, ଠାକୁର ମଣ୍ଡପ ତଥା ବିଭିନ୍ନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ସର୍ବଶ୍ରୀ ଗଣେଶ କିଙ୍କର ପରିଡା, ପଦ୍ମନାଭ ପୁଷ୍ଟି, ଭାସ୍କର ପ୍ରତୀଶ ପଟ୍ଟନାୟକ, ପରେଶ ପାତ୍ର, ଅଭିନାଶ ପାତ୍ର, ବୁଧିରାମ ସିଙ୍କୁ, ଦୀପୁ ନାରାୟଣ ପାତ୍ର, ନବୀନ ଦାସ ଓ ହୀରାଲାଲ ପାତ୍ର ପ୍ରମୁଖ ଓ ପରିଶେଷରେ ୧୦ ଜଣ ସତମନ୍ତ୍ର ଗ୍ରହଣ କରିଥିବା ବେଳେ ୮ ଶହରୁ ଉର୍ଦ୍ଧ ଭକ୍ତ ଯୋଗ ଦେଇ ଆନନ୍ଦ ବଜାର (ଭଣ୍ଡାରା) ପ୍ରସାଦ ସେବନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲାର ଯଶିପୁର, କରଂଜିଆ, ଠାକୁରମୁଣ୍ଡା, ରରୁଆଁ, ଶୁକ୍ରୁଳି, ରାଇରଙ୍ଗପୁର, ବିଶୋଇ, ବହଳଦା, ତାରଣା, ବଡତାଳିମା ପ୍ରମୁଖ ସ୍ଥାନରୁ ମା ଓ ଭାଇ ମାନେ ଯୋଗଦାନ କରିଥିଲେ।

# ସ୍ୱାମ ପାଟଣା ଆଞ୍ଚଳିକ ମହାବିଦ୍ୟାଳୟ ରେ ପୁରସ୍କାର ବିତରଣ ସମାରୋହ




ପାଟଣା **୧୨/୨ (ନି.ପ୍ର):** ପାଟଣା ବ୍ଲକ ମୁଖ୍ୟାଳୟ ସ୍ୱାମ ପାଟଣା ଆଞ୍ଚଳିକ ମହାବିଦ୍ୟାଳୟ ର ପୁରସ୍କାର ବିତରଣ ସମାରୋହ ଗତକାଲି ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି ।ଅଧ୍ୟକ୍ଷ ବିରେନ୍ଦ୍ର କୁମାର ସାହୁ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ସମାରୋହରେ ମହାବିଦ୍ୟାଳୟ ର ପ୍ରତିଷ୍ଠାତା ସମ୍ପାଦକ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଇଂ ବିଦ୍ୟାଧର ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।ଏନସିସି ଅଧିକାରୀ କ୍ୟାପଟେନ ଧର୍ମେନ୍ଦ୍ର କୁମାର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଅଶ୍ୱିନୀ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।ସମ୍ମାନୀତ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ଯୁଧିଷ୍ଠିର ମହାନ୍ତ, ଅଧ୍ୟାପକ ଜଗନ୍ନାଥ ମହାନ୍ତ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେବା ସହିତ ପୁରସ୍କାର ବିତରଣ କରିଥିଲେ ।ମହାବିଦ୍ୟାଳୟ ପକ୍ଷରୁ ଯୁକ୍ତ ତିନି ର ଶ୍ରେଷ୍ଠ ଛାତ୍ରୀ ଲିପ୍ସା ରାଣୀ ମହାନ୍ତ ଓ ଯୁକ୍ତ ଦୁଇ ର ଶ୍ରେଷ୍ଠ ଛାତ୍ରୀ ଭାମାମଣି ମହାନ୍ତ ଙ୍କୁ ଦୀପ୍ତି ମେମୋରିଆଲ ପୁରସ୍କାର ଓ ଯୁକ୍ତ ତିନି ର ଶ୍ରେଷ୍ଠ ଛାତ୍ର ଶୁଭ ପ୍ରକାଶ ମହାନ୍ତ ଙ୍କୁ ଅନିରୁଦ୍ଧ ମେମୋରିଆଲ ପୁରସ୍କାର ପ୍ରଦାନ କରାଯାଇଥିଲା ।ସେହିପରି ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ଶାନ୍ତିଲତା ମହାନ୍ତ ,ଶ୍ରେଷ୍ଠ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଯୁକ୍ତ ଦୁଇ ର ଶାନ୍ତିଲତା ବେହେରା ଓ ଯୁକ୍ତ ତିନି ର ଦେବବ୍ରତ ବେହେରା ଙ୍କୁ ପୁରସ୍କାର ପ୍ରଦାନ ସହ ଶତାଧିକ କୃତି ପ୍ରତିଯୋଗୀ ଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ବେଆଇନ ବାଲି ଚାଲାଣ ଉପରେ ଚଢ଼ାଉ, ଏକ ଲକ୍ଷ ଟଙ୍କା ଜୋରିମାନା ଆଦାୟ



କର୍ଲାମୁଣ୍ଡା **୧୨/୨ (ନି.ପ୍ର):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକର ଦୁଇଟି ନଦୀଘାଟ ରେ ଆଜି ଖଣି ଓ ରାଜସ୍ୱ ବିଭାଗର ମିଳିତ ଏନଫୋର୍ସମେଣ୍ଟ ଟିମ ବେଆଇନ ଭାବେ ବାଲି ନେଉଥିବା ଚାରିଟି ଟ୍ରାକ୍ଟର କୁ ଚଢ଼ାଉ କରି ଏକ ଲକ୍ଷ ଟଙ୍କା ଫାଇନ ଆଦାୟ କରିଥିବା ଜଣାପଡିଛି। ଜିଲ୍ଲା ଖଣି ଅଧିକାରୀ ମୁରଲୀଧର ନାୟକ ଓ ତହସିଲଦାର ଅରୁଣ ବର୍ଗେ ଙ୍କ ନେତୃତ୍ୱ ରେ ଏହି ଟିମ ରେଗଡା ଠାରେ OD 08B4101,ODO8W9957,ତେରେସିଙ୍ଗା ଠାରେ ODO8 4821,ODO8S7648 ଟ୍ରାକ୍ଟର କୁ ଚଢ଼ାଉ କରି ପ୍ରତ୍ୟେକ ଗାଡି କୁ ପଚିଶ ହଜାର ଟଙ୍କା ଲେଖାଏଁ ଫାଇନ କାଟିଥିଲେ । ତେରେ ସିଂହା ନଦୀ ଘାଟ ର ନିଲାମ ବାତିଲ କରିଥିବା ଜଣାଯାଇଛି।

# ଶ୍ରୀଦେବୀ ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କ ବିଦାୟୀ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ

ଫୁଲବାଣୀ , ୧୨/୨ : କନ୍ଧମାଳ ଜିଲ୍ଲାର ସଦର ଫୁଲବାଣୀ ବ୍ଲକ ଅନ୍ତର୍ଗତ ଐତିହାସିକ କିମ୍ବଦନ୍ତୀ ପୂର୍ଣ୍ଣ ତତ୍କାଳୀନ ଫୁଲବାଣୀ ଜିଲ୍ଲାର ପ୍ରଥମ ଜିଲ୍ଲା ହେଡ଼ କ୍ବାଟର ଭାବେ ପରିଚିତ ବିଶିପଡା ଗ୍ରାମ ପଂଚାୟତ ସ୍ଥିତ ଶ୍ରୀଦେବୀ ଉଚ୍ଚବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ସଞ୍ଜୟ କୁମାର ସାହୁ ସରକାର ଙ୍କର ନିୟମ ପ୍ରକାରେ ଗତ ୩୧ ଜାନୁୟାରୀ ୨୦୨୫ ତାରିଖରେ ଅବସର ଗ୍ରହଣ କରିଯାଇଛନ୍ତି । ହେଲେ ଆଜି ଶ୍ରୀଦେବୀ ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଶ୍ରୀ ସୁକାନ୍ତ କୁମାର ବେହେରା ଓ ଆମ ସ୍କୁଲ ଅଭିଯାନ କମିଟି ର ସଭାପତି ଶ୍ରୀ ରଂଜିତ କୁମାର ବେହେରା ଙ୍କ ସହିତ ବିଦ୍ୟାଳୟ ର ପୂର୍ବତନ ଛାତ୍ର ଛାତ୍ରୀ ତଥା ପ୍ରଥମ ବ୍ୟାଚ, ଦ୍ୱିତୀୟ ବ୍ୟାଚ ତୃତୀୟ ବ୍ୟାଚ ସମେତ ଅନ୍ୟ ସମସ୍ତ ଛାତ୍ର ଛାତ୍ରୀଙ୍କ ମିଳିତ ଉଦ୍ୟମରେ ବିଦ୍ୟାଳୟ ପରିସର ମଧ୍ୟରେ ସମସ୍ତ ଛାତ୍ର ଛାତ୍ରୀ,ପୁରାତନ ଛାତ୍ର ଛାତ୍ରୀ, ତଥା ଅଭିଭାବକ ମଣ୍ଡଳୀ, ସମେତ ବିଦ୍ୟାଳୟର ଭେଟେରାନ ଶିକ୍ଷକ ତଥା ବର୍ତ୍ତମାନର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ଚତୁର୍ଭୁଜ ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଏଭଳି ବିଦାୟୀ କାଳୀନ ସମ୍ବର୍ଦ୍ଧନା ସଭାରେ ଅନୁଷ୍ଠାନ ର , ବିଜ୍ଞାନ ବିଭାଗର ଶିକ୍ଷକ ଶ୍ରୀ ସନ୍ତୋଷ କୁମାର ପ୍ରଧାନ ଏବଂ ସଂସ୍କୃତ ବିଭାଗର ଶିକ୍ଷକ ଶ୍ରୀ ରଞ୍ଜନ କୁମାର ମିଶ୍ର , ବିଶିପଡା ପଂଚାୟତ ର ପୂର୍ବତନ ସରପଞ୍ଚ ଶ୍ରୀଦେବୀ ତଥା ବିଦ୍ୟାଳୟ ର ପୂର୍ବତନ ସଭାପତି ତଥା ବରିଷ୍ଠ ସାମ୍ବାଦିକ ଶ୍ରୀ କ୍ଷୀରୋଦ କୁମାର ସାହାଣୀଙ୍କ ଉପସ୍ଥିତି ରେ ଏକ ଦୁଃଖଦ ପୂର୍ଣ୍ଣ ବିଦାୟୀ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ସୂଚନା ପ୍ରକାରେ ଶ୍ରୀଦେବୀ ଉଚ୍ଚ ବିଦ୍ୟାଳୟରେ ଅତି ସ୍ୱଳ୍ପ ଦରମାରେ ଶ୍ରୀ ସଞ୍ଜୟ କୁମାର ସାହୁ ପ୍ରଧାନ ଶିକ୍ଷକ ଭାବେ ବିଦ୍ୟାଳୟ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିଲେ , ଓ ସେହି ଦିନଠାରୁ ବିଦ୍ୟାଳୟର ଉର୍ନ୍ନତି ସମେତ ଛାତ୍ର ଛାତ୍ରୀ ମାନଙ୍କ ପ୍ରତି ଶିକ୍ଷାଦାନ କରିବାରେ କେବେ ମଧ୍ୟ ଅବହେଳା ପ୍ରଦର୍ଶନ କରିନହାନ୍ତି କି ତାଙ୍କର ଦାୟିତ୍ୱ ତୁଲାଇବାରେ କୌଣସି ତ୍ରୁଟି ରଖିଯାଇ ନାହାନ୍ତି, ସେ ଜଣେ ଉଚ୍ଚ କୋଟିର ଅଭିଜ୍ଞ ତଥା ଇଂରାଜୀ ବିଭାଗର ବରିଷ୍ଠ ଶିକ୍ଷକ ଭାବେ ନିଷ୍ଠାର ସହିତ ତାଙ୍କର ଦାୟିତ୍ୱ ତୁଲାଇ ଆସିଛନ୍ତି ଓ ବିଦ୍ୟାଳୟର ଛାତ୍ର ଛାତ୍ରୀ ତଥା ଅଭିଭାବକ ମଣ୍ଡଳୀ, ଗ୍ରାମବାସୀ ଙ୍କର ହୃଦୟ ଜୟ କରିବାରେ ସକ୍ଷମ ହୋଇପାରିଥିଲେ, ଯାହାକି ଆଜି ତାଙ୍କର ବିଦାୟୀ କାଳୀନ ସଭାରେ ତାଙ୍କ ପ୍ରତି ଥିବା ଶ୍ରଦ୍ଧା ସନମାନ ପ୍ରତିଫଳନ ହୋଇଥିଲା ଓ ଶ୍ରୀ ସାହୁ ସମସ୍ତଙ୍କର ଶ୍ରଦ୍ଧା ଭାଜନ ହୋଇପାରିଥିବା ଦେଖିବାକୁ ମିଳିଥିଲା । ସରକାର ତଥା ଶିକ୍ଷା ବିଭାଗର ନିୟମ ପ୍ରକାରେ ଜଣେ ନିଯୁକ୍ତି ପାଇଲା ପରେ ଦିନେ ଚାକିରିରୁ ନିଶ୍ଚିତ ଅବସର ଗ୍ରହଣ କରିବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ, ହେଲେ ବର୍ତ୍ତମାନ ଶ୍ରୀଦେବୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ମାନେ ଜଣକ ପରେ ଜଣେ ଶିକ୍ଷକ ଅବସର ଗ୍ରହଣ କରିବାରେ






ଲାଗିଛନ୍ତି, ଯାହାକି ବିଦ୍ୟାଳୟ ଓ ଛାତ୍ର ଛାତ୍ରୀମାନଙ୍କ ମନୋବଳ କୁ ଦୁର୍ବଳ କରିବାରେ ଲାଗିଛି, ଆଗକୁ ପିଲାଙ୍କର ବାର୍ଷିକ ପରୀକ୍ଷା ରହିଥିବା ବେଳେ କିଭଳି ଶିକ୍ଷାଦାନ କରାଯାଇ ପାରିବ ତାହା ହିଁ ବର୍ତ୍ତମାନ ଚିନ୍ତାର ବିଷୟ ଅଟେ,ତେଣୁ ଜିଲ୍ଲା ଶିକ୍ଷାଧିକାରୀ ଏହି ବିଦ୍ୟାଳୟ ପ୍ରତି ଦୃଷ୍ଟି ଦେଇ ଖାଲିପଡିଥିବା ପଦବୀ ଗୁଡିକରେ ଶିକ୍ଷକ ନିଯୁକ୍ତି କଲେ ଅଧ୍ୟୟନ ରତ ଛାତ୍ର ଛାତ୍ରୀ ମାନେ ଶିକ୍ଷାଦାନ କ୍ଷେତ୍ରରେ ଲାଭବାନ ହୋଇପାରିବେ ବୋଲି ଉପସ୍ଥିତି ଥିବା ବୁଦ୍ଧିଜୀବୀ ଅଭିଭାବକ ମଣ୍ଡଳୀ ନିଜନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଓ ଶେଷରେ ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକ ଶ୍ରୀ ସଞ୍ଜୟ କୁମାର ସାହୁଙ୍କୁ ପ୍ରଥମ ବ୍ୟାଚର ଛାତ୍ର ଛାତ୍ରୀ ମାନେ ସମସ୍ତେ ବିଭିର୍ଣ୍ଣ ପ୍ରକାର ଉପହାର ପ୍ରଦାନ କରି ଅଶ୍ରୁଳ ପୂର୍ଣ୍ଣ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିବାର ଦେଖିବାକୁ ମିଳିଥିଲା । ଚଳିତ ବିଦାୟୀ କାଳୀନ ସମ୍ବର୍ଦ୍ଧନା ସଭାରେ ଏକ ନିଆରା ଘଟଣା ଦେଖିବାକୁ ମିଳିଥିଲା, ବିଦ୍ୟାଳୟର ଜଣେ ପୂର୍ବତନ ଛାତ୍ରୀ ତଥା ବର୍ତ୍ତମାନ ପୁରୀ ଜିଲ୍ଲା ରେଭେନ୍ୟୁ ବିଭାଗର ଜଣେ ଦାୟିତ୍ୱ ସମ୍ପନ୍ନ ଅଧିକାରୀ ଭାବେ କାର୍ଯ୍ୟରତ ଓ ସେ ମହାପ୍ରଭୁ ଜଗନ୍ନାଥ ଙ୍କର ମହାପ୍ରସାଦ ଆଣି ବିଦାୟୀ କାଳୀନ ସଭାରେ ଉପସ୍ଥିତି ଶତାଧିକ ଛାତ୍ର ଛାତ୍ରୀ ସମେତ ଅଭିଭାବକ ମଣ୍ଡଳୀଙ୍କୁ ଉପହାର ଦେଇଥିଲେ, ଯାହାକି ଅନୁପମାନଙ୍କ ହାତରୁ ମହାପ୍ରସାଦ ପାଇ ସମସ୍ତେ ବହୁତ ଆନନ୍ଦିତ ହୋଇଥିଲେ । ଶ୍ରୀ ସାହୁ ବାବୁଙ୍କୁ ବିଦାୟୀ କାଳୀନ ସମ୍ବର୍ଦ୍ଧନା ଜ୍ଞାପନ ସମୟରେ ସମସ୍ତେ ଭାବ ବିହ୍ୱଳ ହୋଇପଡ଼ିଥିଲେ । ଆଜିର ବିଦାୟୀକାଳୀନ ସମ୍ବର୍ଦ୍ଧନା ସଭାରେ ସନମାନୀତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଶ୍ରୀ ଭଗବାନ ସାହୁ ଶ୍ରୀ ରାମଚନ୍ଦ୍ର ବିଶୋଇ, ଶ୍ରୀମତୀ ଲିଲି ବାରିକ,ପୂର୍ଣ୍ଣ ଚନ୍ଦ୍ର ସାହୁ, ରବୀନ ପ୍ରଧାନ, ପୂର୍ବତନ ଖେଳ ଶିକ୍ଷକ ଶ୍ରୀ ଅଭିମନ୍ୟୁ ସ୍ୱାଇଁ, ଶ୍ରୀ ରଞ୍ଜନ କୁମାର ମହାନ୍ତି,ଶ୍ରୀ ଚିତ୍ତରଞ୍ଜନ ସାହାଣୀ ସମେତ ଅନ୍ୟ ସମସ୍ତ ଅଭିଭାବକ ମଣ୍ଡଳୀ, ବୁଦ୍ଧିଜୀବୀ ଉପସ୍ଥିତ ଥିବା ବେଳେ ବର୍ତମାନ ବିଦ୍ୟାଳୟର ଭାରପ୍ରାପ୍ତ ବରିଷ୍ଠ ପ୍ରଧାନ ଶିକ୍ଷକ ଶ୍ରୀ ଚତୁର୍ଭୁଜ ବେହେରା ସଭାରେ ପୌରହିତ୍ୟ କରିବା ସହିତ ପୂର୍ବତନ ଛାତ୍ର ତଥା ବର୍ତ୍ତମାନ କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ ଅନ୍ତର୍ଗତ ଲାଇନ ପଡା ବିବି ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀ ସୋମନାଥ ସାହାଣୀ ଆଜିର ଦୁଃଖଦଃ ପୂର୍ଣ୍ଣ ବିଦାୟୀକାଳୀନ ସମ୍ବର୍ଦ୍ଧନା ସଭାକୁ ଅତି ସୁନ୍ଦର ଭାବେ ପରିଚାଳନା କରିଥିଲେ, ଏବଂ ଏ ସମସ୍ତ କାର୍ଯ୍ୟକ୍ରମ କୁ ଶ୍ରୀ ଶାନ୍ତନୁ କୁମାର ସାହାଣୀ, ପ୍ରକାଶ ସାହାଣୀ,ଶ୍ରୀ ପ୍ରକାଶ ପ୍ରଧାନ, ସସ୍ମିତା ସାହାଣୀ, ଯୁବତୀ ପ୍ରଧାନ, ମାମିନା ମହାକୁଡ଼, ଅଳକା ବାରିକ,ଶ୍ରୀ ସୁକାନ୍ତ କୁମାର ବେହେରା, ଶ୍ରୀ ସଞ୍ଜୟ ସାହାଣୀ, ମିନି ସାହୁ, ହେଇପ୍ରିୟା ସାହାଣୀ, ସୁନନ୍ଦା ଦଳେଇ, ସୁକାନ୍ତି ସାହାଣୀ,ନିରୁପମା ପ୍ରଧାନ, ଦେବରାଜ ସାହାଣୀ, ସିଦ୍ଧାର୍ଥ ଶଙ୍କର ସାହୁ, ରାମଚନ୍ଦ୍ର ସାହୁ, ଶଶୀଭୁଷଣ ବିଶୋଇ, ତନୁଶ୍ରୀ ତନୟା ମଞ୍ଜରୀ ସାହାଣୀ, ପ୍ରୀତିଲତା ସାହାଣୀ,ରୀନା ମିଶ୍ର,ରାଜା ବେହେରା, ଦୀପକ ସାହାଣୀ ପ୍ରମୁଖ ଙ୍କ ସହିତ ଅନ୍ୟ ସମସ୍ତ ପୁରାତନ ଛାତ୍ର ଛାତ୍ରୀ ମାନେ ଏହି ବିଦାୟୀ କାଳୀନ ସମ୍ବର୍ଦ୍ଧନା ସଭାରେ ସକ୍ରିୟ ଅଂଶ ଗ୍ରହଣ କରିଥିବାର ଦେଖିବାକୁ ମିଳିଥିଲା

# ଯାଜପୁର ଜିଲ୍ଲା ମହୋତ୍ସବ - ୨୦୨୫ ରେ କବି ସମ୍ମିଳନୀ ଓ କବିତା ପାଠୋତ୍ସବ

**ଯାଜପୁର,୧୨/୨ (ନି.ପ୍ର):** ଯାଜପୁର ଜିଲ୍ଲା ମହୋତ୍ସବ - ୨୦୨୫ ରେ ପ୍ରାଧାପକ ଶ୍ରିହରି ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କବି ସମ୍ମିଳନୀ ଓ କବିତା ପାଠୋତ୍ସବର ପ୍ରଥମ ଅଧିବେଶନ ଯାଜପୁର ଜିଲ୍ଲାପାଳ ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡୀଙ୍କ ଦ୍ୱାରା ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ ଉଦ୍ଘାଟିତ ହୋଇଯାଇଅଛି । ଉଦଘାଟକ ଶ୍ରୀମତୀ ରେଡ୍ଡୀ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ମା ବିରଜାଙ୍କ ଫଟୋରେ ମାଲ୍ୟାର୍ପଣ କରି ଉତ୍ସବକୁ ଉଦଘାଟନ କରିଥିଲେ । କବି ପ୍ରଭାତ କୁମାର ମଲ୍ଲିକ ଅତିଥି ମାନଙ୍କ ସ୍ୱାଗତ ସହ କବି ଜିତେନ୍ଦ୍ର ବେହେରା ପରିଚୟ ପ୍ରଦାନ କରିଥିଲେ । କବି ହୃଷିକେଶ ପତି ସ୍ତୋତ୍ର ପାଠ କରିଥିଲେ । ଉଦଘାଟକ ଶ୍ରୀମତୀ ରେଡ୍ଡୀ ଯାଜପୁର ଜିଲ୍ଲା ମହୋତ୍ସବ - ୨୦୨୫ ସାହିତ୍ୟ, ସଂସ୍କୃତି ଓ କଳାତ୍ମକ ସୃଜନତାର ବାର୍ତ୍ତାବହ, କବିତା ପାଠୋତ୍ସବ ପୁରାତନ ଓ ନୂତନତାର ସମ୍ମିଶ୍ରିତ ମାର୍ଗ ଦର୍ଶକ, କବିତା, ସ୍ରଷ୍ଟା ଓ ସୃଷ୍ଟିର ହୃଦୟର ନିଭୃତ ଅଭିବ୍ୟକ୍ତି ବୋଲି ଉଲ୍ଲେଖ କରିବା ସହିତ ଉତ୍ତମ ଅଭିବ୍ୟକ୍ତି ଗୁଡ଼ିକୁ ସୁନ୍ଦର ଭାବେ ସଜାଇ ରଖି ପ୍ରକାଶ କରିବାର ପ୍ରତିଶ୍ରୁତି ସେ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାରସ୍ୱତ ସାଧକ ଡ. ରବୀନ୍ଦ୍ର ବିହାରୀ ଯୋଗଦେଇ କବିତାର ପୃଷ୍ଠ ଭୂମି, ଓ ତାର ସାହିତ୍ୟିକ ଚେତନା କିପରି କିପରି ପ୍ରାଣ ଓ ମନକୁ ଆନ୍ଦୋଳିତ କରି ପାଠକୀୟ ଆଦୃତି ଲାଭ କରିବ ତାର ଉଦାହରଣ ପ୍ରଦାନ କରିଥିଲେ । ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସ୍ତମ୍ଭକାର ଶତ୍ରୁଘ୍ନ ପାଣ୍ଡବ ଯୋଗଦେଇ କବିତା ଲେଖିବା ହୁଏତ ସହଜ ହୋଇପାରେ କିନ୍ତୁ କବି ହେବା ଖୁବ୍ କଷ୍ଟକର । କବିତାର ଶ୍ରେଣୀ ବିଭାଗ କବିତା ଲେଖକ ଭାବରେ ସିକୃତି ଦିଏ, କିନ୍ତୁ କବି ନୁହେଁ ବୋଲି ଉଲ୍ଲେଖ କରିଥିଲେ । ସମ୍ମାନିତ ଅତିଥି ଭାବେ ଉପ ଜିଲ୍ଲାପାଳ ଲମ୍ବୋଦର ଖୁଣ୍ଟିଆ, ଅଧ୍ୟାପକ ସୁବ୍ରତ କୁମାର ଦାସ, ସାରସ୍ୱତ ସଂଯୋଜକ ସନ୍ତୋଷ କୁମାର ନନ୍ଦ ଯୋଗ ଦେଇ କବିତାର ସ୍ୱର, ପ୍ରାଣ ଓ ହୃଦୟରେ ଅଫୁରନ୍ତ ପୁଲକ ସୃଷ୍ଟି କରେ ବୋଲି କହିଥିଲେ । କବୟିତ୍ରୀ ଲକ୍ଷ୍ମୀପ୍ରିୟା ରାଉତରାୟ, କବୟିତ୍ରୀ ରଞ୍ଜିତା ଦାଶ, ସରସ୍ୱତୀ ପଣ୍ଡା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ଦ୍ୱିତୀୟ ଅଧିବେଶନ କବିତା ପାଠୋତ୍ସବରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ସାରସ୍ୱତ ସାଧକ ଡ. ସୂର୍ଯ୍ୟମଣି ଖୁଣ୍ଟିଆ ସଭାପତିତ୍ୱ କରିଥିଲେ । ବରୁଣେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ବିନ୍ଦୁରେଖା ମହାପାତ୍ର, ଯାଜପୁର ଓଡ଼ିଆ ଭାଷା ସମ୍ମେଳନର ସଭାପତି ଡ଼ା. ରୁଦ୍ର ନାରାୟଣ ପୃଷ୍ଟି, ଯାଜପୁରର ଆରକ୍ଷୀ ନିରୀକ୍ଷକ କବି ଶରତ ପାତ୍ର, କବୟିତ୍ରୀ ବନ୍ଦନା ସାହୁ, ସାରସ୍ୱତ ସଂଗଠକ ବିଭୂତି ମହାପାତ୍ର, ଜିତେନ୍ଦ୍ର ବେହେରା, କବି ପ୍ରଭାତ ମଲ୍ଲିକ ଅଧ୍ୟାପକ ସୁବ୍ରତ କୁମାର ଦାସ, ପ୍ରମୁଖ ସଂଯୋଜନା କରିଥିଲେ । କବି ରାମଚନ୍ଦ୍ର ଦାସ, ଭୁବନ ମୋହନ ମହାନ୍ତି, କବି ଶଶିଭୂଷଣ ସାମଲ, କବି ମନୋଜ କୁମାର ନାଥ, ମଧୁସୂଦନ ମହାପାତ୍ର, ବିଦ୍ୟୁତଲତା ଦାସ, ରମାକାନ୍ତ ନାୟକ, ଅଖିଳ ମୋହନ ଦାସ, ଓମ୍ ପଣ୍ଡା, ଚିରନ୍ତନୀ ସମ୍ପାଦିକା ସଂଯୁକ୍ତା ମହାପାତ୍ର, କବି ଅନିଲ ମହାନ୍ତି, କବି ରବୀନ୍ଦ୍ର ପରିଡା, କବି କୈଳାଶ ଚନ୍ଦ୍ର ସ୍ୱାଇଁ, ନାରାୟଣ ଦାସ, ସତ୍ୟ ମହାନ୍ତି, ମନୋଜ ନାୟକ, ସୁବାସ ମହାପାତ୍ର, ଅକ୍ଷୟ କୁମାର ବାରିକ, ପ୍ରଦୀପ କୁମାର ସାମଲ, ସନ୍ତୋଷୀ ତନୟା ନନ୍ଦ, ସ୍ନେହଲତା ବିଶ୍ୱାଳ, କାର୍ତ୍ତିକ ସ୍ୱାଇଁ, ନବଘନ ସ୍ୱାଇଁ, ସବିତା ନାୟକ, ସତ୍ୟବ୍ରତ ସାହୁ, ନମିତା ଓଝା, ଡ. ମହେଶ୍ୱର ଜେନା ସାମନ୍ତ, ସ୍ମୃତି କଳିକା ବେହେରା, ଅଜୟ କୁମାର ମଲ୍ଲିକ, ଅକ୍ଷୟ କୁମାର ସେଠୀ, ପ୍ରତିମା ରଥ, ଉମେଶ ଚନ୍ଦ୍ର ଜେନା, କବି ନାରାୟଣ ମହାଳିକ, ପ୍ରଦୀପ୍ତ କୁମାର ଦାସ, ପଦ୍ମାକର ଗୁରୁ, ଦିନେଶ ମଲ୍ଲିକ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । କବୟିତ୍ରୀ କମଳିନୀ ପାଗଳଙ୍କ ପୁସ୍ତକ 'ମୌନ ମନ୍ଦିର' କୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ । କବି ଦୟାନିଧି ନାୟକ କବି ସମ୍ମିଳନୀ ଓ କବିତା ପାଠୋତ୍ସବର ସମସ୍ତ ଅଧିବେଶନକୁ ପରିଚାଳନା କରିଥିଲେ । ବ୍ୟଙ୍ଗ କବି ବାଇଧର ମାଝୀ ଧନ୍ୟବାଦ୍ ଦେଇଥିଲେ ।

# ପବିତ୍ର ମାଘ ପୂର୍ଣ୍ଣିମାରେ ପ୍ରଭୁ ଗୋରେଖ ନାଥଙ୍କ ଜନ୍ମ ଉତ୍ସବ ମହାସମାରୋହରେ ଅନୁଷ୍ଠିତ




ଜଗତସିଂହପୁର ତା ୧୨/୨(ନିପ୍ର)ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅଧିନ କେରେକେରା ସ୍ଥିତ ପ୍ରସିଦ୍ଧ ବିଭୂତିକ୍ଷେତ୍ର ପ୍ରଭୁ ଗୋରେଖନାଥଙ୍କ ଜନ୍ମ ଉତ୍ସବ ବୁଧବାର ପବିତ୍ର ମାଘପୂର୍ଣ୍ଣିମା ଅଗ୍ନିଉତ୍ସବ ରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସର ପ୍ରାତଃ ରେ ମହାସ୍ନାନ ଓ ମଙ୍ଗଳ ଆଳତୀ, ଗୀତାଯଜ୍ଞ,କରାଯାଇ ପ୍ରଭୁଙ୍କୁ ଆବାହନ କରାଯାଇଥିଲା । ସଂଧ୍ୟାରେ ଆଳତୀ ଭଜନ କୀର୍ତ୍ତନ କରାଯିବାପରେ ରାତିରେ ପ୍ରତିଷ୍ଠିତ କଳାକାର ମାନଙ୍କ ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ଏହି ଜନ୍ମ ଉତ୍ସବରେ ୨୦ ହାଜାରରୁ ଉର୍ଦ୍ଧ ଭକ୍ତଙ୍କ ସମାଗମ ହୋଇ ପ୍ରଭୂଙ୍କ ଆଶୀଷ ଭିକ୍ଷା କରିଥିଲେ ।ସମସ୍ତ ଭକ୍ତ ମାନଙ୍କ ପାଇଁ ମନ୍ଦିର ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।ଏହି ଉତ୍ସବରେ ଦେବତ୍ତର ବିଭାଗର ଆସିଷ୍ଟାଣ୍ଟ କମିଶନର ଦିଲିପ କୁମାର ଶତପଥି, ପହଞ୍ଚି ଭକ୍ତ ମାନଙ୍କ ପାଇଁ ପିଠରେ କରାଯାଇଥିବା ସମସ୍ତ ବ୍ୟବସ୍ଥା କୁ ବୁଲି ଦେଖି ବା ସହ ସନ୍ତୋଷ ବ୍ୟକ୍ତ କରିଥିଲେ । ମଧ୍ୟାହ୍ନରେ ତିର୍ତ୍ତୋଲ ବିଧାୟକ ଡ଼ ରମାକାନ୍ତ ଭୋଇ ପିଠରେ ପହଞ୍ଚି ପ୍ରଭୁଙ୍କ ଆଶିଷ ଲାଭ କରି ଭକ୍ତମାନଙ୍କ ପାଇଁ କରାଯାଇଥିବା ବ୍ୟବସ୍ଥାକୁ ବୁଲି ଦେଖିଥିଲେ । ପିଠର ମୁଖ୍ୟ ପୂଜକ ଦିଲପ କୁମାର ପଣ୍ଡା ଓ ଜ୍ଞାନ ରଂଜନ ପଣ୍ଡା ଙ୍କ ପରିଚାଳନାରେ ପ୍ରଭୁଙ୍କର ସମସ୍ତ ପୂଜାବିଧି ସମାପନ ହୋଇଥିଲା । ଜଗତସିଂହପୁର ଦେବତ୍ତର ବିଭାଗର ଇନସ୍ ପେକ୍ଟର ପ୍ରଦିପ୍ତ ସାହୁ ଓ ହିସାବ ରକ୍ଷକ ସରୋଜ ସାହାଣୀ ପରିଚାଳନାରେ ସହଯୋଗ କରିଥିବା ବେଳେ ଆଇନିଜୀବୀ ଜୀବନ ବଲ୍ଲଭ ମହାନ୍ତି, କ୍ଷୀରୋଦ କୁମାର ମହାନ୍ତି, ପ୍ରଶାନ୍ତ କୁମାର ଭୂୟାଁ, ପ୍ରମୋଦ କୁମାର ମହାନ୍ତି, ପ୍ରଦୀପ୍ତ କୁମାର ମହାନ୍ତି,ରମେଶ ଚନ୍ଦ୍ର ମହାନ୍ତି, ସୁଶାନ୍ତ କୁମାର ଦାଶ ପ୍ରମୁଖ ଙ୍କ ପ୍ରତ୍ୟେକ୍ଷ ତତ୍ୱବଧାନରେ ସମସ୍ତ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ତିର୍ତ୍ତୋଲ ପୋଲିସ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇ ଟ୍ରାଫିକ ସମସ୍ୟା ଓ ଭିଡକୁ ନିୟନ୍ତ୍ରଣ କରାଯାଇଥିବା ବେଳେ ମାଜିଷ୍ଟ୍ରଟ ଭାବେ ତିର୍ତ୍ତୋଲ ଅତିରିକ୍ତ ତହସିଲ ଦାର ତପସ୍ୱୀନ ନାୟକ ଉପସ୍ଥିତଥିଲେ ।ଭକ୍ତମାନଙ୍କ ପାଇଁ ମନ୍ଦିର ପ୍ରଶାସନ କ୍ଷରୁ ପାନୀୟଜଳ, ସୌଚାଳୟର ସୁବନ୍ଦୋବସ୍ତ କରାଯିବାସହ ମେଡିକାଲ ଟିମ ପକ୍ଷରୁ ୧୦ ଜଣ କର୍ମଚାରୀ ପର୍ଯ୍ୟାୟ କ୍ରମେ ଉପସ୍ଥିତ ରହି ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା କରିଥିଲେ, ଓ ପର୍ଯ୍ୟାପ୍ତ ପରିମାଣର ଓଆରଏସ, ମେଡିସିନ, ସାଲାଇନର ବ୍ୟବସ୍ଥା ସହ ଆମ୍ବୁଲାନସ,ଅଗ୍ନିଶ୍ରମ ବିଭାଗ ର ଦମକଳ ଗାଡି ମଧ ନିୟୋଜିତ କରାଯାଇଥିଲା । ପୂଜକ ଦିଲିପ କୁମାର ପଣ୍ଡା, ପୂର୍ବତନ ସରପଞ୍ଚ ବିଜୟ ସ୍ୱାଇଁ, ରମେଶ ମହାନ୍ତି, ଦିଲିପ ସ୍ୱାଇଁ ଙ୍କ ପରିଚାଳନାରେ ସ୍ଥାନୀୟ କେରକେରା ଗ୍ରାମର ଗୋରେଖ ବାହିନୀର ୮୦ଜଣ ରୁ ଉର୍ଦ୍ଧ ସଦସ୍ୟ ଓ ଗ୍ରାମ ବାସୀଙ୍କ ଦ୍ୱାରା ପ୍ରସାଦ ପରିବେଷଣ ହୋଇଥିଲା ।

# ପାରାଦୀପ ଇଫକୋ ୟୁନିଟ ପକ୍ଷରୁ ଅପାତକାଳୀନ ସଚେତନତା କାର୍ଯ୍ୟକ୍ରମ

ପାରାଦୀପ, ତା୧୨/୨(ନି.ପ୍ର) ଇଫକୋ ପାରାଦୀପ ୟୁନିଟ ତାର କର୍ମଚାରୀ, ଶ୍ରମିକ, କମ୍ପାନୀରେ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ସମେତ ପାରିପାର୍ଶ୍ୱିକ ଗ୍ରାମ ଓ ଜନସାଧାରଣ ଙ୍କୁ ଆପତକାଳୀନ ବିପର୍ଯ୍ୟୟ ଓ ଆମୋନିଆ ଗ୍ୟାସ ଲିକେଜ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ କରିଆସୁଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ଏବଂ ଜିଲ୍ଲା ଆପତକାଳୀନ ନିଷ୍ପତି କ୍ରମେ ଇଫକୋ ପକ୍ଷରୁ ଏକ ଆମୋନିଆ ଗ୍ୟାସ ଲିକେଜ, ଗୃହ ସୁରକ୍ଷା, ଅଗ୍ନିକାଣ୍ଡ ଓ ସଡ଼କ ସୁରକ୍ଷା ସତର୍କତା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଭୁତମୁଣ୍ଡାଇ ସ୍ଥିତ ଭୂତେଶ୍ୱର ମନ୍ଦିର ପରିସରରେ ସୋମବାର ଦିନ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ସରପଞ୍ଚ, କୃଷକ ସାଥୀ, ଗ୍ରାମବାସୀ, ଏସଏଚଜି ସଦସ୍ୟ, ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନବାଡ଼ି ସଦସ୍ୟ ଙ୍କ ସମେତ ପ୍ରାୟ ୩ ଶହ ରୁ ଉର୍ଦ୍ଧ ଅଂଶଗ୍ରହଣକାରୀ ଉତ୍ସାହ ର ସହ ଭାଗ ନେଇଥିଲେ । ଏଥିରେ ସମସ୍ତଙ୍କୁ ଆମୋନିଆ ନିର୍ଗତ ସମୟରେ ପ୍ରତିଷେଧକ ମୂଳକ ବ୍ୟବସ୍ଥା ସମ୍ପର୍କିତ ସଚେତନତା ଲିଫଲେଟ ବା ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା । ଏହି ଅବସରରେ ଇଫକୋ କୋର୍ଡେଟ ର ଅଧ୍ୟକ୍ଷ କୁଳମଣି ମାଝୀ,ଇଫକୋ ଏଫ ଆଣ୍ଡ ଏସ ର ଉପ ପ୍ରବନ୍ଧକ ଏମ.ଆର.ନାୟକ,ପି.ସି.ବିଶ୍ୱାଳ ଏବଂ ଏ.କେ.ଜେନା ଗ୍ୟାସ ଲିକେଜ ଏବଂ ଅନ୍ୟ ଜରୁରୀ କାଳୀନ ପରିସ୍ଥିତିରେ କିପରି ସତର୍କତା ଅବଲମ୍ବନ କରାଯିବ ସେ ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ ।

# କଟକ ରେଳ ଷ୍ଟେସନ ପୁନର୍ବିକାଶ କାର୍ଯ୍ୟ

ଭୁବନେଶ୍ୱର, ୧୨.୦୨.୨୦୨୫ : ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଅନ୍ତର୍ଗତ କଟକ ରେଳ ଷ୍ଟେସନରେ ଏୟାର କନକୋର୍ସ ନିର୍ମାଣ ଏବଂ ୟାର୍ଡ଼ ନବୀକରଣ ଓ ଅନ୍ୟାନ୍ୟ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟକୁ ଦୃଷ୍ଟିରେ ରଖି, ଗୋଟିଏ ମାସ ପାଇଁ ତିନୋଟି ଦୂରଗାମୀ ଟ୍ରେନ୍‌କୁ ମାର୍ଗ ପରିବର୍ତ୍ତନ କରିବାକୁ ଯୋଜନା କରାଯାଇଛି । ଏହି ଅସ୍ଥାୟୀ ମାର୍ଗ ପରିବର୍ତ୍ତିତ ଟ୍ରେନଗୁଡ଼ିକ ବାରଙ୍ଗ-କଟକ-କପିଳାସ ରୋଡ୍ ନିର୍ଦ୍ଧାରିତ ମାର୍ଗ ପରିବର୍ତ୍ତେ ବାରଙ୍ଗ-ନରାଜ ମାର୍ଥାପୁର-କପିଳାସ ରୋଡ୍ ମାର୍ଗରେ ଚଳାଚଳ କରିବ । କଟକ ଷ୍ଟେସନରେ ଏହି ଟ୍ରେନଗୁଡ଼ିକର ରହଣିକୁ ବାଦ୍ ଦିଆଯିବ ଏବଂ ୧୬ ଫେବୃଆରୀରୁ ୧୭ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ନରାଜ ମାର୍ଥାପୁର ରେଳ ଷ୍ଟେସନରେ ଅସ୍ଥାୟୀ ରହଣି ପ୍ରଦାନ କରାଯିବ । ଏହି ଆଧୁନିକୀକରଣ ଏବଂ ନିରାପତ୍ତା ସମ୍ବନ୍ଧୀୟ କାର୍ଯ୍ୟ ପାଇଁ ଅସ୍ଥାୟୀ ଭାବରେ ମାର୍ଗ ପରିବର୍ତ୍ତନ କରାଯାଇଥିବା ଟ୍ରେନଗୁଡ଼ିକର ଯାତ୍ରୀମାନଙ୍କ ପାଇଁ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ କଟକ ରେଳ ଷ୍ଟେସନ ଏବଂ ନରାଜ ମାର୍ଥାପୁର ରେଳ ଷ୍ଟେସନ ମଧ୍ୟରେ ମାଗଣା ବସ୍ ସେବା ପ୍ରଦାନ କରିବ । ୧୬ ଫେବୃଆରୀରୁ ୧୬ ମାର୍ଚ୍ଚ ୨୦୨୫ ମଧ୍ୟରେ ପ୍ରତି ମଙ୍ଗଳବାର (ସୋମବାର ବିଳମ୍ବିତ ରାତିରେ) କଟକରେ ପହଞ୍ଚୁଥିବା ୧୨୫୧୫ କୋଏମ୍ବାଟୁର-ସୀଲଚର ସାପ୍ତାହିକ ସୁପର-ଫାଷ୍ଟ ଏକ୍ସପ୍ରେସ; ବୁଧବାର ଏବଂ ଗୁରୁବାର (ମଙ୍ଗଳବାର ଏବଂ ବୁଧବାର ବିଳମ୍ବିତ ରାତିରେ) କଟକରେ ପହଞ୍ଚୁଥିବା ୨୨୬୪୩ ଏର୍ଣ୍ଣାକୁଲମ-ପାଟନା ଦ୍ୱି-ସାପ୍ତାହିକ ଏକ୍ସପ୍ରେସ ଏବଂ ଶୁକ୍ରବାର, ଶନିବାର ଏବଂ ରବିବାର (ଗୁରୁବାର, ଶୁକ୍ରବାର ଏବଂ ଶନିବାର ବିଳମ୍ବିତ ରାତିରେ) କଟକରେ ପହଞ୍ଚୁଥିବା ୧୨୫୦୯ ବେଙ୍ଗାଲୁରୁ-ଗୌହାଟି ତ୍ରି-ସାପ୍ତାହିକ ଏକ୍ସପ୍ରେସ କଟକ ରେଳ ଷ୍ଟେସନ ପରିବର୍ତ୍ତେ ଅସ୍ଥାୟୀ ମାର୍ଗ ପରିବର୍ତ୍ତନରେ ନରାଜ ମାର୍ଥାପୁର ରେଳ ଷ୍ଟେସନରେ ରହଣି କରିବ । ଉପରୋକ୍ତ ଟ୍ରେନଗୁଡ଼ିକ ପାଇଁ କଟକ ରେଳ ଷ୍ଟେସନ ଠାରୁ ଯାତାୟାତ କରିବାକୁ ଥିବା ଯାତ୍ରୀମାନଙ୍କୁ ଏହି ସମୟ ମଧ୍ୟରେ ନରାଜ ମାର୍ଥାପୁର ଏବଂ କଟକ ରେଳ ଷ୍ଟେସନରେ ଉଭୟ ପାର୍ଶ୍ୱରୁ ମାଗଣା ବସ୍ ସୁବିଧା ରେଳବାଇ ଦ୍ୱାରା ଯୋଗାଇ ଦିଆଯିବ ।

# ୪୬ ତମ ଅଖିଳ ଭାରତ ବୃହତ୍ ବନ୍ଦର ଫୁଟବଲ ପ୍ରତିଯୋଗିତା ଉଦ୍ଘାଟିତ

ପାରାଦୀପ, ତା୧୨/୨(ନି.ପ୍ର) : ପାରାଦୀପ ବନ୍ଦର ପ୍ରାଧିକରଣ ଓ ଅଖିଳ ଭାରତ ବୃହତ୍ ବନ୍ଦର କ୍ରୀଡ଼ା ନିୟନ୍ତ୍ରଣ ବୋର୍ଡର ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ୧୨ ତାରିଖ ଦିନ ୪୬ତମ ଅଖିଳ ଭାରତ ବୃହତ୍ ବନ୍ଦର ଫୁଟବଲ ପ୍ରତିଯୋଗିତା ଉଦ୍ଘାଟିତ ହୋଇ ଯାଇଛି । ବନ୍ଦରର ଅର୍ଥ ପରାମର୍ଶଦାତା ଶ୍ରୀ ଡି ଏନ୍ ଶୋଣ୍ଡିଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବନ୍ଦରର ଟ୍ରାଫିକ ପରାମର୍ଶଦାତା ଆଶିଷ ବୋଷ ଯୋଗଦାନ କରି ଆନୁଷ୍ଠାନିକ ଭାବେ ପ୍ରତିଯୋଗିତାକୁ ଉଦ୍ଘାଟନ କରିଥିଲେ । ଏହି ପ୍ରତିଯୋଗିତାରେ କୋଚିନ୍, ଚେନ୍ନାଇ, ଶ୍ୟାମା ପ୍ରସାଦ ମୁଖର୍ଜି, ମୁମ୍ବାଇ, ଗୋଆ, ଭି ଓ ଚିଦମ୍ବରନାର, ବିଶାଖାପାଟଣା ଓ ଆୟୋଜକ ପାରାଦୀପ ବନ୍ଦର ଭାଗ ନେଇଛନ୍ତି । ପ୍ରଥମ ଥର ପାଇଁ ଦିବା ରାତ୍ର ଆୟୋଜିତ ହେଉଥିବା ଏହି ପ୍ରତିଯୋଗିତା ଆସନ୍ତା ୧୬ ତାରିଖ ଦିନ ଉଦଯାପିତ ହେବ । ଆସନ୍ତା ୫ ଦିନ ଧରି ବିଭିନ୍ନ ବନ୍ଦରରୁ ଆସିଥିବା ଫୁଟବଲ ଖେଳାଳି ମାନେ ସେମାନଙ୍କର କ୍ରୀଡ଼ା ନୈପୁଣ୍ୟତା ପ୍ରଦର୍ଶନ କରିବେ । ଉଦ୍ଘାଟନୀ ମ୍ୟାଚରେ ପାରାଦୀପ ବନ୍ଦର ବିଶାଖାପାଟଣା ବନ୍ଦରକୁ ୬-୦ ଗୋଲ ବ୍ୟବଧାନରେ ପରାସ୍ତ କରିଛି ।

# ପାରାଦୀପରେ ବାୟୋଗ୍ୟାସ ପ୍ଲାଣ୍ଟ ପ୍ରକଳ୍ପ ସ୍ଥାପନ ପାଇଁ ଟେକ୍‌ନିମଂଟ (ମାୟରେ), ପାରାଦୀପ ପୌରସଂସ୍ଥା ଏବଂ ଏନଆଇଟିକେ-ସୁରଥକାଲ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜିତ

ପାରାଦୀପ - ଟେକ୍‌ନିମଂଟର ଭାରତୀୟ ସହଯୋଗୀ କମ୍ପାନୀ ଟେକ୍ ?ନିମଂଟ ପ୍ରାଇଭେଟ ଲିମିଟେଡ (ଟିସିଏମପିଏଲ୍), ପାରାଦୀପ ପୌରସଂସ୍ଥା ଏବଂ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଟେକ୍‌ନୋଲୋଜି, କର୍ଣାଟକ, ସୁରଥକାଲ (ଏନଆଇଟିକେ) ପକ୍ଷରୁ ଓଡ଼ିଶାର ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ପାରାଦୀପ ପୌରାଞ୍ଚଳରେ ଏକ-ଟନ୍ କ୍ଷମତା ବିଶିଷ୍ଟ ବାୟୋଗ୍ୟାସ ସ୍ଥାପନ ନିମନ୍ତେ ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମ ଶିଳ୍ପ, କୌଶଳ ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ପାରାଦୀପ ପୌର ପରିଷଦ ଅଧ୍ୟକ୍ଷ ଶ୍ରୀ ବସନ୍ତ ବିଶ୍ୱାଳ, ମାୟରେ ଗ୍ରୁପ୍ ର ସିଇଓ ଶ୍ରୀ ଆଲେସାଣ୍ଡ୍ରୋ ବର୍ନିନି ଏବଂ ଅନ୍ୟାନ୍ୟ ସରକାରୀ ପଦାଧୀକାରୀଙ୍କ ସମେତ ଏନଆଇଟିକେ ପ୍ରତିନିଧିଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା । ଏହି ବାୟୋଗ୍ୟସ ପ୍ଲାଣ୍ଟ ଟିସିଏମ୍‌ପିଏ ଟିସିଏମ୍‌ସିଏଲ କର୍ପୋରେଟ ସାମାଜିକ ଦାୟିତ୍ୱ ନିର୍ବାହ ପ୍ରୟାସସମୂହର ଏକ ଅଂଶ ଏବଂ ଏହା ପାରାଦୀପ ପୌରସଂସ୍ଥା, ଜଗତସିଂହପୁର ଜିଲ୍ଲା ପ୍ରଶାସନ ଏବଂ ଏନଆଇଟିକେ ସହଯୋଗୀତାରେ ତ୍ରିପାକ୍ଷିକ ରାଜିନାମା ଅଧୀନରେ କାର୍ଯ୍ୟକାରୀ କରାଯାଉଛି । ଏହି ପ୍ରକଳ୍ପ ଖାଦ୍ୟ ଓ ପନିପରିବା ବର୍ଜ୍ୟକୁ କଞ୍ଚାମାଲ ଭାବରେ ବ୍ୟବହାର କରି ରନ୍ଧନ ଗ୍ୟାସ ହେବାକୁ ଥିବା ବାୟୋଗ୍ୟାସ ଉତ୍ପାଦନ କରିବା ନିମନ୍ତେ ଏକ କ୍ଷୁଦ୍ର-ସୁବିଧା କ୍ଷୁଦ୍ର-ସୁଚି ସ୍ଥାପନ ଲକ୍ଷ୍ୟ ରଖୁଛି, ଯଦ୍ୱାରା ବର୍ଜ୍ୟରୁ ସମ୍ବଳ ସୃଷ୍ଟି ମଧ୍ୟରେ ରହୁଥିବା ଖାଲିସ୍ଥାନକୁ ସଫଳତାର ସହିତ ପୂରଣ କରିବ । ଏହି ପ୍ଲାଣ୍ଟ ସ୍ଥାନୀୟ ଜନସମୁଦାୟଙ୍କୁ ସେବା ଯୋଗାଇବା ନିମନ୍ତେ ଆଗାମୀ ୧୨ ମାସ ମଧ୍ୟରେ କାର୍ଯ୍ୟକ୍ଷମ ହେବା ଆଶ କରାଯାଉଛି । ଏହି ଅବସରରେ ମାୟରେ ଗ୍ରୁପ୍ ର ଇଣ୍ଡିଆ ରିଜନ୍ ଭାଇସ-ପ୍ରେସିଡେଣ୍ଟ ଶ୍ରୀ ମିଲିନ୍ଦ ବାରିଡେ ଉଦ୍ ?ବୋଧନ ଦେଇ କହିଥିଲେ ଏହି ସୁବିଧା ଆବର୍ତ୍ତୀ, ସାମାଜିକ ଦାୟିତ୍ୱ ନିର୍ବାହ ଏହା ସେବା ଯୋଗାଉଥିବା ଜନସମୁଦାୟରେ ଅର୍ଥନୈତିକ ଦୀର୍ଘସ୍ଥାୟିତା ପ୍ରତି ମାୟରେ ଗ୍ରୁପ୍‌ର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଏହା ପରିବେଶଗତ ଅଗ୍ରଦୂତ ଏବଂ ସାମାଜିକ ସଶକ୍ତି କରଣ ଭଳି ଦୁଇଟି ବିଷୟରେ ଟିସିଏମ୍‌ପିଏଲର ଦୃଷ୍ଟି ନିବଦ୍ଧ ସମ୍ପର୍କ ଉଲ୍ଲେଖ କରୁଛି ଏବଂ ଭବିଷ୍ୟତରେ ଅନୁରୂପ ଅକ୍ଷୟ ଶକ୍ତି ପ୍ରକଳ୍ପଗୁଡିକର ବୃହଦାକାୟ ମଡେଲ




ଯୋଗାଇ ଦେଉଛି । ଓଡ଼ିଶା ସରକାରଙ୍କ ଶିଳ୍ପ, କୌଶଳ ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଏହି ପ୍ରସ୍ତାବିତ ବାୟୋଗ୍ୟାସ ପ୍ଲାଣ୍ଟ ପୌରାଞ୍ଚଳରୁ ନିର୍ଗତ ହେଉଥିବା ଖାଦ୍ୟ ବର୍ଜ୍ୟର ପୁନଃଚକ୍ରଣ କରିବାକୁ ଲକ୍ଷ୍ୟ ରଖୁଛି ଏବଂ ଏହା ଭୂମିକୁ ପୋତିବା ବୋଝ ହ୍ରାସ କରିବ । ପୌରାଞ୍ଚଳରୁ ପୃଥକୀକରଣ ଜରିଆରେ ବର୍ଜ୍ୟବସ୍ତୁକୁ ସଂଗ୍ରହ କରାଯାଇ ଏହି ଏକ-ଟନ୍ କ୍ଷମତା ବିଶିଷ୍ଟ ବାୟୋଗ୍ୟାସ ପ୍ଲାଣ୍ଟରେ ଉପଯୋଗ କରାଯାଇ ସେଥିରୁ ଚୂଡାନ୍ତ ଉତ୍ପାଦ ଆକାରରେ କିମ୍ପ୍ରେସନ୍ ବାୟୋଗ୍ୟାସ ପ୍ରସ୍ତୁତ କରାଯିବ, ଯାହାକୁ ଇନ୍ଧନ ଭାବରେ ବ୍ୟବହାର କରାଯିବ ଏବଂ ଏହା ଗୋଷ୍ଠୀ ପାକଶାଳାକୁ ଯୋଗାଇ ଦିଆଯିବ । ଏହାଦ୍ୱାରା ଏକ ଦୀର୍ଘସ୍ଥାୟୀ ଶକ୍ତି ପରିବ୍ୟବସ୍ଥାକୁ ପ୍ରୋତ୍ସାହିତ କରାଯିବ । ପାରାଦୀପ ପୌର ପରିଷଦ ଅଧ୍ୟକ୍ଷ ଶ୍ରୀ ବସନ୍ତ କୁମାର ବିଶ୍ୱାଳ କହିଥିଲେ ଏହି ପ୍ରକଳ୍ପ ସମୁଦାୟ ପାରାଦୀପ ପୌରପାଳିକା ଅଧିକାରୀମାନଙ୍କର ନିରନ୍ତର ଏକନିଷ୍ଠ ପ୍ରୟାସର ନିଦର୍ଶନ ହୋଇଛି, ଯେଉଁମାନେ ଏହାକୁ ସମ୍ଭବ କରିପାରିଛନ୍ତି । ଏହି ପ୍ରକଳ୍ପ କେବଳ ଏକ ଆବର୍ତ୍ତୀ ଅର୍ଥନୀତି ପାଇଁ ଉଦାହରଣ ସୃଷ୍ଟିକରିବ ନାହିଁ, ତାହାସହିତ ପାରାଦୀପରେ ସବୁଜ ଶକ୍ତି ନିଯୁକ୍ତି ସୁଯୋଗ ମଧ ସୃଷ୍ଟି କରିବ । ଏହି ପ୍ରକଳ୍ପ ମଧ ଏନଆଇଟିକେ ପରିସରରେ ଏକ ପାଇଲଟ ପର୍ଯ୍ୟାୟରେ ନିର୍ମାଣ କରାଯାଇ ଶିକ୍ଷାଗତ ଫାଇଦା ଉପରେ ଗୁରୁତ୍ୱ ଦେଉଛି, ଯାହା ଛାତ୍ରଛାତ୍ରୀଙ୍କ ପାଇଁ ମୂଳଦୁଆ ସ୍ତରର ତାଲିମ ପ୍ରଦାନ କରିବ । ଏହି ପ୍ଲାଣ୍ଟ ଜୈବିକ ବର୍ଜ୍ୟ ପରିଚାଳନା ନିମନ୍ତେ ନବୋନ୍ମେଷୀ ସମାଧାନ ଗୁଡିକର ଏକ ମଡେଲ ଭାବରେ କାର୍ଯ୍ୟ କରିବା ସହିତ ବିଶ୍ୱବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କର ପ୍ରାକ୍ଟିକାଲ ଶିକ୍ଷା ଆହରଣ ଅନୁଭୂତି ହାସଲ ନିମନ୍ତେ ସେମାନଙ୍କୁ ସକ୍ରିୟ ଭାବରେ ନିୟୋଜିତ କରିବ । ତେବେ ଏନଆଇଟିକେ ର ଡାଇରେକ୍ଟର ପ୍ରଫେସର ବି. ରବି ପ୍ରକଳ୍ପ ସମ୍ପର୍କରେ ପ୍ରକାଶ କରି କହିଥିଲେ ମାୟରେ ଗ୍ରୁପ୍ ସମର୍ଥନରେ ଆମର ସୁରଥକାଲ କ୍ୟାମ୍ପସରେ ଦୀର୍ଘସ୍ଥାୟୀ ପ୍ରୟାସସମୂହର ସମ୍ଭାବନା ଅନୁଧ୍ୟାନ ଦିଗରେ ଏନଆଇଟିକେ ସକ୍ରିୟ ଭାବରେ କାର୍ଯ୍ୟ କରୁଛି । ଟିସିଏମ୍‌ପିଏଲ ସମର୍ଥନରେ ଆମର ଏକ ୫୦୦ କିଲୋଗ୍ରାମ ବାୟୋଗ୍ୟାସ ପ୍ଲାଣ୍ଟ କାର୍ଯ୍ୟ କରୁଛି । ଆମେ ପାରାଦୀପରେ ଏହି ଅଭିଜ୍ଞତାକୁ ବୃହତ୍ ଆକାରରେ ପ୍ରୟୋଗ କରିବା ନେଇ ଆନନ୍ଦିତ ଅଛୁ, ଏହାଦ୍ୱାରା ଓଡ଼ିଶାର ସବୁଜ ଶକ୍ତି ଲକ୍ଷ୍ୟସମୂହ ପ୍ରତି ଅବଦାନ ରଖିପାରିବୁ । ଏହି ପ୍ରକଳ୍ପ ଛାତ୍ର ଛାତ୍ରୀ, ଉଦୀୟମାନ ଇଦ୍ୟୋଗୀଗଣ ଏବଂ ଅନ୍ୟ ସଂସ୍ଥାଗୁଡିକୁ ଅକ୍ଷୟ ଶକ୍ତିର ବିଶାଳ ସାମର୍ଥ୍ୟର ସୁଯୋଗ ନେବା ନିମନ୍ତେ ପ୍ରେରଣା ଦେବ ବୋଲି ଆଶା ବ୍ୟକ୍ତ କରିଛନ୍ତି । ବର୍ଜ୍ୟ ପୁନଃଚକ୍ରଣ ଏବଂ ବଂ ଆବର୍ତ୍ତୀ ଅର୍ଥନୀତି କ୍ଷେତ୍ରରେ ମାୟରେ ସେଣ୍ଟର ଫର ରିସର୍ଚ୍ଚର ପ୍ରକଳ୍ପ ସଂଯୋଜକ ଥିବା ସମ୍ମାନାସ୍ପଦ ଏନଆଇଟିକେ ଫାକଲଟି ସଦସ୍ୟ ପ୍ରଫେସର ବାସୁଦେବ ମାଦର ଏବଂ ଆମର ପ୍ରାକ୍ତନ ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ଉତ୍ସର୍ଗୀକୃତ ପ୍ରୟାସ ନିମନ୍ତେ ମୁଁ ମୋର ଅଭିନନ୍ଦନ ଓ କୃତଜ୍ଞତା ଜଣାଉଛି ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ